Split by PDF Splitter



ଅନୁଧାବନରୁ ନିବୃତ୍ତି ହେବ ଯଦି ପ୍ରଯୁକ୍ତ ଉର୍ଦ୍ଧ୍ୱ ଅଭିହିତ ବାଧ୍ୟଗ୍ରନ୍ଥ ମେମାସ ଶେଷସୁଦ୍ଧା ପ୍ରକାଶ ହେବ ।

By order
Hem Chandra Ghose
Head clerk & Seerestadar
Talchair Maharaja's Court.

NOTICE.

Wanted a teacher for the 'Samya-Badi school. Salary Rs. 15 per mensem. None need apply who has not passed at least the Entrance Examination and has not good knowledge in English and pure a moral character. Application should be sent to the undersigned before the 1st of May 1888.

Cuttack College Lane } L. CHACKRAVARTY. Samya-Badi School.

ସାମ୍ୟବାଦୀବିଦ୍ୟାଳୟ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆ ଯାଉଅଛି କି ଆଗାମୀ ତା ୧ ଲା ବୈଶାଖ ଦିବସରୁ ଓଡ଼ିଆଛାତ୍ରମାନଙ୍କ ସୁବିଧାର୍ଥ କଲେଜଗଳିସ୍ଥିତ ସାମ୍ୟବାଦୀ ବିଦ୍ୟାଳୟରେ ଓଡ଼ିଆ ମାଇନର ଓ ଛାତ୍ରବୃତ୍ତି ଶ୍ରେଣୀ ଫିଟିବ । ଉପଯୁକ୍ତ ଶିକ୍ଷକ ଓ ପଣ୍ଡିତମାନଙ୍କଦ୍ୱାରା ଶିକ୍ଷାଦାନକାର୍ଯ୍ୟ ସମ୍ପାଦିତ ହେବ । ବେତନର ପରିମାଣ ଯେତେଦୂର ସମ୍ଭବ କମ କରି ଯାଉଅଛି ଏକଛାତ୍ରଙ୍କ ବୃତ୍ତି ଓ ବିଦ୍ୟାଳୟର ଉନ୍ନତି ହେଲେ ଭବିଷ୍ୟତରେ ବେତନର ପରିମାଣ ଅଳ୍ପ ହ୍ରାସ କରାଯିବ । ବର୍ତ୍ତମାନ ପାଇ ବେତନର ପରିମାଣ ନିମ୍ନଲିଖିତ ପ୍ରକାର ଧାର୍ଯ୍ୟ ହେଲା ।

| | | | |
|---|---|---|---|
| ପ୍ରଥମଶ୍ରେଣୀ | ଟ ୦ ୩ | ତୃତୀୟଶ୍ରେଣୀ | ଟ ୦ ।୶ |
| ଦ୍ୱିତୀୟଶ୍ରେଣୀ | ଟ ୦ ॥ | ଚତୁର୍ଥଶ୍ରେଣୀ | ଟ ୦ ।୶ |

ପଞ୍ଚମଶ୍ରେଣୀ ଟ ୦ ।

କେବଳ ଛାତ୍ରବୃତ୍ତି ପାଠାର୍ଥୀମାନଙ୍କୁ ଉକ୍ତିଖିତ ବେତନର ଅର୍ଦ୍ଧେକ ( ପଞ୍ଚମଶ୍ରେଣୀ ଛଡ଼ା ) ଦେବାକୁ ପଡ଼ିବ ।

ବର୍ତ୍ତମାନ ପ୍ରତ୍ୟେକ ଶ୍ରେଣୀରେ ଦୁଇଜଣ ଲେଖାଏଁ ଗରିବ ଛାତ୍ରଙ୍କୁ ଅବୈତନିକରୂପେ ଗ୍ରହଣ କରାଯିବ, ଅସମର୍ଥ ଛାତ୍ରମାନେ ଅମଠାରେ ଆବେଦନ କରିବେ ।

ପୁନଶ୍ଚ ପ୍ରକାଶ ଥାଉ କି ବଙ୍ଗଭାଷାଶିକ୍ଷାର୍ଥୀ ଛାତ୍ରମାନଙ୍କ ସମ୍ବନ୍ଧରେ ଇତପୂର୍ବେ ଯେଉଁ ନିୟମ କରା ଯାଇଅଛି ତହିଁରେ କୌଣସି ପରିବର୍ତ୍ତନ କରା ଯାଇ ନାହିଁ । ଏହି ବିଦ୍ୟାଳୟରେ ଯାହାର ଇଚ୍ଛା ବଙ୍ଗଳା ଓ ଯାହାର ଇଚ୍ଛା ଓଡ଼ିଆ ଓ ଇଂରାଜୀ ପଢ଼ି ପାରିବ ।

କଟକ    ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ସାମ୍ୟବାଦୀ ବିଦ୍ୟାଳୟ

ଯେହେତୁ ଏ ରଣପୁର କିଲ୍ଲା । ଇ । ଗଡ଼ି-ବେଢ଼ାଆଟଗଣି ଅନ୍ତର୍ଗତ ସିନ୍ଦୂରଥା ମୌଜାରେ ରାଜେ ଶ୍ରୀ କମଳେଶ୍ୱର ଦେବଙ୍କ ନିକଟରେ ଏକଗୋଟି ନୂତନ ରଥଯାତ୍ରା ଅର୍ଥାତ ଚୈତ୍ର-ଶୁକ୍ଳଦ୍ୱିତୀୟା ନାମଧେୟରେ ଆରମ୍ଭ ହୋଇଅଛି ଯେ ସେ ଯାତ୍ରା ବୈଶାଖମାସ ଅଶୋକାଷ୍ଟମୀଦିନ ଅର୍ଥାତ ଅପ୍ରେଲ ତା ୧୯ ଇଖ ରୋଜ ଗୁରୁବାରଠାରୁ ଆରମ୍ଭ ହୋଇ ପ୍ରାଏ ପନ୍ଦରଦିନ-ପର୍ଯ୍ୟନ୍ତ ଯାତ୍ରା ଓ ମେଳା ଲାଗି ରହିଥାଏ ଓ ଦେଶ ବିଦେଶର ମଧ୍ୟ ଅଧିକାଂଶ ଯାତ୍ରି ଆସିଥାନ୍ତି ଏଥିରୁ ଏବର୍ଷ ବିକ୍ରିପାଇଁକୁ ଦେଶ-ବିଦେଶରୁ ମହାଜନମାନେ ଆପଣା୨ର ଜିନିସମାନ ଆଣିବାର କାରଣ ଅଣିବାସକାଳେ ସେମାନଙ୍କୁ ସମ୍ବାଦ ଦିଆଯିବାର ଉଚିତ ଏଥିପାଇଁ ବିଜ୍ଞାପନ ଦିଆଯାଇ ସମସ୍ତ ମହାଜନ ଓ ଅପରାପର ଲୋକମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଯାହାର ଉକ୍ତ ଯାତ୍ରାକୁ ଆସିବାର ଇଚ୍ଛା ହୁଏ ସେ ଉପରଲିଖିତ ତାରିଖ-ଠାରୁ ଆସି ଉକ୍ତ ସ୍ଥାନରେ ପ୍ରବେଶ ହୋଇ ଆପଣାର କାରବାର କରିବେ ।

ପ୍ରକାଶଥାଉକି ମହାଜନମାନଙ୍କ ରହିବା ଓ ଦୋକାନ ଦେବା ସକାଶେ ଗୃହମାନ ଗଡ଼-ସରକାରଙ୍କ ତରଫରୁ ପ୍ରସ୍ତୁତ କରାଯାଇ ବିନା-ଖର୍ଚ୍ଚରେ ସେମାନଙ୍କୁ ଦିଆଯିବ ।

## NOTICE.

TO BE LET OR SOLD

2 Bungalows at Chawleagunj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

TO BE SALED

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office.

Apply to

Hadjee Dadamia Abdool Salam
Managing Agent for Hajee Jackaria Mohomed &c.

ବିଜ୍ଞାପନ ।

କେହି କେସାୟୁରେ ନେବାକୁ ଇଚ୍ଛିଲେ କମ୍ ଖରଚ ଭଡ଼ା ନମନ୍ତେ ଗ୍ରହିଲେ ଦେଇ ପାରନ୍ତି ।

ଗୋ ୨ ଟା ବଙ୍ଗଳା ଚୌଲିଆଗଞ୍ଜଠାରେ ଅଛି ।

୧ ଦୋମହଲା ପକ୍କାକୋଠା ବାଙ୍କେଘର ଓ ବଗିଚ୍ଚ ଓଗେର ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାକ୍‌ନର ସାହେବଙ୍କର ଦଖଲ ଥିଲା ।

୧ ଏକମହଲା ପକ୍କାକୋଠି ତାହାର ବାଙ୍କେଘର ଗଇଁଯାଇଅଛି ମୁରାଦଖାଁ ପାଟଣା ନିକଟ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ ଥିଲା ।

ବିକ୍ରୀ ହେବ ।

୧ ଏକମହଲା ପକ୍କାକୋଠି ଓ ତାହାର ବାଙ୍କେଘର ଓଗେର ନ ୧୩ ମ୍ବର ପଲଟଣ ଇଲାକା ମଧ୍ୟରେ ଅଛି । ତାହାର କେସାୟୁ ପ୍ରତିମାସରୁ ୩୨ ଟା ଆୟ ହେଉଅଛି ।

୧ ଦୋମହଲା ପକ୍କାକୋଠି ଓ ବାଙ୍କେଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରଣୀ ଓ ବଗିଚ୍ଚ ଓଗେର ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରିବେ

ଶ୍ରୀ ହାଜି ଦାଦାମିୟାଁ ଅବଦୁଲ ସଲାମ
କର୍ମ ଚଳାଇବା ନିମନ୍ତେ କାରପରଦାଜ
ତରଫ ଜାନବେ ଶ୍ରୀ ହାଜି ଜକରିଆ
ମହମ୍ମଦ ଗୁମ୍ପାନି ।

## ମେହରୋଗ ।

ଶ୍ରୀ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତାହାଙ୍କି ରୋଗୀଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ତାହାଙ୍କୁ କହୁଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧର ଉପକାରିତାରେ ପ୍ରତାରଣା ନ ହେଲେ ଅନୁମିତ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ୮୦ ମ୍ବର ଭବନରେ ହ, କେ, ଘଡ଼ କମ୍ପାନିଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫାଇଲ ଟ ୨॥ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

Digitized by srujanika@gmail.com

Split by PDF Splitter

122



ଯୋଗସିଦ୍ଧ ଅଷ୍ଟଧାତୁ ଅଙ୍ଗୁଷ୍ଠ, ଅନନ୍ତବ୍ରତ ଓ ପଦକ ।






ଏ ସବୁ ସୁନା ରୂପା ତମ୍ବା ଲୁହା ରଙ୍ଗା ସୀସା ଦସ୍ତା ଓ ପାରଦରେ ନିର୍ମିତ । ଜ୍ୱର ଜଣ୍ଡା କାଶ, ଶ୍ୱାସ ଅର୍ଶ ମୂର୍ଚ୍ଛା ଅନ୍ନପ୍ରମେହ ବାତ ଉନ୍ମାଦ ଓଲାଉଠା ପ୍ରଭୃତି ସମସ୍ତ କ୍ଲିଷ୍ଟରୋଗର ଅବ୍ୟର୍ଥ ଔଷଧ । ସୁସ୍ଥଶରୀରରେ ଧାରଣ କଲେ ଶରୀରର ବଳ ସାର୍ମଥ୍ୟ କାନ୍ତି ଓ ପୁଷ୍ଟି ଅତ୍ୟନ୍ତ ବୃଦ୍ଧି ହୁଅଇ । ଏହି ଅନନ୍ତବ୍ରତ ଇତ୍ୟାଦି ହିମାଚଳ-ନିବାସୀ ଜଣେ ଯୋଗିଙ୍କଠାରୁ ପ୍ରାପ୍ତ ଓ ତାହାଙ୍କର ଆଜ୍ଞା ଅଛି ଯେ ରୋଗରୁ ମୁକ୍ତ ହେଲେ କୌଣସି ଦେବାଳୟରେ ଯଥାସାଧ୍ୟ ପୂଜା ଦେବାକୁ ହେବ ।

ପୁରୁଷ ଦକ୍ଷିଣକର ଓ ସ୍ତ୍ରୀ ବାମକରରେ ଏହି ଅନନ୍ତବ୍ରତ ଧାରଣ କରିବ ପୂର୍ଣ୍ଣିମା ଓ ଅମାବାସ୍ୟାରେ ଗଙ୍ଗାଜଳ ଅଥବା ଦେବପୁଷ୍କରେ ବ୍ୟବହାର ହୋଇପାରିବା ଶୁଦ୍ଧ ଜଳରେ ବୁଡ଼ାଇ ଦେଇ ଜଳ ପିଇବ ।

ମୂଲ୍ୟ

| | | |
|---|---|---|
| ଅନନ୍ତବ୍ରତ | ଗୋ ୧ ଖିଲୁ | ଟ ୧ ୯ |
| କବଚ ଅବା ପଦକ | " | ଟ ୧୫ |
| ଅଙ୍ଗୁଷ୍ଠ | " | ଟ ୧। |

ଡାକରେ ପଠାଇବାକୁ ହେଲେ ଡାକମାସୁଲ ଦେବାକୁ ହେବ ।
କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---


# ଓଡ଼ିଶା ମିଶନ ପ୍ରେସ
## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।
ଗଭର୍ଣ୍ଣମେଣ୍ଟ, ଶିକ୍ଷା ବାଣିଜ୍ୟ ଓ ଜମିଦାରୀ-ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।
ଏଷ୍ଟିମେଟ ମଗିଲେ ମିଳଇ ।


# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଆର୍ତ୍ତବନ୍ଧୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୨ ପଣି | ବାଲି | ଦ ୧୬ ଟ ୨୷ | ଡ ୧୬ ଟ ୦ ୷ |
| ୧୬ ପଣି | " | " ଟ ୨୷ | " ଟ ୦ ୷ |
| ୧୨ ପଣି | " | " ଟ ୨। | " ଟ ୦ ୷ |
| ୩୦ ପଣି | " | " ଟ ୭। | " ଟ ୦ ।୨ |

କ୍ରେତାମାନେ ଅର୍ଥାତ ଯେଉଁମାନେ ଏକ ଥରେ ଉ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତନ୍ତରକୋଣା ଓ ବାଲୁଗାଁ ଓ ରେସମୀଓରେର ଲୁଗା ଓ ଷ୍ଟେସନେରୀ ଓ ନାନାଜାତି ଜିନିଷ ସବୁପ୍ରକାର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଅଧୁନା କେତେକ ପେଟେଣ୍ଟ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍‌ଭିନ୍ନ ଅମ୍ଭେମାନେ ବହୁତ ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଭଡ଼ା ଲୋଡ଼ାନ୍ତି ତେବେ ଏକ ସପ୍ତାହକୁ ପ୍ରତି ଖଣ୍ଡି ଟ୦୷ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ସବୁ ଖର୍ଚ୍ଚପତ୍ରର ଭାର ତାଙ୍କ ଉପରେ ରହିବ । ଖଣ୍ଡ ହେଲେ ଗାଡ଼ିର ପୂରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| କଲର ଷ୍ଟେସଣ ଓ ପହିଲେ ସୁବ ଭେଲେ ସ୍କେଲ । | କାଳି ପିସ୍ତଳ ଓ ବନ୍ଧୁକ ଟୋପି ଓ ଗୁଳି |
| ଉପେନ୍ଦ୍ରଭାଜ | ବିଲାତି କେକ୍‌ଟସ |
| କପେଟିନ୍ ତେଲ ଲଣ୍ଠନ ଚିମନି ଗୁଣା ଓ ତୋଳ ସୂତା । | ଉଲର ବୁଲକସକୁସ ଏକପ୍ରକାର ଜୁତା |
| ଟ୍ରଙ୍କ ଅର୍ଥାତ ଦରଜା କଟଖା କାଗଜ ପେନ୍ସିଲ ଓ କଲମ । | ଲେଲଙ୍ଗ ଉପୋର ସମ କେସଭ ଅଲି |
| ପେନ୍‌ସିଲ କାଟିବା ଛୁରି । | ମାର୍କିଂ କାଳି ଲୁଗାରେ ଥରେ ଲେଖିଲେ ଧୋଇଲେ ଉଠେ ନାହିଁ । |
| ନାନା ପ୍ରକାରର ଚିଠି-କାଗଜ ଓ ଲଫାପା | ଏ, ଲୋଷନ ସସ୍ତେଦ ବାର୍ଣ୍ଣିଶ ଓ ବ୍ରୁସ । |
| ଟ୍ରଙ୍କ ତାଲା । | ଟେଲର ଅନ୍ଦରୋଷ |
| ଟେବଲ ଛୁରି । | ଏକଟ କାଗଜ । |
| ଜଲବି ସାବୁନ । | ବୁଥପ ପେଷ । |
| ଦାନ୍ତ ସଫା କରିବାରେ ଲେ ଲୁଗା ପଡ଼ିଛି ବୁଦ । | ଅଟୋମେଟିକ ପେନ୍‌ସିଲ ଅର୍ଥାତ ଏ ପେନ୍‌ସିଲରେ ଲେଡ଼ କରଣ ପେଟ ଭଲ ଦ୍ୱାରା ଲେଖା ଯାଏ ସରେ ଲେଡ ଦପାଇ ଦେଲେ ଚଳିବ ନାହିଁ । |
| ଡରୋନ ଟେଲ—ଅର୍ଥାତ ସୁରଖୀ ତେଲ । | କଟିଙ୍ଗ ପେପର । |
| ଅବଲ ବୁଟ । | କପିଇନ ପେନସିଲ ଉଠାଇ ଯାଏ । |
| ଓମ୍‌ନିବସ ସୂପ୍ ଛତା । | କାଲର ଷ୍ଟୋପର ଅର୍ଥାତ ଦଠୀଲ ବନ୍ଦ କରିବାର ଉପାୟ । |
| କପିଇଙ୍ଗ ଅଙ୍କ । | ନମସ୍କାର । |
| ହୋଲଡେଭାଇନ । | ଲେଡ଼ ଫ୍ଟ୍ ପେନ୍‌ସିଲ୍ । |
| ପୋଲିସସୁଟର କେନ୍ଦ୍ରକ ଦିବାରେ ଓ ବଳକ ଗୋଡ଼ରେ ଲଗେ | ଜମ ସୋଟର |
| ଟ୍ରଙ୍କ ଖଣ୍ଡ ଅର୍ଥାତ କେଉଁଠାରେ ଖଇ ଓ ଶୁଖିଲେ ବନ୍ଦ ହେବ । | ବନାରସୀ ଶାଢ଼ୀ ଓ ଯୋଡ଼ ଓ କନ |
| ଖଡ଼ିକା ଟକ୍ସା ୧୨×୧୦ ଇଞ୍ଚ ୧୪×୧୨ ଇଞ୍ଚ | ମଲମଲ ଖାସ ଓ ଫୁଲ-ଦାର ପାଟଗୋଳ ଓ ଶାଢ଼ୀ । |
| ପକେଟ ବୁକ ସଂଗ୍ରହ ପାଞ୍ଚ ଖଣ୍ଡ ଟ ୦ ।୷୦ | ଟ୍ରିଙ୍କିଂ ବାଣ୍ଡି |
| ମୋହା ଓ ମୋହାବନ ଲଣ୍ଡନ ଧୂଆ ଜକସନ୍‌ସ | |
| ଚଉଦ ପାଇପ ଉଠା ଖଣ୍ଡ ଓ ପାଇବର ଗୌଲ ଫିତା | |

# ପିତଛାର ।

ଏ ଛାରକୁ କେହି ଏହିପରି ପାନରେ ଦୁଇଥିଲେ ଉତ୍ପନ୍ନ ଫୋଟାଗୁଡ଼ିକର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଉଭର ମସ୍ତିଷ୍କରେ ଲେପିଦେଲେ ମସ୍ତିଷ୍କ ଓ ଚୁଲ ଧରିବ ନାହିଁ ।

ବଗିର ଚମଡ଼ାମୁଁ ଓ ସାଜରେ ଲଗାଇବାର ଆଳ ମଧ୍ୟ ଅଛି ।

ଆର୍ତ୍ତବନ୍ଧୁ କର କମ୍ପାନି

---


ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଅଗ୍ରିମ ମୂଲ୍ୟ ଧାର୍ଯ୍ୟ ହୋଇଅଛି ଯଥା :—

ପ୍ରଥମଥର ପ୍ରକାଶ

| | |
|---|---|
| ଆଠ ପଦ | ଟ ୦୷ |
| ପଞ୍ଚ ଧୁମ୍ରକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଉ ପଛେ ଟ ୦ ଚାରିଅଣା ଠାରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟବାର ପ୍ରକାଶରେ ଏହା ଅପେକ୍ଷା ଅଳ୍ପ ମୂଲ୍ୟ ଓ ଦ୍ୱିଗୁଣ ପଦ୍ଧତିରେ ହେବ ।

ଅଧିକ ଥର ପ୍ରକାଶରେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ପତ୍ର ଉତ୍କଳଦୀପିକା ସଭାର ଦ୍ୱାରା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା


Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


| | | | |
|---|---|---|---|
| ଭା ୨୩ ଗ<br>ସଂ ୧୬ ସଂଖ୍ୟା | ତା ୨୧ ଏଣ ମାହେ ଅପ୍ରେଲ ସନ ୧୮୮୮ ମସିହା । ମ। ବୈଶାଖ ତ ୧୧ ଦ ସନ ୧୨୯୫ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ<br>ପଶ୍ଚାଦେୟ | ଟ ୩୯<br>ଟ ୬୯ |


ସିକମ ଅଞ୍ଚଳକୁ ଉକ୍ତ ବର୍ଷରେ ଯେଉଁ ସେନାଦଳ ପ୍ରେରିତ ହୋଇଥିଲେ ସେମାନେ ବିଗତ ଯୁଦ୍ଧରେ ଜୟଲବ୍ଧ ଜଳ ହେତୁରୁ ସେଠା ନିକଟବର୍ତ୍ତୀ ସ୍ଥାନମାନଙ୍କରେ ବିଚରଣ କରୁଅଛନ୍ତି ଏବଂ ଭିବ୍ବତୀୟମାନେ ସହସ୍ର ସେନା ସାମନ୍ତପଟ୍ଟପରେ ଏକତ୍ର କରୁଥିବାର ସମ୍ବାଦ ମିଳିଲେ ହେଁ ତାହା ନିଶ୍ଚୟରୂପେ କିଛି ଜଣା ପଡ଼ି ନାହିଁ । ଚଳିତମାସ ତା ୨ ରଖରେ ପିଲଙ୍ଗଠାରୁ ଆସିଥିବା ତାରସମ୍ବାଦରୁ ପ୍ରକାଶ ଯେ ବର୍ତ୍ତମାନ ଇଂରାଜଙ୍କର ଗୋଟିଏ ତାମ୍ବୁ ନଷ୍ଟ ହୋଇଅଛି ଏବଂ ତିନିଜଣ ଦେଶୀୟ ଲୋକ ଅତ୍ୟନ୍ତ କଦର୍ଯ୍ୟରୂପେ ଯୋଡ଼ ଯାଇଅଛନ୍ତି ।

---

ଜୀବନଚମ୍ପୂ—ବାବୁ ଦାମୋଦର ପଟ୍ଟନାୟକଙ୍କ ଦ୍ୱାରା ରଚିତ ଏବଂ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ମୂଲ୍ୟ ଟ ୦/୬ ଏଖଣ୍ଡି ଏ କ୍ଷୁଦ୍ର ଗୀତପୁସ୍ତକ ଏଥିର କଲେବର ପୃ ୨୦ ପୃଷ୍ଠା । କାନାସ୍ତ୍ରଗ ଓ ତାଳରେ ଧର୍ମ ଓ ନୀତିବିଷୟକ ଗୀତମାନ ବଡ଼ ସୁନ୍ଦର ହୋଇଅଛି । ଆଦରସ ଓ ସାମ୍ପ୍ରଦାୟିକ ଧର୍ମ ପ୍ରଧାନ ଉତ୍କଳ ସଙ୍ଗୀତମଧ୍ୟରେ ଏପ୍ରକାର ସଙ୍ଗୀତର ଯେତେ ଆଦର ବଢ଼ିବ ସେତେ ଭଲ । ଆମ୍ଭମାନଙ୍କ ବିଦ୍ୟାଳୟମାନଙ୍କରେ ମୂଲ୍ୟ ଛାତ୍ରମାନଙ୍କୁ ଏପରି ଗୀତ ଅଭ୍ୟାସ ଓ ପୁରସ୍କାର ବିତରଣ ସଭାରେ ଗାୟକ କରିବାକୁ ଉତ୍ସାହ ଦିଆଯାଇପାରେ ।

ଏଥିରେ ସ୍ୱୀକୃତର ବୀଜ ସେମାନଙ୍କ ମନରେ ବପନ ହେବ ।

---

ଅନରେ ନୂତନ ରାଜା ରାଜକାର୍ଯ୍ୟ ଉତ୍ତମରୂପେ ଚଳାଇ ନ ପାରିବା ଭୟରେ ଜଣେ ମ୍ୟାନେଜର ନିଯୁକ୍ତ କରିବାପାଇଁ କଲେକ୍ଟର ସାହେବ କମିଶନରସାହେବଙ୍କୁ ରିପୋର୍ଟ କରିବାର ଶୁଣା ଯାଉଅଛି । ଉକ୍ତ ମାନେଜରପଦରେ ଏଠା ହେଡ଼କରଣୀ ବର୍ତ୍ତମାନ କଳିକାର ଅଫିସିଏଟିଂ ମାନେଜର ବାବୁ ଗୌରମୋହନରାୟଙ୍କୁ କଲେକ୍ଟର ମନୋନୀତ କରିଅଛନ୍ତି । ବାବୁ ମହୋଦୟ ଜଣେ ଯୋଗ୍ୟ ପରିଶ୍ରମୀ କର୍ମଚାରୀ । ଆମ୍ଭେମାନେ ଏହାଙ୍କୁ ଉକ୍ତ କର୍ମରେ ନିଯୁକ୍ତ ହେବାର ଦେଖିଲେ ଅତ୍ୟନ୍ତ ଖୁସି ହେବୁଁ । କିନ୍ତୁ ଦୁଃଖର ବିଷୟ ଏହିକି ଯେ ରାଜା ସିଂହାସନାରୂଢ଼ ନ ହେଉଣୁ କାର୍ଯ୍ୟଭାର ଚଳାଇ ନ ପାରିବେ ବୋଲି ଦଠାତ୍ କଲେକ୍ଟରସାହେବ ଜାଣି ଜଣକୁ ମାନେଜର ମନୋନୀତ କରିବାର ପ୍ରସ୍ତାବ ଉପସ୍ଥିତ କଲେ ।

---

ବାଲ୍ୟବିବାହବିରୁଦ୍ଧରେ ଗୋଟିଏ ଦୀର୍ଘ ପ୍ରସ୍ତାବ ସଞ୍ଜୀବନୀରେ ପ୍ରକାଶିତ ହୋଇଅଛି । ଏହାର ଶେଷରେ ଡାକ୍ତର ପାର୍କ ସାହେବଙ୍କ ସ୍ୱାସ୍ଥ୍ୟରକ୍ଷାପୁସ୍ତକରୁ ଉଲ୍ଲିଖିତ କଥାଗୁଡ଼ିକ ଉଦ୍ଧୃତ ହୋଇଥିବାରୁ ପାଠକମାନଙ୍କ ଜାଣିବା କାରଣ ଏଠାରେ ପ୍ରକାଶ କଲୁଁ ଯଥା ।

"କେହି ବିବେଚନା କରନ୍ତି କି ତରୁଣ-ଯୌବନରେ ଇନ୍ଦ୍ରିୟ ସଂଯମ କରିବା ଅସମ୍ଭବ ଅଥବା ଇନ୍ଦ୍ରିୟସଂଯମର ଚେଷ୍ଟା କଲେ ଏମନ୍ତ କେତେଗୁଡ଼ିଏ କୁଅଭ୍ୟାସ ଜନ୍ମେ ଯେ ସେଥିରୁ ଇନ୍ଦ୍ରିୟସେବନ ଓ ତହିଁର ସାବଲୀୟ କୁଫଳ ଅପେକ୍ଷା ଅନିଷ୍ଟକର ହୁଅଇ । ଏପରି ବିବେଚନା କରିବା ନିଶ୍ଚୟ ଅତି ଭ୍ରାନ୍ତିର ଅଟଇ । ନାନାପ୍ରକାର ଉପାୟରେ କାମରିପୁର ପ୍ରଭାବ ବର୍ଜିତ ଓ ଉତ୍ତେଜିତ ଖଙ୍କ ଓ ବଳମ୍ବରେ ଉତ୍ପନ୍ନ କରାଯାଇ ପାରେ । ଏହି କାରଣରୁ ଇନ୍ଦ୍ରିୟ ସଂଯମ କରିବା ଯେ କେବଳ ସମ୍ଭବ ଏମନ୍ତ ନୁହେ ମାତ୍ର ଅତ୍ୟନ୍ତ ସହଜ ଅଟଇ ।"

---

ଯେ ସମସ୍ତ ଆମଲା ଓ ଅଧସ୍ତନ କର୍ମଚାରୀ ଏ ଯାହାଙ୍କର ନାମ ଗଜେଟରେ ବାହାର ହୁଅଇ ନାହିଁ ସେମାନଙ୍କର ବୟସ ୫୫ ବର୍ଷ ହେଲେ କର୍ମରେ ରହିବା ନ ରହିବାର ବିଚାର ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ କରୁଥିଲେ । ସମ୍ପ୍ରତି ବିଧି ହୋଇଅଛି କି ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନେ ଉକ୍ତ ଅଧିକାର ଛାଡ଼ି କଲେକ୍ଟର ଏବଂ ତାଙ୍କଠାରୁ ନ୍ୟୂନ ନ ଥିବା ସମସ୍ତ ମଫସଲମାନ ପ୍ରଧାନ କର୍ମଚାରୀମାନଙ୍କୁ ଅର୍ପଣ କରିପାରିବେ ଯେ ଉକ୍ତ ପ୍ରଧାନ କର୍ମଚାରୀମାନେ ଆପଣା ମଫସଲମାନ ଯେଉଁ ଆମଲାର ବୟସ ୫୫ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନ ଥିବ ତାହାକୁ କର୍ମରେ ରଖିପାରିବେ ଯେପରି ମଫସଲର ପ୍ରଧାନ କର୍ମଚାରୀ

Digitized by srujanika@gmail.com

Split by PDF Splitter



ଆପଣା ଅଧୀନସ୍ଥ ଡିଷ୍ଟ୍ରିକ୍ଟସବୁ ଉର୍ଦ୍ଧ୍ୱ ନ ହେବା କୌଣସି ଅମଲଙ୍କୁ ଉପଯୁକ୍ତ ବୋଧ ହେବା ନ କରନ୍ତେ ତେବେ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ନିମନ୍ତେ ତାହା ତାଙ୍କରେ ରିପୋର୍ଟ କରିପାରିବେ । ଏ ନିୟମଟି ଉତ୍ତମ ହୋଇଅଛି । ପ୍ରକୃତରେ ସ୍ଥାନୀୟ ପ୍ରଧାନକର୍ମ-ଚାରିଙ୍କ ମତାନୁସାରେ ଏ କାର୍ଯ୍ୟଟି ହେଉଥିଲା କେବଳ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କର ଅନର୍ଥକ କାର୍ଯ୍ୟ ବଢ଼ୁଥିଲା । ଏ ନିୟମରେ ସେ କାର୍ଯ୍ୟ ଊଣା ହୋଇଯିବ ଏବଂ ନ ୬୦ ଟିର ନୂତନ ଥାନାକ୍ଷ-ମାନେ ଟିକିଏ ନିର୍ବିଘ୍ନ ହେବେ ।

---

ଏ ସମୟରେ ବେଲେଟ ତୋଫାନ ହେବା ବଡ଼ ନୂତନ ନୁହେଁ ଗତ ମାସ ତା ୭ ଖ ଶନିବାର ସନ୍ଧ୍ୟା ସମୟରେ ତାହା ନଗରରେ ଯେପରି ପ୍ରବଳ ବାତ୍ୟା ଉପସ୍ଥିତ ହୋଇଥିଲା ତାହାନ୍ତ ଅସାଧାରଣ ଅଟଇ । ଏ ତୋଫାନ କେବଳ ପାଞ୍ଚମିନିଟ ମଧ୍ୟରେ ତହସିଲ ପଣ୍ଟୋସ୍ୟା-ଟୋଲର ପଶ୍ଚିମ ପ୍ରାନ୍ତଠାରୁ ନବାବ ଗଞ୍ଜସ୍ତମ୍ଭ-ପର୍ଯ୍ୟନ୍ତ ପ୍ରାୟ ସମସ୍ତ ଅଟ୍ଟାଳିକା ଓ ଗୃହମାନ ଭୂତଳଶାୟୀ କରି ଦେଇ ଯାଇଅଛି । କେତେ ଗଛ ବଳକ ଓ ବୃକ୍ଷମାନ ନଷ୍ଟ ହୋଇଅଛି ତାହା ଅଗଣ୍ୟ ବର୍ତ୍ତମାନ ସମ୍ବାଦ ପଥ୍ୟାଯାଇଅଛି ଯେ ପୁରୁଷ ଓ ସ୍ତ୍ରୀଲୋକ ମୋଟରେ ନ ୩୦ ଣ ମୃତ୍ୟୁଗ୍ରାସରେ ପତିତ ହୋଇଅଛନ୍ତି କିନ୍ତୁ ଆଘା-ଥିବା ଲୋକ ଅହତ ହୋଇଛନ୍ତି । ବର୍ତ୍ତମାନ ଡାକ୍ତରଖାନାର ଦୃଶ୍ୟ ଅତୀବ ଶୋଚନୀୟ ତାହାର ମସ୍ତକରେ ଅତାଳ ଲଗିଅଛି । କେହି ବା ହସ୍ତପଦ ବର୍ଜିତ ପ୍ରାୟ ହୋଇଅଛି କେତେଲୋକ କେତେପ୍ରକାର କ୍ଷତବିକ୍ଷତ ହୋ-ଇଅଛନ୍ତି ତାହା ବର୍ଣ୍ଣନାତୀତ । ଜଗଦୀଶ୍ୱରଙ୍କର କି ଇଚ୍ଛା କହି ବୁଝାଯାଇ ପାରୁ ନାହିଁ କିନ୍ତୁ ପ୍ରକୃତଗନରେ ତାହାର ବସ୍ତୁ ନାହିଁ ଦୁଃଖା-ବହ ଅବା ସ୍ୱଶାବକ ପ୍ରାକୃତିକ ଘଟନାମାନ-ଙ୍କରେ କେହି ବାଧା ଜନ୍ମାଇ ପାରନ୍ତି ନାହିଁ ସୁତରାଂ ଯାହା ଘଟିବାର ଘଟୁଥିବ କିନ୍ତୁ ରକ୍ତ-ମାଂସଧାରୀ ଅମ୍ଭମାନଙ୍କ ଏପ୍ରକାର ଦୈବଦୁର୍ଘଟଣା-ରେ ଜର୍ଜରିତ ଓ ବ୍ୟାକୁଳିତ ହେବାକୁ ହେବ ଏହା ପ୍ରକୃତିର ନିୟମ—ଏଣୁକରି ଏ ଲକ୍ଷଣ ଦୁଃଖଦାୟକ ସମ୍ବାଦ ଶ୍ରବଣକରି ଆମ୍ଭେମାନେ ବଡ଼ ଦୁଃଖିତ ଓ ଶୋକାନ୍ୱିତ ହୋଇ ସର୍ବସାଧାରଣଙ୍କୁ ଏହା ଜଣାଇଲୁଁ ।

---

ବାଲେଶ୍ୱର ଡାଇରେକ୍ଟ ମଧ୍ୟମ ଇଂରାଜୀ ସ୍କୁଲ-ସମ୍ପର୍କରେ ଏ ପ୍ରଦେଶର ସ୍କୁଲଇନ୍‌ସ୍ପେକ୍ଟର ବାବୁ ବ୍ରହ୍ମମୋହନ ମଲ୍ଲିକ ଗତ ମାସ ତା ୨୭ ରିଖରେ ଯେଉଁ ମନ୍ତବ୍ୟ ଲିପିବଦ୍ଧ କରିଅଛନ୍ତି ଗତବାହକାରେ ତାହା ପ୍ରକାଶ ପାଇଅଛି । ଇନସ୍ପେକ୍ଟର ମହାଶୟ ଲେଖିଅଛନ୍ତି କି ଉକ୍ତ ନଗରରେ ସେହି ଶ୍ରେଣୀର ଅନ୍ୟ ଗୋଟିଏ ସ୍କୁଲ ସ୍ଥାପିତ ହେବାରୁ ଏ ସ୍କୁଲର ଅବସ୍ଥା ନପର ହୋଇଅଛି ତହିଁର ଅନୁସନ୍ଧାନ ନିମନ୍ତେ ସ୍କୁଲକୁ ଯାଇ ବୁଝିଲେ ଯେ ଗତବର୍ଷ ଏହି ସ୍କୁଲରେ ନ ୨୧୬ ଣ ଛାତ୍ର ଥିଲେ ବର୍ତ୍ତମାନ ନ ୧୪୮ ଣ ଅଛନ୍ତି । ଛାତ୍ରସଂଖ୍ୟା ଊଣା ହେବାରୁ ଫିସ ମଧ୍ୟ ଊଣା ପଡ଼ିଅଛି । ଏପରି ସରକାରୀ-ସାହାଯ୍ୟ ଅଟକ ଏବଂ କୁମାର ବୈକୁଣ୍ଠନାଥ ଦେ ଯାହା ଦେଉଥିଲେ ତାହା ରହିତ ହୋଇଅଛି । ସ୍କୁଲର ବର୍ତ୍ତମାନ ମାସିକ ବ୍ୟୟ ଟ ୧୧୬ ଙ୍କା ଏଥିରୁ ଅଧ୍ୟ ଛାତ୍ରଙ୍କଠାରୁ ଅଦାୟ ହେବା ଫିସ ହାରାହାରି ୫ ୪୫ ଙ୍କା ଏବଂ ସ୍ଥାନୀୟଲୋକ ବାବୁ ମଦନମୋହନ ଦାସ ଏବଂ ତାହାଙ୍କ ପୁତ୍ର ଭଗବାନଚନ୍ଦ୍ର ଦାସ ଦେବାରେ ଟ ୩୬ ଙ୍କା ଅବଶିଷ୍ଟ ବ୍ୟୟ ସ୍କୁଲର ପୂର୍ବସଞ୍ଚିତ ଧନରୁ ପୂରଣ ହେଉଅଛି । ସ୍କୁଲଟି ଏକପ୍ରକାର ଉତ୍ତମ-ରୂପେ ଚାଲୁଥିବାର ପ୍ରକାଶ ପାଉଅଛି ।

ଉପରଲିଖିତ ମନ୍ତବ୍ୟ ପାଠକରି ଆମ୍ଭେ-ମାନେ ଆନନ୍ଦିତ ହେଲୁଁ ମାତ୍ର ସରକାରୀ-ସାହାଯ୍ୟ ବନ୍ଦ ହେବାଟା ଉଚିତ ହୋଇଥିଲା କି ନାହିଁ ଏଣିକି ଦଅଯିବ କି ନାହିଁ ଏବଂ ସ୍କୁଲ ଟଙ୍କାର ଭାଗ ବସିବ କି ନାହିଁ ଏସବୁ ବିଷୟ-ରେ ଇନସ୍ପେକ୍ଟର ମହାଶୟ କୌଣସି ମନ୍ତବ୍ୟ ପ୍ରକାଶ ନ କରିବାର କାରଣ କହି ବୁଝିପାରୁ ନାହିଁ ସର୍ବସାଧାରଣ ଏହି ସବୁ ବିଷୟର ନିଷ୍ପତ୍ତି ଜାଣିବାକୁ ଇଚ୍ଛା କରନ୍ତି । ଯେଉଁ ମନ୍ତବ୍ୟ ପ୍ରକାଶିତ ହୋଇଅଛି ତହିଁରୁ କେବଳ ଏତିକି ପ୍ରମାଣ ହେଉଅଛି ଯେ ସରକାରୀ ଓ ବେସର-କାରୀ ନାନାବିଧ ବାଧାକୁ ଅତିକ୍ରମ କରି ଏ ସ୍କୁଲର ଅଧିକାରୀମାନେ ତାହାକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିଅଛନ୍ତି ଏବଂ ଉତ୍ତର ସାଧାରଣ ଉପକାର ହେଉଅଛି ।

---

ଅଳ୍ପ ଦିନ ହେଲା ଅବା ନ ... ପାର୍ଲିମେଣ୍ଟ ସଭାରେ ଭାରତବର୍ଷ ସମ୍ବନ୍ଧରେ ଯେତେ ଅର୍ଥେ କଥା ପଡ଼ିଯାଏ । ସେହିଦିନ ସ୍ୱାର ସାହେବ ନାମରେ ଜଣେ ସଭ୍ୟ ପାର୍ଲିୟାମେ-ଣ୍ଟରେ ଉକ୍ତି କଲେ ଯେ ସରକାରୀକାଗଜରୁ ପ୍ରକାଶ ଯେ କେତେକମାସ ପୂର୍ବେ ଭାରତର ସୀମା ରକ୍ଷାଇ ବ୍ୟୟ ସାଢ଼େ ଅଠକୋଟି ହୋ-ଇଥିଲା ଓ କ୍ରମାଗତ ସେ ଖର୍ଚ୍ଚ ବଢ଼ୁଥିବାରୁ ବର୍ତ୍ତମାନକୁ ବାରକୋଟି ଟଙ୍କା ହୋଇଥିବ । ଅନୁମାନରେ ଜଣାଯାଏ ଯେ ଅଫଗାନସ୍ଥାନ-ମଧ୍ୟରେ ପ୍ରବେଶ କରିବା ଉଦ୍ଦେଶ୍ୟରେ ଏତେ ଟଙ୍କା ବ୍ୟୟ ହେଉଅଛି । ଲର୍ଡ଼ରେଣ୍ଡଲଫଚର୍ଚ୍ଚି-ହିଲ ଏଥିର ପ୍ରତିବାଦ କରି କହିଲେ କି ଏ ବ୍ୟୟ ପଡ଼ୁଥିଲେ ସୀମାରକ୍ଷାକାର୍ଯ୍ୟର ବିପର୍ଯ୍ୟୟ ନୁହଇ ଓ ଏହିକଥାରେ ସଭା ଭଙ୍ଗ ହେଲେ ଏବଂ ସ୍ୱାର ସାହେବଙ୍କ ଆପତ୍ତି ସ୍ଥିର ନ ପାଇ ରହିଗଲା । ମାତ୍ର ଏହି ସୀମା ରକ୍ଷାଘଟିତ ବ୍ୟୟ ଅମ୍ଭମାନଙ୍କର କାଳ ହୋଇଅଛି ଏବଂ ଏଥିପାଇଁ ଅମ୍ଭମାନଙ୍କର କରଭାର ବୃଦ୍ଧି ହୋଇ ଯେ କଷ୍ଟ ଦେଉଅଛି ତାହା କଏ ବିଚାର କରୁଅଛି । ମୂଳକଥା ଏହି ଯେପର୍ଯ୍ୟନ୍ତ ଭାରତବର୍ଷର ଅର୍ଥ ବ୍ୟୟ ଉପରେ ଭାରତବାସିଙ୍କର କର୍ତ୍ତୃତ୍ୱ ନ ଚଳବ ସେପର୍ଯ୍ୟନ୍ତ ଅମ୍ଭମାନଙ୍କର ଦୈନ୍ୟ-ଦଶା ଘୁଞ୍ଚିବ ନାହିଁ । ଗତବର୍ଷରୁ କଲିକତା ବମ୍ବେଇ ଓ ମାନ୍ଦ୍ରାଜର ବଣିକ ସଭାମାନ ଏବଂ ଦେଶୀୟ କେତେକ ସଭା ଓ ପ୍ରାୟ ସମସ୍ତ ସମ୍ବାଦପତ୍ର ଭାରତବର୍ଷର ବଜେଟ ଓ ଅର୍ଥବ୍ୟୟର ହିସାବ ବ୍ୟବସ୍ଥାପକ ସଭାରେ ତର୍କ-ବିତର୍କ ହେବା କାରଣ ଉପସ୍ଥିତ କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଥିଲେ ମାତ୍ର ତତ୍କାଳୀନ ଗବର୍ଣ୍ଣମେଣ୍ଟ କର୍ଣ୍ଣପାତ ନ କରି ଏବର୍ଷର ବଜେଟ ପୂର୍ବ ପ୍ରାୟ ଇଣ୍ଡିଆଗେଜେଟରେ ପ୍ରକାଶ କରିଦେଲେ ଏବଂ ଏହା ଦେଖି ସର୍ବସାଧାରଣ ଏମନ୍ତ ହତାଶ ହେଲେ ଯେ ବଜେଟର ସମାଲୋଚନା କରିବାକୁ କାହାର ପ୍ରବୃତ୍ତି ହେଲା ନାହିଁ । ଯେବେ ଗବର୍ଣ୍ଣମେଣ୍ଟ ସାଧାରଣମତ ନ ଶୁଣିବେ ବା ବ୍ୟକ୍ତକରିବାର ସୁଯୋଗ ନ ଦେବେ ତେବେ ଯଥେଚ୍ଛା ବ୍ୟୟ ନିବାରଣ ହେବ ନାହିଁ । ଏଥିପାଇଁ ଦେଶୀୟ-ଲୋକେ ଏକମତ ହୋଇ ଭାରତବର୍ଷୀୟ ବ୍ୟବ-ସ୍ଥାପକ ସଭାମାନଙ୍କରେ ପ୍ରତିନିଧିଗଣର ପ୍ରବେଶ ହେବା କାରଣ ପୁନଃ ପୁନଃ ଗବର୍ଣ୍ଣମେଣ୍ଟରେ ଅନୁରୋଧ କରୁଅଛନ୍ତି ଏବଂ ତାହା ନ ହେବା-ପର୍ଯ୍ୟନ୍ତ ଅନ୍ୟ ଉପାୟ ନାହିଁ ।

---

Digitized by srujanika@gmail.com

ଅସ୍ମମାନଙ୍କ ନୂତନ କମିଶ୍ନର ଓର୍ଫେଲ୍ଲା ସାହେ- ବଙ୍କ ଅନୁଗୁଳଗମ୍ୟ ସମ୍ପର୍କରେ କେତେକ ଖଣ୍ଡି ପତ୍ର ଅମ୍ଭେମାନେ ପାଇଅଛୁଁ । ବାହୁଲ୍ୟତା ହେତୁରୁ ସେ ସମସ୍ତ ପ୍ରକାଶ କରିବାକୁ ଅକ୍ଷମ ହୋଇ ...ହିଁର ସଂକ୍ଷେପ ବିବରଣ ପାଠକମାନଙ୍କୁ ...ଣାଉ ଅଛୁଁ । ସାହେବ ପ୍ରଶଂସିତ ମାର୍ଚମାସ ତା ୩୦ ରିଖରେ ସେଠାରେ ପହୁଞ୍ଚି ଅପ୍ରେଲ ...ାସ ତା ୪ ରିଖ ପର୍ଯ୍ୟନ୍ତ ରହିଥିଲେ । ପ୍ରତିଦିନ ...ନ୍ତକ ମା ୪।୫ ଛଲ ଭ୍ରମଣ କରି ନାନାସ୍ଥାନ ...ର୍ଶନ ଓ ପ୍ରଜାଙ୍କର ନାନା ଶୁହାସ୍ତି ଶ୍ରବଣ ...ରିଥିଲେ । ବନ୍ଦୋବସ୍ତ କାର୍ଯ୍ୟର ତତ୍ତ୍ୱାବ- ...ାରଣ ଏବଂ ଅନୁଗୁଳ-ତହସିଲଦାରଙ୍କ ବିରୁ- ...ରେ ଗବର୍ଣ୍ଣମେଣ୍ଟକୁ ଯାଇଥିବା କେତେକ ଖଣ୍ଡ ...ରଖାସ୍ତର ଅନୁସନ୍ଧାନ କରିବା ଏ ଗସ୍ତର ...ମାନ ହେତୁ ଥିଲା । ବନ୍ଦୋବସ୍ତ କାର୍ଯ୍ୟ ସୁଶୃ- ...ଲାରେ ଚାଲିବା ବିଷୟରେ ଆବଶ୍ୟକୀୟ ...ଯ୍ୟମାନ କରିଦେଲେ ଓ ଏ, ବେ, ସାପ୍ ...ବ ମାପ୍‌ଗଣବାରୁ ତହସିଲଦାରଙ୍କ ମଧ୍ୟରେ ...ର୍ଯ୍ୟ ବାଣ୍ଟିଦେଲେ ଯେ ଭବିଷ୍ୟତରେ ...କୌଣସି ଗୋଳମାଳ ହେବ ନାହିଁ । ତହସିଲ- ...ାରଙ୍କ ବିରୁଦ୍ଧରେ ପ୍ରଜାମାନେ ଯେ ସମସ୍ତ ...ାଲିସ କରିଥିଲେ ସେ ସମସ୍ତ ବିଷୟ ପ୍ରମାଣ ...ହେଲା ନାହିଁ । ବୋଧ ହୁଏ ପ୍ରଜାମାନେ ...ମରେ ପଡ଼ି ସେ ପ୍ରକାର ଶୁହାସ୍ତି କରୁଥିଲେ ...ଭରସା କରୁଁ ତହସିଲଦାର ସର୍ବଦା ...ଜାଙ୍କ ପ୍ରତି ଦୟା ଓ ସହାନୁଭୂତି ଦେଖାଇ ...ମାନଙ୍କର ପ୍ରିୟପାତ୍ର ହେବେ । ପ୍ରଜାମାନଙ୍କ ...ଙ୍କୁ ବିଷୟରେ ସାହେବ ଖଜଣା ମାଫ- ...ବାର ଆବଶ୍ୟକତା ବିବେଚନା ନ କରି ...ଗୃହକୁ ଗୋଦାମ ପଠାଇବା ଏବଂ ...ଧାନ ବାଦନ ଦେବାର ମନସ୍ଥ କରି ଅଛନ୍ତି । ...ମାସ ତା ୨ ରିଖରେ ସ୍କୁଲ ଛାତ୍ରମାନଙ୍କୁ ...ଇବାର ଦେବାର ବାର୍ଷିକ ସଭା ହୋଇଥିଲା ...ସେ କାର୍ଯ୍ୟ ସାହେବ ପ୍ରଶଂସିତ କବାଡ ...ର ଛାତ୍ରମାନଙ୍କ ଉତ୍ସାହ ଓ ବିଦ୍ୟାଳୟମାନ- ...ର ଉନ୍ନତି ବିଷୟ ଗୋଟିଏ ବକ୍ତୃତା କରି- ...ଲେ । ଏପରି ଅନୁଗୁଳପରି ଅସ୍ୱାସ୍ଥ୍ୟକର ...ରେ ପୀଡ଼ିତ ଥିବା ସମୟରେ ସୁବିବେଚନ ...ବା ଓ ଅନ୍ୟାନ୍ୟ ସ୍ଥାନକୁ ବଦଳ କରିବା- ...ଅମଲାମାନେ ଶ୍ରେଣୀ ଅବେଦନପତ୍ର ...ଥିଲେ ସାହେବ ତହିଁର ସୁବିଚାର ...ବେ ବୋଲି ଆଶ୍ୱାସ ଦେଇଅଛନ୍ତି । ...ଲଙ୍କୁ ନିବାରଣ କରିବ ବଡ଼ଦାଣ୍ଡ ସାହି

...ପୋଖରୀର ସଂସ୍କାର କରିବା କାରଣ ୫୬୦ ଙ୍କା ମଞ୍ଜୁର କରିଅଛନ୍ତି । ସାହେବଙ୍କ ସକଳ କାର୍ଯ୍ୟରେ ସେଠାଲୋକେ ସନ୍ତୁଷ୍ଟ ହୋଇଥିବାର ପ୍ରକାଶ ।

---

## ବିବାହ-ଉତ୍ସବ ।

ମନୁଷ୍ୟଜୀବନର ନାନା ଶୁଭଘଟନା ମଧ୍ୟରେ ବିବାହକୁ ପ୍ରଧାନ ବୋଲିବାକୁ ହେବ କାରଣ ସକଳ ଦେଶ ଓ ସକଳ ଜାତୀୟଲୋକ ଯେ ଯାହାର ଶକ୍ତ୍ୟାନୁସାରେ ଏ କାର୍ଯ୍ୟକୁ ମହା- ଆନନ୍ଦ ଉତ୍ସବରେ ସମାଧା କରନ୍ତି ଏବଂ ତହିଁ- ମଧ୍ୟରେ ଏକ୍ୱ ବଡ଼ଲୋକଙ୍କର ବିବାହକ୍ରିୟାରେ ଏତେ ଅଧିକ ଉତ୍ସବ ଓ ସମାରୋହ ହୁଅଇ ଯେ ତହିଁ ପ୍ରତି ସ୍ଥାନବିଶେଷର ସର୍ବସାଧାରଣଙ୍କ ମନ ଆକୃଷ୍ଟ ହୁଅଇ ଓ ନାନାସ୍ଥାନରୁ ଲୋକେ ତାହା ଦେଖିବାକୁ ଆସନ୍ତି ଏବଂ ତହିଁର ଚର୍ଚ୍ଚା କରନ୍ତି । ଏହିପରି ଯୋଡିଏ ବିବାହ ଏହି ବୈଶାଖମାସ ଆରମ୍ଭ ସଙ୍ଗେ୨ ଓଡ଼ିଶାରେ ପଡ଼ିଯାଇଅଛି । ଅର୍ଥାତ ଗୋଟିଏ ବାଲେଶ୍ୱରରେ ଏବଂ ଗୋଟିଏ କଟକରେ । ବାଲେ- ଶ୍ୱର-ନଗରନିବାସୀ ବାବୁ ଶ୍ରୀକାନ୍ତକରଙ୍କ ଜ୍ୟେଷ୍ଠପୁତ୍ରଙ୍କ ବିବାହ ଉତ୍ସବ ଗତ ସଙ୍କାନ୍ତି- ଦିନଠାରୁ ଆରମ୍ଭ ହୋଇଅଛି ଅଦ୍ୟ ଶେଷ ହୋଇ ନାହିଁ । ସମ୍ବାଦଦାତାଙ୍କଠାରୁ ଅବଗତ ହେଲୁଁ ଯେ ଏହି ବିବାହ ଉପଲକ୍ଷରେ ନଦୀୟା- କୃଷ୍ଣନଗରଠାରୁ କାରିଗରମାନେ ଆସି ନାନା ପ୍ରକାର ଅପୂର୍ବ ପିତୁଳାମାନ ନିର୍ମାଣ କରିଅଛନ୍ତି ଏବଂ ସେହି ପିତୁଳାମାନଙ୍କର ନାଚ ହେଉଅଛି ପିତୁଳାମାନେ ଜୀବନହୀନ ହେଲେହେଁ ସାକ୍ଷାତ ଜୀବିତ ମନୁଷ୍ୟତୁଲ୍ୟ ଦେଖା ଯାଉ- ଅଛନ୍ତି । "କମଳେ କାମିନୀଙ୍କ" ନାଟ ପୁତ୍ତ- ଳିଣୀରେ ହେଉଅଛି । ପିତୁଳାମାନେ ନାନା- ଭଙ୍ଗୀରେ ଜଳରେ ବିହାର କରୁଅଛନ୍ତି । ଏହି ନୂତନ ଦୃଶ୍ୟ ଦେଖିବା କାରଣ ମୋଫସଲରୁ ଅନେକ ଲୋକ ଆସିଅଛନ୍ତି ଏବଂ ଯାତ୍ରାସ୍ଥଳରେ ସର୍ବଦା ଭିଡ଼ ଲାଗି ରହିଅଛି ।

ଏ ନଗରର ଅନ୍ତଃପାତି ସତ୍ୟଭାମାପୁର ନିବାସି ବାବୁ ରଘୁନାଥ ଦାସଙ୍କ କନିଷ୍ଠ ପୁତ୍ର ବାବୁ ଗୋପାଳକୃଷ୍ଣ ଦାସଙ୍କ ଶୁଭବିବାହ ଜୟପୁରନିବାସି ବିଖ୍ୟାତ ବାବୁ ନନ୍ଦକିଶୋର ଦାସଙ୍କ କନ୍ୟାଙ୍କସହିତ ଗତ ସୋମବାର ରାତ୍ରରେ ସମାଧା ହେଲା । ବାବୁ ଗୋପାଳକୃଷ୍ଣ ଦାସ ବର୍ତ୍ତମାନ ବାଲେଶ୍ୱରର ଡେପୁଟୀ କଲେକ୍ଟର ଅଟନ୍ତି । ଏହାଙ୍କ ଜ୍ୟେଷ୍ଠ- ଭ୍ରାତା ଏବଂ ଏ ନଗରର ଜଣେ ପ୍ରଧାନ ଓକିଲ ବିଖ୍ୟାତ ବାବୁ ମଧୁସୂଦନ ଦାସ ଭ୍ରାତୃ ସ୍ନେହ- ବଶରୁ ବହୁଆଡ଼ମ୍ବର ଓ ବ୍ୟୟରେ ଏ କାର୍ଯ୍ୟ- ନିର୍ବାହ କରିଅଛନ୍ତି । ଗତ ଶନିବାର ଓ ରବି- ବାର ଏହି ଉପଲକ୍ଷରେ ସତ୍ୟଭାମାପୁରଠାରେ ଭାରି ମଜଲିସ ଓ ଭୋଜ ହୋଇଥିଲା କଟକର ପ୍ରଧାନ ବାଈବାଲା ସାନମହମ୍ମଦ ଏବଂ ପ୍ରଧାନ ରୋସନଚୌକି ଅମିରଖାନ ଆପଣା୨ କାର୍ଯ୍ୟର ଭାର ନେଇଥିଲେ ଏବଂ ଏଠାର ପ୍ରଧାନ ଗାୟିକା ଲକ୍ଷ୍ମୀବାଇ ଏବଂ ଅନ୍ୟାନ୍ୟ ଅନେକ ନାଟୁଆଦଳ ଉପସ୍ଥିତ ଥିଲେ । ଦୁଇରାତ୍ରି ଏପରି ସମାରୋହପୂର୍ବକ ମଜଲିସ ହେଲା । ଯାହା ଏଠାରେ ବହୁଦିନଠାରୁ ଦେଖାଯାଇ ନାହିଁ । ସ୍ୱଜାତୀୟଙ୍କ ସହିତ ନିକଟବର୍ତ୍ତୀ ଗ୍ରାମସମୂହର ବ୍ରାହ୍ମଣ କାୟସ୍ଥ ଓ ମୁସଲମାନଙ୍କୁ ଆମନ୍ତ୍ରଣ କରି ଅତିଯତ୍ନ ଓ ସ୍ନେହପୂର୍ବକ ଭୋଜନ କରା- ଇଥିଲେ ଏବଂ ଅପରଲୋକଙ୍କ ଚର୍ଚ୍ଚା ଯଥୋଚିତ ରୂପେ ହୋଇଥିଲା । ଦୂରସ୍ଥ ଗ୍ରାମମାନ- ଙ୍କର ଅନେକ ଦର୍ଶକ ମଜଲିସ ଦେଖିବାକୁ ଆସିବାରୁ ଏମନ୍ତ ଭିଡ଼ ହୋଇଥିଲା ଯେ ସ୍ଥାନ ମିଳିବାର କଠିନ ହୋଇଥିଲା । ସୋମ- ବାର ଜୟପୁରଠାରେ ଯେତେବେଳେ ବର ରୋଷନାଇ କରି ବାହାରିଲେ ସେତେବେଳେ ପ୍ରାୟ ପାଞ୍ଚହଜାର ଯାତ୍ରୀ ଜୁଟି ହୋଇଥିଲେ । ଭାରି ବଢ଼ାଇହେତୁ ରୋଷନାଇ ନିର୍ବାହ କରିବା କିଛି କଠିନ ହୋଇ ଉଠିଲା ମାତ୍ର ବାବୁଙ୍କ ଆୟୋଜନରେ କୌଣସି ତ୍ରୁଟି ନ ଥିଲା । କ୍ରିୟାର ସମସ୍ତ ଅଙ୍ଗ ଉତ୍ତମରୂପେ ନିର୍ବାହିତ ହେଲା କେବଳ ସାନ୍ତ୍ରୀଣୀୟାଙ୍କ ସଂଖ୍ୟା ଭଣ୍ଡା- ହେବା କିଛି ଅସୁବିଧା କାରଣ ହୋଇଥିଲା ।

ଗତ ଗୁରୁବାର ରାତ୍ରରେ ଏହି ଉପଲକ୍ଷରେ ଏ ନଗରରେ ମଧୁବାବୁଙ୍କ କୋଠିଠାରେ ନାଟକ ଅଭିନୟ ଏବଂ ଜଳକଳାରୁ ଅଗାଧ ବାଦ୍ୟବାର ଏବଂ ଖେମଟାବାଲିଙ୍କ ବାଦ୍ୟ ନାଚ ଇତ୍ୟାଦ ବହୁ ଆଡ଼ମ୍ବରରେ ହୋଇଥିଲା । ନଗରବାସୀ ଅନେକ ଯୁରୋପୀୟ ସ୍ତ୍ରୀ ପୁରୁଷ ଏବଂ ଦେଶୀୟ ଭଦ୍ରଲୋକ ଆମନ୍ତ୍ରଣରେ ଆସିଥିଲେ ଏବଂ ନାଟଶାଳା ଓ କୋଠିର ଦ୍ୱାର ଏମନ୍ତ ସୁନ୍ଦରରୂପେ ସଜ୍ଜିତ ହୋଇଥିଲା ଯେମନ୍ତ କ ସହରରେ ଦେଖିବାରେ ଆସିନାହିଁ । ଲାଲ ଓ ରୋଷନାଇର ପରସୀମା ନ ଥିଲା । ସଂକ୍ଷେପରେ ସ୍ଥାନସ୍ଥ ଭଦ୍ରଲୋକ-

...୨ ହୋଇଥିଲା । ଏହି ବ୍ୟାପାରରେ ଯୁବ ବୃନ୍ଦଙ୍କର ପ୍ରଶସ୍ତ ହୃଦୟକୁ ସମସ୍ତେ ପ୍ରଶଂସା କରୁଅଛନ୍ତି । ସମସ୍ତ କାର୍ଯ୍ୟ କର୍ତ୍ତନା କରିବାର ସ୍ଥାନ ଓ ଅବକାଶ ନ ଥିବାରୁ ତହିଁରୁ କ୍ଷାନ୍ତ ହୋଇ ଅମ୍ଭେମାନେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ କି ଯାହାଙ୍କ ମଙ୍ଗଳ କାମନାରେ ଏସବୁ ହେଲା ସେହି ନବ ଦମ୍ପତି ଦୀର୍ଘଜୀବୀ ହୋଇ ନିତ୍ୟ ନବ୍ୟ ଶୁଭମାନ ଭୋଗ କରନ୍ତୁ ।

---

( ଗଡପ୍ରକାଶିକ ଉଦ୍ଧୃତ )

ଓଡ଼ିଶା କେନାଲର ବିବରଣ ।

ଓଡ଼ିଶା କୋମ୍ପାନୀ କେନାଲରେ ମୂଳଧନ ୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଅଛି । ଏ କାଲର ମାସୁଲ ଏବର୍ଷ ଟ ୨୧୪୮୮୯ ଙ୍କା ଉସୁଲ ହୋଇଥିଲା କିନ୍ତୁ ମରାମତି ଓ ରକ୍ଷା ଇତ୍ୟାଦି ଖର୍ଚ୍ଚ ଟ ୫୯୨୦୪୯ ଙ୍କା ପଡ଼ିଥିଲା । ଅତଏବ ଏଥିରୁ ଏ କାଲରେ ଆୟ ଟ ୪୩୨୦୬୯ ଙ୍କା ଓ ବ୍ୟୟ ଟ ୮୧୫୮୫୯ ଙ୍କା ହୋଇଅଛି ସୁତରାଂ ଟ ୪୩୦୬୧୯ ଙ୍କା ତୁଟି ପଡ଼ି ଅଛି ।

ଓଡ଼ିଶା କୋମ୍ପାନୀ କେନାଲ ସମ୍ପୂର୍ଣ୍ଣରୂପେ ଫିଟିବାର ଏକବର୍ଷ ହୋଇ ନାହିଁ ସୁତରାଂ ଏହାଦ୍ୱାରା କି ଫଳ ହେବ ଅର୍ଥାତ୍ ଲାଭଜନକ ହେବ କି ନାହିଁ ବର୍ତ୍ତମାନ ବୋଲିଯାଇ ନ ପାରେ କୃଷକମାନଙ୍କେ ଯେତେବେଳେ ଏହାର ଉପଯୋଗିତା ଅନୁଭବ କରିବେ ତେତେବେଳେ ଯଥାର୍ଥ ପରୀକ୍ଷା ହେବ । କେନାଲରୁ ପାଣି ନିବାଆଧେବା ନ କଲେ ଫଳ ଭଲ ହେବ ନାହିଁ ।

ଓଡ଼ିଶାର ଅନ୍ୟାନ୍ୟ କାଲର ଅବସ୍ଥା ଅତି ଶୋଚନୀୟ ଅଟେ । ଏଥିରୁ କାଲରେ ପଡ଼ିକସ ଟ ୧୦।୧୫ ଙ୍କା ଲାଭ ହେବାର ଦେଖାଯାଉ ପ୍ରାୟ ବ ୨୦ ବର୍ଷ ହେଲା ଗବର୍ଣ୍ଣମେଣ୍ଟ ହାତି ହେଲେ କିନ୍ତୁ ଲାଭ ହେବାର ଲକ୍ଷଣ ଆଉ ମରାମତି ଓ ରକ୍ଷା ଖର୍ଚ୍ଚାପିଛା ଉଠିଲା ନାହିଁ । କାଲନିର୍ମାଣରେ ଅନେକ ଅନେକ କୋଟି ଏବ ସୁଧ ଓ ମରାମତି ଖର୍ଚ୍ଚା ଦେଇ କୋଟି ଏପରି ପ୍ରାୟ ଶ୍ରୀକୋଟି ଟଙ୍କା ଖର୍ଚ୍ଚ ହୋଇଅଛି । ଏହି ଟଙ୍କାରେ ସୁଖ କଟକ କନାଲସ ରେଲୱାଇ ଫିଟିଥାନ୍ତା ଏବ ତହିଁରେ ଅନ୍ତତଃ ଶତକଡ଼ା ଟ ୫୯ ଙ୍କା ଲେଖାଏଁ ଲାଭ ହୋଇଥାନ୍ତା ଏପରି ଦେଶର କେତେ ଉନ୍ନତି ହୋଇଥାନ୍ତା ତାହା କହିଯାଇ ନ ପାରେ । ଗବର୍ଣ୍ଣମେଣ୍ଟଙ୍କର କେଇଟଙ୍କା ଖର୍ଚ୍ଚ ହେଲା ଅଥଚ ଓଡ଼ିଶାର କଷ୍ଟାଲ ଏପରି ଯେ ରେଲୱାଇ ନ ଫିଟି ଏମନ୍ତ କାଲର ସୃଷ୍ଟି ହେଲା କି ଯହିଁରେ ସରକାର କ୍ଷତିଗ୍ରସ୍ତ ଓ ପ୍ରଜାଙ୍କର ନାନାଦିକ୍ଷୁ ହେଲା । ଏଣିକି ପ୍ରଦେଶୀୟକରଦ୍ୱାରା କାଲର ସୁଧ ପରିଶୋଧ ହେଉଅଛି ଏବ ସେ ଟଙ୍କା ପ୍ରଜାମାନେ ଦେଉଅଛନ୍ତି । ସୁତରାଂ ସେମାନଙ୍କର ଦୁଃଖ ଉପରେ ଦୁଃଖ ପଡ଼ିଅଛି । ଓଡ଼ିଶାରେ କାଲ ସଫଳ ହେବ ନାହିଁ ବୋଲି ଏଠା ଲୋକମାନେ ପ୍ରଥମରୁ ଯାହା ଭାବିଥିଲେ ପ୍ରତିବର୍ଷର ବର୍ଣ୍ଣାପନା ତହିଁର ପୋଷକତା କରୁଅଛି ତଥାପି ଗବର୍ଣ୍ଣମେଣ୍ଟଙ୍କର ନିଦ୍ରା ଭାଙ୍ଗୁ ନାହିଁ ଏବ ଯାଯବର୍ତ୍ତୀମାନେ ଅବଶ୍ୟ ଆଶା କରୁଅଛନ୍ତି କି ଏଥିରେ ଲାଭ ହେବ । ଏପରି କଳ୍ପନାକୁ କାହାର ବଳ ଅଛି ? । ଅବଶ୍ୟ ଏବେ ଜରୁରି ଖର୍ଚ୍ଚର ସରକାର କାଲସବୁ ଛାଡ଼ିଦେବେ ଏପରି କେହି ପରାମର୍ଶ ଦେବ ନାହିଁ କିନ୍ତୁ ଯେବେ ତୁଟି ସହିବାକୁ ହେଲା ତେବେ ପ୍ରଜାମାନଙ୍କର ଉପରେ କଷ୍ଟ ନ ହେବ ସେପରି ବନ୍ଦୋବସ୍ତ କରିବା ନିତାନ୍ତ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ । ଜଳକର ମାଣପ୍ରତି ଟ ୦୧ ଧାର୍ଯ୍ୟ ହେଲେ ପ୍ରଜାମାନେ ସୁଖରେ ନେବେ ବୋଲି ଏଥିପୂର୍ବେ ଯେଉଁ କମିଶନ ବସିଥିଲା ସେଠାରେ ପ୍ରକାଶ କରିଥିଲେ । ଲୁଇଷ୍ଟନଙ୍କର ଏକଥା ବିଚାରରେ କହୁ ଆପତ୍ତି ନାହିଁ । ଅମ୍ଭେମାନେ ଭରସା କରୁଁ ଗବର୍ଣ୍ଣମେଣ୍ଟ ଏଥିର ସୁବିଚାର କରିବେ ।

---

ଓଡ଼ିଶାର ବିଦ୍ୟାଳୟମାନଙ୍କରେ ଚଳିତବର୍ଷନିମନ୍ତେ ଯେ ସମସ୍ତ ପାଠ୍ୟପୁସ୍ତକ ଧାର୍ଯ୍ୟ ହୋଇଅଛି ସେ ସମସ୍ତର ତାଲିକା ଅମ୍ଭେମାନେ ଏ ସପ୍ତାହରେ ଶ୍ରୀଯୁକ୍ତ କଏଣ୍ଟ ଇନସ୍ପେକ୍ଟରଙ୍କଠାରୁ ପ୍ରାପ୍ତ ହୋଇଥିବାରୁ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ତନ୍ମଧ୍ୟରୁ ମାଇନର ଓ ବର୍ଣ୍ଣାକ୍ୟୁଲର ଶ୍ରେଣୀର ବିଦ୍ୟାଳୟମାନଙ୍କର ତାଲିକା ବର୍ତ୍ତମାନ ପ୍ରକାଶିତ ହେଲା । ଉଚ୍ଚ ଓ ନିମ୍ନପ୍ରାଇମେରି ବିଦ୍ୟାଳୟର ତାଲିକାମାନ ଆଗାମୀ ସପ୍ତାହରେ ପ୍ରକାଶିତ ହେବ ।

## REVISED LIST OF TEXT BOOKS 1888 & 89.

### MIDDLE ENGLISH SCHOOLS.

**English Literature.**

1st Class—New-Royl Reader No. IV*
2nd „ Do. Do. No. III
3rd „ Do. Do. No. II
4th „ Sarkar's Second Book of Reading.
5th „ Do. First Book of Reading

**English Grammar.**

1st Class—Lennie's Grammar ( to the end of Syntax ).
2nd Class—Lennie's Grammar
3rd Class—Chamber's Grammatical Primers or Calcutta School Book Society's Elements of Grammar.

---

*Selections from new Royal Reader IV. for the middle English scholarship course.

Prose.

1. The Kettle of Boiling water
2. Speak the truth.
3. Burning of the ship Kent.
4. Honest Jacob
5. Don't be too sure
6. What is a falsehood
7. Alfred I.
8. Alfred II.
9. Thou shalt not steal.
10. Men. Can you do nothing ?
11. A lump of sugar.
12. Learn to obey.
13. No pains, No gains.
14. Our bread stuffs.
15. The Royal Carpenter. I
16. The Royal Carpenter II.
17. Too late.
18. Our clothing.
19. Be polite.
20. Fresh air.
21. Cleanliness,

Poetry.

1. Casabanca 4. May Queen.
2. Cuckoo 5. The burial of Sir John Moore.
3. Llewylyn and his dog.

Sd. Radha Nath Roy
*Joint Inspector of Schools*
*Orissa Division.*

ସନ ୧୮୮୮ । ୮୯ ସାଲର ପାଠ୍ୟପୁସ୍ତକ ତାଲିକା ।

ମଧ୍ୟମଶ୍ରେଣୀ ସ୍କୁଲ ।

ଓଡ଼ିଆ ସାହିତ୍ୟ ।

୧ମ ଶ୍ରେଣୀ—ବାବୁ ମଧୁସୂଦନ ରାଓଙ୍କ କୃତ ପ୍ରବନ୍ଧମାଳା ।
୨ୟ ଶ୍ରେଣୀ— ଏକନ ଏକନ କଥା
ସାହିତ୍ୟପାଠ ୨ୟ ଭାଗ ।
୩ୟ ଶ୍ରେଣୀ—ସାହିତ୍ୟପାଠ ୧ମ ଭାଗ କିମ୍ବା ସୀତାନାଥ ରାୟଙ୍କ ଚୂଡ଼ାସ୍ୱପାଠ କିମ୍ବା ଜଗନ୍ନାଥ ତ୍ରିପାଠିଙ୍କ କୃତ ବସ୍ତୁବିଚାର ।
୪ର୍ଥ ଶ୍ରେଣୀ—ବାବୁ ପ୍ରିୟନାଥ ଦାସଙ୍କ ପ୍ରଣୀତ ବୋଧୋଦୟ କିମ୍ବା ଚଉଧୁରୀ ଗୋବିନ୍ଦ ବୋଧୋଦୟ କିମ୍ବା ସୀତାନାଥ ରାୟଙ୍କ କୃତ ଚିତ୍ରପାଠ କିମ୍ବା ...

Split by PDF Splitter



ବ୍ରହ୍ମ ପଦମାଳା କିମ୍ବା ଦେ ପ୍ରେସ ଅଙ୍ଗମାନ-
ମଞ୍ଜରୀ କିମ୍ବା କଟକ ମିସନପ୍ରେସ ଉପକଥା
କିମ୍ବା ଗୋବିନ୍ଦରଥ କୃତ ଗଳ୍ପମଞ୍ଜରୀ ।

୩ୟ ଶ୍ରେଣୀ—କଲିକତା ସ୍କୁଲବୁକ ସୋସାଇଟୀ ବର୍ଣ୍ଣବୋଧକ କିମ୍ବା ଜଗନ୍ନାଥ ଦାସଙ୍କ କୃତ ଶିକ୍ଷାମଞ୍ଜରୀ କିମ୍ବା କଟକ ମିସନ ପ୍ରେସ ବର୍ଣ୍ଣବୋଧକ କିମ୍ବା ଗୋବିନ୍ଦରଥ କୃତ ବର୍ଣ୍ଣବୋଧକ କିମ୍ବା ଜଗନ୍ନାଥ ସର୍ବ କୃତ ପ୍ରଥମପାଠ କିମ୍ବା ଦେ ପ୍ରେସ ପ୍ରଥମପାଠ କିମ୍ବା ବାଇଧର ଦାସ କୃତ ବର୍ଣ୍ଣଜ୍ଞାନ କିମ୍ବା ଓଡ଼ିଶା ପେଟ୍ରିଅଟ ପ୍ରେସ ବାଲ୍ୟଶିକ୍ଷା କିମ୍ବା ଚତୁର୍ଭୁଜ ପଟ୍ଟନାୟକ କୃତ ବାଳବୋଧିନୀ କିମ୍ବା ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ କୃତ ବର୍ଣ୍ଣମାଳା ।

## ଓଡ଼ିଆ ପଦ୍ୟ

୧ମ ଶ୍ରେଣୀ—ବାବୁ ରାଧାନାଥ ରାୟ ଓ ବାବୁ ମଧୁସୂଦନ ରାଓଙ୍କ କୃତ ୨ୟ ଭାଗ କବିତାବଳୀ ।

୨ୟ ଶ୍ରେଣୀ—ବାବୁ ରାଧାନାଥ ରାୟ ଓ ବାବୁ ମଧୁସୂଦନ ରାଓଙ୍କ କୃତ ୧ମ ଭାଗ କବିତାବଳୀ କିମ୍ବା ଗୋବିନ୍ଦ ରଥକୃତ ୨ୟଭାଗ କବିତାବଳୀପାଠ ।

୩ୟ ଶ୍ରେଣୀ—ଚକ୍ରଧର ଅଗ୍ରୱାଲ ଓ ଭୂତନାଥ ବସୁଙ୍କ କୃତ କବିତାକୁସୁମ କିମ୍ବା ଗୋବିନ୍ଦରଥ କୃତ ୧ମ ଭାଗ କବିତାକଳାପ କିମ୍ବା ହରିଶ୍ଚନ୍ଦ୍ର ସରକାର କୃତ ପଦ୍ୟକବିତା କିମ୍ବା ଗୋବିନ୍ଦରଥ କୃତ ଶବ୍ଦଭଣ୍ଡାର କିମ୍ବା କଲିକତା ସ୍କୁଲବୁକ ସୋସାଇଟୀ ପଦ୍ୟପାଠ ।

୪ର୍ଥ ଶ୍ରେଣୀ—ମଧୁସୂଦନ ରାଓ କୃତ ଛନ୍ଦମାଳା କିମ୍ବା ଗୋବିନ୍ଦରଥ କୃତ ପଦମାଳା କିମ୍ବା ଗୋବିନ୍ଦରଥ କୃତ କୁସୁମକଳିକା ।

## ଓଡ଼ିଆ ବ୍ୟାକରଣ

୧ମ ଶ୍ରେଣୀ— ରମାନାଥଙ୍କର ଭଟ୍ଟାଚାର୍ଯ୍ୟ କୃତ ସଂସ୍କାର ବ୍ୟାକରଣ ସନ୍ଧି ଅକ୍ଷର ଛନ୍ଦ ଠିକ୍ ପ୍ରତ୍ୟୟ ପର୍ଯ୍ୟନ୍ତ ।

୨ୟଶ୍ରେଣୀ—ରମାନାଥଙ୍କର ଭଟ୍ଟାଚାର୍ଯ୍ୟ କୃତ ସଂସ୍କାର ବ୍ୟାକରଣ ସନ୍ଧି ଅକ୍ଷର ଛନ୍ଦ ଧାତୁ ପର୍ଯ୍ୟନ୍ତ କିମ୍ବା ରାଧାନାଥ ରାୟଙ୍କ କୃତ ବ୍ୟାକରଣ (କଲିକତା ସ୍କୁଲବୁକ ସୋସାଇଟୀ ।)

୩ୟଶ୍ରେଣୀ ରମାନାଥଙ୍କ ଭଟ୍ଟାଚାର୍ଯ୍ୟ କୃତ ଭାଷାବ୍ୟାକରଣ କିମ୍ବା ଉପେନ୍ଦ୍ରନାଥ ଦେ କୃତ ବାଳବୋଧ ବ୍ୟାକରଣ

୪ର୍ଥ ଶ୍ରେଣୀ—ଜଗନ୍ନାଥ ରାଓ କୃତ ସରଳବ୍ୟାକରଣ କିମ୍ବା କଲିକତା ସ୍କୁଲବୁକ ସୋସାଇଟୀ ବ୍ୟାକରଣ ମଞ୍ଜରୀ ।

## ଇତିହାସ ।

୧ମ ଶ୍ରେଣୀ—ସୀତାନାଥ ରାୟ କୃତ ଭାରତ ଇତିହାସ ।

୨ୟ ଶ୍ରେଣୀ—ସୀତାନାଥ ରାୟଙ୍କ କୃତ ଭାରତ ଇତିହାସ ମୋଗଲ ସମ୍ରାଟଙ୍କ ଅଧିକାର ପର୍ଯ୍ୟନ୍ତ କିମ୍ବା ହରିଶ୍ଚନ୍ଦ୍ର ସରକାରଙ୍କ କୃତ ଇତିହାସ ସାରସଂଗ୍ରହ ।

୩ୟ ଶ୍ରେଣୀ—ଦେ ପ୍ରେସ ଓଡ଼ିଶା ସଂକ୍ଷିପ୍ତ ଇତିହାସ କିମ୍ବା ସୀତାନାଥ ରାୟଙ୍କ କୃତ ଉତ୍କଳ ଇତିହାସ କିମ୍ବା ଜଗମୋହନ ଲାଲଙ୍କ କୃତ ଓଡ଼ିଶା ଦର୍ପଣ ।

## ଭୂଗୋଲ ।

୧ମ ଶ୍ରେଣୀ—ସୀତାନାଥ ରାୟଙ୍କ କୃତ ଭୂଗୋଳପାଠ ।

୨ୟ ଶ୍ରେଣୀ— ଏଜନ ଏଜନ

୩ୟ ଶ୍ରେଣୀ—ସୀତାନାଥ ରାୟଙ୍କ କୃତ ସରଳ ଭୂଗୋଳ ପାଠ କିମ୍ବା ଦ୍ୱାରକାନାଥ ଚକ୍ରବର୍ତ୍ତୀ କୃତ ସରଳ ଭୂଗୋଳ କିମ୍ବା ଗୋବିନ୍ଦ ରଥଙ୍କ କୃତ ଭୂଗୋଳ ସାର କିମ୍ବା ଦେ ପ୍ରେସ ଭୂଗୋଳ ସାର ।

୪ର୍ଥ ଶ୍ରେଣୀ—ଦେ ପ୍ରେସ ଓଡ଼ିଶା ଭୂଗୋଳ କିମ୍ବା ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ କୃତ ଓଡ଼ିଶା ଭୂଗୋଳ ।

## ପ୍ରାକୃତିକ ଭୂଗୋଳ ।

୧ମ ଶ୍ରେଣୀ—ଦୁର୍ଗାଚରଣ ସାହୁଙ୍କ କୃତ ପ୍ରାକୃତିକ ଭୂଗୋଳ କିମ୍ବା ରଘୁନାଥ ସିଂହଙ୍କ କୃତ ପ୍ରାକୃତିକ ଭୂଗୋଳ ।

## କ୍ଷେତ୍ରତତ୍ତ୍ୱ ।

୧ମ ଶ୍ରେଣୀ—ସୀତାନାଥ ରାୟଙ୍କ କୃତ ଜ୍ୟାମିତି କିମ୍ବା ଉମାପ୍ରସାଦ ଦେ କୃତ ଇଉକ୍ଲିଡ୍ କିମ୍ବା ଶିବନାରାୟଣ ନାୟକ କୃତ ଇଉକ୍ଲିଡ୍ ।

୨ୟ ଶ୍ରେଣୀ—ଉପରୋକ୍ତ ୩ ଖଣ୍ଡ ପୁସ୍ତକରୁ କୌଣସି ଖଣ୍ଡିଏ

୩ୟ ଶ୍ରେଣୀ— ଏଜନ ଏଜନ

## ପାଟୀଗଣିତ ।

୧ମ ଶ୍ରେଣୀ—ଉମେଶଚନ୍ଦ୍ର ବସୁଙ୍କ କୃତ ପ୍ରଥମ ଓ ଦ୍ୱିତୀୟ ଭାଗ ପାଟୀଗଣିତ

୨ୟ ଶ୍ରେଣୀ—ଉମେଶଚନ୍ଦ୍ର ବସୁ କୃତ ୧ମ ଓ ୨ୟ ଭାଗ ପାଟୀଗଣିତ ।

୩ୟ ଶ୍ରେଣୀ—ଉମେଶଚନ୍ଦ୍ର ବସୁଙ୍କ ୧ମ ଭାଗ ପାଟୀଗଣିତ କିମ୍ବା ବଳରାମ ଦାସ କୃତ ଅଙ୍କ ଶିକ୍ଷାମଞ୍ଜରୀ କିମ୍ବା ରମାନାଥ ଦାସ କୃତ, ପ୍ରଥମାଙ୍କ କିମ୍ବା ଚଂଦ୍ରନାଥ ଦାସ କୃତ ଅଙ୍କପ୍ରବନ୍ଧ ।

୪ର୍ଥ ଶ୍ରେଣୀ— ଜେ, ଏସ୍ ଭାରତ କୃତ ପାଟୀଗଣିତ କିମ୍ବା ଗୋବିନ୍ଦରଥ କୃତ ପାଟୀଗଣିତ କିମ୍ବା ସୀତାନାଥ ରାୟ କୃତ ପ୍ରାରମ୍ଭିକ ପାଟୀଗଣିତ କିମ୍ବା ଓଡ଼ିଶା ପେଟ୍ରିଅଟ୍ ପ୍ରେସର ଅଙ୍କବାଲ୍ୟଶିକ୍ଷା ।

୫ମ ଶ୍ରେଣୀ—ପଣିକିଆ, ମାନସାଙ୍କ ମଧ୍ୟରୁ ସ୍ୱଳ୍ପ ସୂତ୍ର ।

## କ୍ଷେତ୍ରପରିମାଣ ।

୧ମ ଶ୍ରେଣୀ—ଦ୍ୱାରକାନାଥ ଚକ୍ରବର୍ତ୍ତୀ କୃତ କ୍ଷେତ୍ରପରିମାଣ ରେଖା, ଧରାତଳ ଏବଂ ଘନବସ୍ତୁ, ଜରିପ ସମ୍ପୂର୍ଣ୍ଣ ଛଡ଼ା ।

## ଶରୀରରକ୍ଷା ।

୧ମ ଶ୍ରେଣୀ—ରାମକୃଷ୍ଣ ସାହୁଙ୍କ କୃତ ଶରୀରରକ୍ଷା ।

୨ୟ ଶ୍ରେଣୀ—ଏଜନ ଏଜନ

## ବିଜ୍ଞାନ ।

୧ମ ଶ୍ରେଣୀ—ଯୋଗେଶଚନ୍ଦ୍ର ରାୟ କୃତ ସରଳ ପଦାର୍ଥବିଜ୍ଞାନ ୧ମ ଅଧ୍ୟାୟଠାରୁ ୩୧ ଅଧ୍ୟାୟ ପର୍ଯ୍ୟନ୍ତ ଓ ୩୭ ଠାରୁ ୫୮ ଅଧ୍ୟାୟ ପର୍ଯ୍ୟନ୍ତ ।

୨ୟ ଶ୍ରେଣୀ—ଯୋଗେଶଚନ୍ଦ୍ର ରାୟ କୃତ ସରଳ ପଦାର୍ଥ ବିଜ୍ଞାନ ୧ ଅଧ୍ୟାୟରୁ ୩୦ ଅଧ୍ୟାୟ ପର୍ଯ୍ୟନ୍ତ ।

Sd. Radha Nath Roy
*Joint Inspector of Schools*
*Orissa Circle.*

---

# ସାପ୍ତାହିକ ସଂବାଦ ।

ଅସ୍ମାନଙ୍କର ମାନନୀୟ କମିଶନର ମିଃ ଗ୍ରିଅର୍ସନ ସାହେବ ଗତ ତା ୧୩ ରିଖ ଶୁକ୍ରବାର ପ୍ରାତଃକାଳରେ ଗଡ଼ଜାତ ଭ୍ରମଣରୁ ଫେରିଆସି କଟକ ନଗରରେ ପହଞ୍ଚିଅଛନ୍ତି ।

ଗତ ବୁଧବାର ପ୍ରାତଃକାଳର ୧୦ । ଘଣ୍ଟାରେ ଦୁଇର ବାର୍ଷିକ ପୁରସ୍କାର ବଣ୍ଟନ କାର୍ଯ୍ୟ ସମ୍ପନ୍ନ ହେଲା । ଅସ୍ମାନଙ୍କ ମାନନୀୟ କମିଶନର ଓଜସ୍ୱ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ ।

ଗତଶନିବାର ରାତ୍ରରେ ଏ ନଗରର କଳମିରଗାରେ ୩୭ ଖଣ୍ଡ ଘର ପୋଡ଼ିଗଲା ପୁଣି ସେହିଦିନ ସନ୍ଧ୍ୟାକାଳରେ ଦୁଇପ୍ରହରସମୟରେ ପ୍ରାୟ ସୋ ୫୦ଟା ଘର ପୋଡ଼ିଗଲା । ଗୋଟିଏ ବାଳକ ଘରେ ଶୋଇଥିଲା ତାହାର ପିତା ତାହାକୁ ଅଣିବା ସମୟରେ ଅଗ୍ନି ପ୍ରବେଶ ହେବାରୁ ଦୁହେଁ ନ୍ୟୂନାଧିକ ପୋଡ଼ିଯାଇ ଡାକ୍ତରଖାନାକୁ ପ୍ରେରିତ ହୋଇଅଛନ୍ତି । ଏବର୍ଷ ଅଗ୍ନିଦେବତାଙ୍କ ଦାଉ ବଡ଼ ଅଧିକ ଦେଖାଯାଏ ।

ଏ ନଗରରେ ଗ୍ରୀଷ୍ମ ଅତ୍ୟନ୍ତ ହୋଇଅଛି ମେଘର ଦେଖା ନାହିଁ । କେବଳ ପବନ ସଞ୍ଚାଳିତ ହେଉଥିବାରୁ ଟିକିଏ ରକ୍ଷା ଅଛି ।

ପୁରୀର କଲେକ୍ଟରୀ ସିରସ୍ତାଦାର ବାବୁ ଭଗବାନ ପ୍ରସାଦ ଦତ୍ତ ବାଲେଶ୍ୱରକୁ ବଦଳି ହୋଇ ଗଲେ ସେଠାର କଲେକ୍ଟରୀ ସିରସ୍ତାଦାରୀ କାର୍ଯ୍ୟର ଭାର ନେଇଅଛନ୍ତି ।

ଶ୍ରୀମତୀ ଭାରତେଶ୍ୱରୀ ହିନ୍ଦିଭାଷା ଅଧ୍ୟୟନ କରୁଥିବାର ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ଅବଗତ ହେଲୁଁ ଯେ ସେ ତାଙ୍କର ହିନ୍ଦୁସ୍ଥାନୀ ଭୃତ୍ୟମାନଙ୍କ ସଙ୍ଗରେ ହିନ୍ଦୀ ଭାଷାରେ ଅଳ୍ପ କଥା କହିପାରୁଅଛନ୍ତି ।

## କଲିକତାଗେଜେଟ ।

ବାଲେଶ୍ୱରର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଦାସ ଚଳିତମାସ ତା ୮ ରିଖଠାରୁ ଏକମାସର ଅନୁପସ୍ଥିତି ଛୁଟୀ ପ୍ରାପ୍ତ ହେଲେ ।

ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ମହାନନ୍ଦ ଗୁପ୍ତ ତିନିମାସର ଅନୁପସ୍ଥିତି ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ମୟୂରଭଞ୍ଜର ଅସିଷ୍ଟେଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଆର ସି ଦତ୍ତ ଗତ ମାର୍ଚ୍ଚମାସ ତା ୭ ରିଖରୁ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ବାହାଲ ହୋଇଅଛନ୍ତି ଓ ତାଙ୍କ ପରିବର୍ତ୍ତରେ ମିଃ ଦତ୍ତେ ପ୍ରଥମଶ୍ରେଣୀର ଜଏଣ୍ଟ ମାଜିଷ୍ଟ୍ରେଟରେ ବାହାଲ ହେଲେ କିନ୍ତୁ ଅନ୍ୟାନ୍ୟ ପର୍ଯ୍ୟନ୍ତ ଫରିଦପୁରର ମାଜିଷ୍ଟ୍ରେଟ କାର୍ଯ୍ୟ କରୁଥିବେ ।

ଗତ ଫିବ୍ରୁଆରିମାସ ତା ୭ ରିଖରେ ପୁରୀ ମିଉନିସିପାଲିଟୀ କମିଶନର ପଦରେ ନିମ୍ନଲିଖିତ ବ୍ୟକ୍ତିମାନେ ନିର୍ବାଚିତ ହୋଇଅଛନ୍ତି ।

| | |
|---|---|
| ୱାର୍ଡ ନଂ ୧ | ବାବୁ ଜୟକୃଷ୍ଣ ମହାନ୍ତି |
| " " ୨ | " ହରିମୋହନ ରାୟ<br>" ଭଗୀରଥି ନାୟକ |
| " " ୩ | " ଅନନ୍ତଚନ୍ଦ୍ର ମୁଖାର୍ଜି<br>" ଅଖିଳନାଥ ସିଂହ |
| " " ୪ | " ନିତ୍ୟାନନ୍ଦ ଦାସ<br>" ପଣ୍ଡିତ ଚରଣ ଦାସ |
| " " ୫ | " ମଧୁସୂଦନ ମହାନ୍ତି<br>" ଲକ୍ଷ୍ମୀକାନ୍ତ ପ୍ରସାଦ ଦତ୍ତ |

ବାଲେଶ୍ୱର ମିଉନିସିପାଲିଟୀର କମିଶନର ପଦରେ ଗବର୍ଣ୍ଣମେଣ୍ଟ ତରଫରୁ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ଆଜିକାଲି ମୋଫସଲରେ ଜ୍ୱରର ଅତ୍ୟନ୍ତ ପ୍ରାଦୁର୍ଭାବ । ଲୋକେ ଉପାୟ ନ ପାଇ ଷଡଲେ ପଡୁଅଛନ୍ତି । ଏପର ରୋଗର ଔଷଧ ନ ରହିବା ବଡ଼ ଦୁଃଖର ବିଷୟ ଅଟଇ ।

ଅତଃପର ଏ ଡିଷ୍ଟ୍ରିକ୍ଟର ସବୁ ଅନ୍ତରରେ ଯେଉଁ ଉତ-ଖାରଣେମ୍ବ ସ୍କୁଲ ସ୍ଥାପନ ହୋଇଅଛି ସେଥିରେ କେତେଗୁଡ଼ିଏ ବାଳକ ପଢ଼ୁଅଛନ୍ତି । ସ୍କୁଲ ଯେପରି କାର୍ଯ୍ୟ ଅର୍ଥାତ୍ ଦେଶୀୟ ସୁଦ୍ଧାଳନପେକ୍ଷା କୌଣସି ଅଂଶରେ ଉତ୍କୃଷ୍ଟ ନୁହେ । ଉକ୍ତମିଶ ମେସ ଥିବାରୁ ସକାଳୁଅଧିଲ ବେଳେ ପିଲାମାନଙ୍କ ଖାଦ୍ୟଭୋଗ କଷ୍ଟକୁ ହେଉଅଛି । ଯେବେ କୌଣସି ବାଳକ ସ୍କୁଲରେ ଅନୁପସ୍ଥିତ ହୁଏ ତେବେ ସେ ଦିନ ନିଅତ ତେଲ ସ୍କୁଲର ଅଙ୍ଗଣ ହେବା ନିୟମ କରା ହୋଇଅଛି ।

ଅସ୍ମାମାନଙ୍କର ନୂତନ କମିଶନର ଉଅଲସନ ସାହେବ ଏଠାରେ ତା ୭ ରଖରେ ପହୁଞ୍ଚି ଉଡ଼ଗଡ଼ରେ ଫୌଜଦାରୀ ମୋକଦ୍ଦମାମାନ ବୁଝି ଶେଷ କରି କଟକ ଫେରି ଗଲେ । [illegible] ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକମହାଶୟ ସମୀପେଷୁ ।

ମହାଶୟ !

ଅପଣ ଅନୁଗ୍ରହପୂର୍ବକ ନିମ୍ନଲିଖିତ ପତ୍ରକୁ ଆପଣଙ୍କ ପତ୍ରିକାରେ ସ୍ଥାନପ୍ରଦାନ କରି ଅମ୍ଭକୁ ବାଧିତ କରିବେ ।

ଅପଣ ଗତମାସ ତା ୩୧ ରଖ ପତ୍ରିକାରେ "ଓଡ଼ିଶା ଇସଲାମଏସୋସିଏସନ" ବିରୁଦ୍ଧରେ ଯେଉଁ ଆର୍ଟିକଲ ଲେଖିଅଛନ୍ତି ତାହା ପାଠ କରି ଆମ୍ଭେ ନିତାନ୍ତ ଦୁଃଖିତ ହୋଇଅଛୁଁ । ମହାମାନ୍ୟ ଲର୍ଡ ଡଫରିନଙ୍କୁ ଅଭିନନ୍ଦନପତ୍ର ଦେବା-ବିଷୟ ପ୍ରସ୍ତାବ ଏ ସଭା ଗୁପ୍ତଭାବରେ କରିଥିବା ଯେ ଅପବାଦ ଦିଆଯାଇଅଛି ତାହା ଅଶୁଦ୍ଧ ହୋଇଅଛି ଏ ସଭାର କୌଣସି କାର୍ଯ୍ୟରେ ଅନ୍ୟ ଧର୍ମାବଲମ୍ବୀମାନଙ୍କ ମତ ନେବା ସଭାର ନିୟମର ବହିର୍ଭୂତ କାର୍ଯ୍ୟ ଅଟଇ । ଓଡ଼ିଶା-ଡିଭିଜନର ଅଧୀନ ଭଦ୍ରକ, ଧାମନଗର, ସୁଙ୍ଗଡ଼ା, କେନ୍ଦ୍ରାପଡ଼ା, ମାଧୁପୁର, ଝଙ୍କଡ଼, ବାଲୁବିଶୀ, [illegible]ରପୁର, ନନ୍ଦାଜପୁର, ଜଦୁପୁର ଓ [illegible]ରପୁର ଇତ୍ୟାଦି ପ୍ରଧାନ ମୁସଲମାନଙ୍କ ମତ [illegible]ଯାଇ ଓ ଏ ସମ୍ବନ୍ଧରେ ଯେପ୍ରକାର ନୋଟିସ [illegible]ବାର ବିଧି ଅଛି ତଦନୁସାର ନୋଟିସ [illegible]ଶ ହୋଇ ସଭା ବସିଥିଲା ଏବଂ ତହିଁରେ [illegible]ଦର ଓ ମୋଫସଲର ଅନେକ ମୁସଲମାନ ଯେ ଉପସ୍ଥିତ ଥିଲେ ସେମାନଙ୍କ ମତ ଗ୍ରହଣପୂର୍ବକ ଅଭିନନ୍ଦନ ଦେବାର ଧାର୍ଯ୍ୟ ହୋଇଅଛି ।

" ନେସନେଲକନଗ୍ରେସ " ଅର୍ଥାତ୍, ସାଧାରଣ-ଉପକାରକ ଜନକ ଅଟଇ ଓ ତହିଁର ପ୍ରେସିଡେଣ୍ଟ ସେକ୍ରେଟରୀ ଓ ମେମ୍ବର ଅନ୍ୟ ଧର୍ମାବଲମ୍ବୀ ହୋଇ-ଥାନ୍ତି କେବଳ ଉର୍ଦ୍ଦୁ ଭାଷା ପଦ୍ୟ ଓ ଗଦ୍ୟ ହିତ ନିମନ୍ତେ ଉକ୍ତ ସଭା ସ୍ଥାପନ ହୋଇ ପିଲାଙ୍କଦ୍ୱାରା ଉକ୍ତ କାର୍ଯ୍ୟ ଚଳୁଥିଲା କେହି ଫାଜିଲଗୁଡ଼ିକ ମୁସଲମାନ ଅପଣା ନାମ ଓ ମର୍ଯ୍ୟାଦା ଉଚ୍ଚ କରିବା ଅଭିପ୍ରାୟରେ ମଥୁରାବାବୁ ଓ କାଳୀବାବୁଙ୍କୁ ନିମନ୍ତ୍ରଣ କରି ଆଣି ଓ କେ-ତେକ ପିଲା ଅଜ୍ଞାନବୁଦ୍ଧି ନୁହନ୍ତି ଏପରି ଯୁବାଙ୍କୁ ମାଧ୍ୟଘାଟରେ ପକାଇ ପ୍ରିଣ୍ଟିଂକମ୍ପାନିଙ୍କ ଦ୍ୱି-ମହଲାରେ ମୁସଲମାନସଭା ବୋଲି ଏକ ଘଟନା କଟାଇ ଦେଇଅଛନ୍ତି ସୁତରାଂ ଏସଭାକୁ ମୁସଲ-ମାନମାନଙ୍କ ବିଶେଷ ସଭା ବୋଲି କୁହାଯାଇ ନ ପାରେ ତହିଁର ଉଦ୍‌ଯୋଗକାରୀ ମୁସଲମାନ ଥିବାରୁ ଓ ତାହାର ନାମ ଫାରସୀରେ ଦିଆ-ଯାଇଥିବାରୁ ଆପଣ ଓ ସାଧାରଣ ଏ ସଭାକୁ ମୁସଲମାନସଭା ବୋଲି ବୁଝିଅଛନ୍ତି ତାହା ଭୁଲ ଅଟେ ସୁତରାଂ ସେସବୁରେ ଇସଲାମସଭାର ପ୍ରସଙ୍ଗ କାହିଁକି ପଡ଼ିଲା ।

ଫଏଜାମସଭାରେ ଉପସ୍ଥିତ ଥିବା ଅନେକ ମୁସଲମାନ ଇସଲାମସଭାରେ ଅଭିନନ୍ଦନ ଦେବା-ବିଷୟରେ ମତ ଦେଇଥିଲେ ସେ କାହିଁକି ଉକ୍ତ ବିଷୟ ଆପଣଙ୍କୁ ନ କହିଲେ ଏସଭା ତହିଁର ଦାୟୀ ହୋଇ ନ ପାରନ୍ତି ।

ଏ ସଭାର ଅନ୍ୟଧର୍ମାବଲମ୍ବୀମାନଙ୍କ ସଙ୍ଗେ ସଦ୍‌ଭାବ ନ ଥିବାର ଯେ ଦୁର୍ନାମ ଦିଆଯାଇଅଛି ତାହା ଭ୍ରମ ହୋଇଅଛି । କୌଣସି ବିଶେଷ-ବିଷୟରେ କୌଣସି ସଭା କିମ୍ବା କୁଟୁମ୍ବ ଅଥବା ଜାତି ମଧ୍ୟରେ ମତଭେଦ ହେଲେ ଯେ ସଦ୍‌ଭାବ ଦୂର ହେବ ଏମନ୍ତ ହୋଇ ନ ପାରେ; ମତ-ଭେଦ ଏକ ସ୍ୱାଭାବିକ ବିଷୟ ଅଟଇ ତାହା ପିତା ପୁତ୍ର ଓ ଭ୍ରାତା ଭ୍ରାତା, ମେମ୍ବର ମେମ୍ବର ଓ ଯଷ୍ଟିସ ଯଷ୍ଟିସ (justice)ମଧ୍ୟରେ ହୋଇ ଥାଏ ।

ସଭା ବିଶ୍ୱାସରୂପେ ବୁଝି ପାଇଅଛନ୍ତି ଯେ ଲର୍ଡ ଡଫରିନଙ୍କ ଶାସନକାର୍ଯ୍ୟ ନିତାନ୍ତ ସାବଧାନ ନିରପେକ୍ଷ ସହିତ ଧାର୍ଯ୍ୟଭାବରେ ଚଳ-ଥିଲା ଓ ଯେଉଁ କାର୍ଯ୍ୟମାନଙ୍କ ନିମନ୍ତେ ତାଙ୍କୁ ଦୋଷାରୋପ କରାଯାଉଅଛି ତାହା ସେ ଉତ୍ତମା-ପୂର୍ବକ କିମ୍ବା ଉପଯୋଗିକରେ କରି ନାହାନ୍ତି; ସୁତରାଂ ପୋଲିଟିକଲ-ଅର୍ଥ ପ୍ରତିପାଳନ ଓ ରାଜକାର୍ଯ୍ୟ ସ୍ଥିର ରହିବା ନିମନ୍ତେ ଅନେକାର୍ଯ୍ୟ ଅବସ୍ଥାରେ କରିଅଛନ୍ତି ସୁତରାଂ ସେ ସର୍ବମତେ ଅଭିନନ୍ଦନପତ୍ର ପାଇବାର ଉପଯୁକ୍ତ ଅଟନ୍ତି ।

କଲିକତା ସହର ଟାଉନହଲ ମଧ୍ୟରେ ଇଂରେଜ ହିନ୍ଦୁ ମୁସଲମାନ ଓ ଫାରସୀ ପ୍ରଭୃତି ହଜାର ମନୁଷ୍ୟ ଏକତ୍ର ହୋଇ ଲର୍ଡଡଫରିନଙ୍କୁ ଅଭିନନ୍ଦନପତ୍ର ଦେବା ବିଷୟର ଯେଉଁ ସଭା କରିଥିଲେ ସେ ସଭାକୁ ଯେତେବେଳେ ଗୁପ୍ତ-ଭାବରେ ସଭା ହେବାର ଅପବାଦ ଦିଆଯାଇ-ଅଛି ସେତେବେଳେ ଏ ( ନଗରରେ ) ଘୁଅର ଇସଲାମସଭାକୁ ଯେ ଅପବାଦ ଦିଆ ନ ଯିବ ଏଥିର କାରଣ କ ।

ଇସଲାମସଭାର ଅଭିନନ୍ଦନପତ୍ର କିଛି ମୂଲ୍ୟର ନ ଥିବାର ଯେ ଆପଣ ଲେଖିଅଛନ୍ତି ତାହା ଯଥାର୍ଥ ଅଟେ କାରଣ ମଣି ମୁକ୍ତା ମଧ୍ୟ ଯେଉଁ ଦେଶରେ ଜନ୍ମ ହୁଏ ସେ ଦେଶରେ ମୂଲ୍ୟ ହୁଏ ନାହି ଦେଶ ବିଦେଶ ଗଲେ ତହିଁର ମର୍ଯ୍ୟାଦା ଓ ମୂଲ୍ୟ ପ୍ରକାଶ ହୁଏ ।

ଶେଷରେ ସର୍ବସାଧାରଣଙ୍କୁ ଏହା ଜଣାଇ ଦିଆ ଯାଉଅଛି ଯେ ଏ ସଭାର ସମସ୍ତ ସମ୍ପ୍ରଦାୟ ସଙ୍ଗେ ଆନ୍ତରିକ ସଦ୍‌ଭାବ ଓ ଭକ୍ତି ଯେପରି ଥିଲା ସେହିପରି ବର୍ତ୍ତମାନ ମଧ୍ୟ ଅଛି ଓ ପର-ମେଶ୍ୱର ତାହା ଅତୁଟ ଅଧିକ କରନ୍ତୁ ।

କଟକ ୧୧।୪।୮୮ } ଆପଣଙ୍କ ବଶମ୍ବଦ ନାଜିରମହ-ମ୍ମଦ ସେକ୍ରେଟରୀ ଓଡ଼ିଶା ଇସଲାମ ଏସୋସିଏସନ ।

☞ ଅମ୍ଭେମାନେ ଅପଣା ମତପୂର୍ବକୁ ପ୍ରକାଶ କରି ଅଧିକ କହିବାର ପ୍ରୟୋଜନ ନାହିଁ । ଯେବେ ସାଧାରଣମତେ [illegible] ଅର୍ଥାତ୍ କେବଳ ସଭାର ସଭ୍ୟମାନଙ୍କ ସମ୍ମତ ନେଇ ଅଭିନନ୍ଦନପତ୍ର ଦେବାରତ ଗୁରୁତରକାର୍ଯ୍ୟ ସମାଧା ହେଲା ତେବେ ବହୁକାଳ ସମ୍ବାଦପତ୍ରମାନଙ୍କରେ [illegible] ପ୍ରକାଶ କରିବାର ପ୍ରୟୋଜନ କି ଥିଲା ? ଏହି ଅଧିକା କାର୍ଯ୍ୟଟି ବିଶେଷ ପ୍ରକାଶ କରିବାକୁ ଅମ୍ଭେମାନେ ସେପରି ଲେଖିଥିଲୁଁ । ସମ୍ପାଦକ ।

ବିଜ୍ଞାପନ ।

ନୂତନ ପୁସ୍ତକ ।

କଳିକାଳ ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଙ୍ଗକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଚାରିଅଣା । ମୋଫସଲକୁ ପଠାଇବା-କାରଣ ଦୁଇପଇସାର ଡାକଟିକଟ ଲାଗିବ ।

Digitized by srujanika@gmail.com

Split by PDF Splitter



ଷଷ୍ଠୀଭ ଦ୍ୱୋଷ୍ଟିବ୍ରହ୍ମାଣ୍ଡସ୍ତବନଶ ମୁଦ୍ରିତ ହୋଇ ପ୍ରକାଶିତ ହୋଇଅଛି । ଗ୍ରାହକମାନେ ଉକ୍ତସମ୍ବାଦ ମଧ୍ୟରେ ମନିଅର୍ଡରଦ୍ୱାରା ଉତ୍କଳଗୁଗ୍ଗୁପ୍ରେସର ମ୍ୟାନେଜର ବାବୁ ଶ୍ରୀ ଅଭୟ ନାୟକଙ୍କ ନିକଟକୁ ପୁସ୍ତକର ମୂଲ୍ୟ ଟ ୧୨ ଓ ପୋଷ୍ଟେଜ ଟ୦/୬ ଏପର ଟ ୧୳/୬ ପଠାଇଲେ ପୁସ୍ତକ ପ୍ରାପ୍ତହେବେ । ଉକ୍ତସମ୍ବାଦ ଅତୀତ ହେଲେ ଗ୍ରାହକମାନେ ଏହି ମୂଲ୍ୟରେ ପାଇ ପାରିବେ ନାହିଁ । ଅନ୍ୟାନ୍ୟ ଗ୍ରହଣେଚ୍ଛୁମାନେ ପୁସ୍ତକର ମୂଲ୍ୟ ଟ ୨୧ ଏବଂ ବିଦେଶୀୟମାନେ ଡାକମାସୁଲ ଟ ୦ /୬ ସହିତ ଟ ୨/୬ ପଠାଇଲେ ପୁସ୍ତକ ପ୍ରାପ୍ତହୋଇ ପାରିବେ । ପୁସ୍ତକର ଗୁଣାଗୁଣ ସମ୍ବନ୍ଧରେ ଅଧିକ ଲେଖିବା ବାହୁଲ୍ୟ । ଓଡ଼ିଶାର ଯୋଗ୍ୟଲୋକମାନଙ୍କ ମଧ୍ୟରେ ପୁସ୍ତକର ବହୁଳ ପ୍ରଚାର ଓ ଆଦର ଦେଖିଲେ ପ୍ରକାଶକ ତାଙ୍କ ପରିଶ୍ରମ ସଫଳ ଜ୍ଞାନ କରିବେ ।

୧୭।୪।୮୮
ଉତ୍କଳଗୁପ୍ତପ୍ରେସ
କଟକ } ଶ୍ରୀସାଧାବିନୋଦ ବସୁ

## NOTICE.

**TO BE LET OR SOLD**

2 Bungalows at Chawleagunj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

**TO BE SALED**

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office.

Apply to

Hadjee Dadamia Abdool Salam
Managing Agent for Hajee Jackaria
Mohomed &c.

ବିଜ୍ଞାପନ ।

କେହି କେଉଁଠାରେ ନେବାକୁ ଇଚ୍ଛିଲେ ଜମା ଖରିଦ କରିବା ନିମନ୍ତେ ବୁଝିନେଇ ପାରନ୍ତି ।

ମୋ ୨ ଟା ବଙ୍ଗଳା ଚୌଲିଆଗଞ୍ଜଠାରେ ଅଛି ।

୧ ଦୋମହଲା ପକ୍କାକୋଠୀ ବାଳେଘର ଓ ବଗିଚା ଓଗେର ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାକ୍ନର ସାହେବଙ୍କର ଦଖଲ ଥିଲା ।

୧ ଏକମହଲା ପକ୍କାକୋଠି ତାହାର ବାଳେଘର ଭାଙ୍ଗିଯାଇଅଛି ମୁରାଦଖାଁ ପାଟଣା ନିକଟ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ୍ ଥିଲା ।

ବିକ୍ରୀ ହେବ ।

୧ ଏକମହଲା ପକ୍କାକୋଠି ଓ ତାହାର ବାଳେଘର ଓଗେର ନ ୧୩ ମ୍ବର ପଲଟଣ ଇଲାକା ମଧ୍ୟରେ ଅଛି । ତାହାର କେତେକ ପ୍ରତିମାସକୁ ୩୭ ଙ୍କା ଆୟ ହେଉଅଛି ।

୧ ଦୋମହଲା ପକ୍କାକୋଠି ଓ ବାଳେଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରିଣୀ ଓ ବଗିଚା ଓଗେର ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରନ୍ତେ

ଶ୍ରୀ ହାଜି ଦାଦାମିଆଁ ଅବଦୁଲ ସଲାମ
କର୍ମ ଚଳାଇବା ନିମନ୍ତେ କାରପରଦାଜ
ତରଫ ହାଜୀ ଶ୍ରୀ ହାଜି ଜକରିଆ
ମହମ୍ମଦ କୁମ୍ପାନୀ ।

# ମେହରୋଗ ।

ଘ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍ଦ୍ଧ ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଯଥାର ବସ୍ତୁରେ ପରୀକ୍ଷିତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅହେରିଟୋଲା ନଂ ମ୍ବର ଭବନରେ ସ, କେ, ସରକାର କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ଟ୨୳ ଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍

ଯୋଗସିଦ୍ଧ ଅଷ୍ଟଧାତୁ ଅଙ୍ଗୁଠି, ଅନନ୍ତବ୍ରତ ଓ ପଦକ ।




ଏ ସବୁ ସୁନା ରୁପା ତମ୍ବା ଲୁହା ରଙ୍ଗା ସୀସା ଦସ୍ତା ଓ ପାରଦରେ ନିର୍ମିତ । ଜ୍ୱର ଜଣ୍ଡା କାଶ, ଶ୍ୱାସ ଅର୍ଶ ମୂର୍ଚ୍ଛା ଅମ୍ଳପ୍ରମେହ ବାତ ଉନ୍ମାଦ ଓଲାଉଠା ପ୍ରଭୃତି ସମସ୍ତ ଉତ୍କଟରୋଗର ଅବ୍ୟର୍ଥ ଔଷଧ । ପୁଷ୍ଟଶରୀରରେ ଧାରଣ କଲେ ଶରୀରର ବଳ ସାର୍ଥ୍ୟ କାନ୍ତି ଓ ସ୍ମୃତି ଅତ୍ୟନ୍ତ ବୃଦ୍ଧି ହୁଅଇ । ଏହି ଅନନ୍ତବ୍ରତ ଇତ୍ୟାଦି ହିମାଚଳବାସୀ ଜଣେ ଯୋଗିଙ୍କଠାରୁ ପ୍ରାପ୍ତ ଓ ତାହାଙ୍କର ଆଜ୍ଞା ଅଛି ଯେ ରୋଗରୁ ମୁକ୍ତ ହେଲେ କୌଣସି ଦେବାଳୟରେ ଯଥାସାଧ୍ୟ ପୂଜା ଦେବାକୁ ହେବ ।

ପୁରୁଷ ଦକ୍ଷିଣକର ଓ ସ୍ତ୍ରୀ ବାମକରରେ ଏହି ଅନନ୍ତବ୍ରତ ଧାରଣ କରିବ ପୂର୍ଣ୍ଣିମା ଓ ଅମାବାସ୍ୟାରେ ଗଙ୍ଗାଜଳ ଅଥବା ଦେବପୂଜାରେ ବ୍ୟବହାର ହୋଇଥିବା ଶୁଦ୍ଧଜଳରେ ବୁଡ଼ାଇ ସେ ଜଳ ପିଇବ ।

ମୂଲ୍ୟ

| | | |
|---|---|---|
| ଅନନ୍ତବ୍ରତ | ମୋ ୧ ଥାନକୁ | ଟ ୧ |
| କବଚ ଅବା ପଦକ | ” | ଟ ୧୳ |
| ଅଙ୍ଗୁଠି | ” | ଟ ୧। |

ଡାକରେ ପଠାଇବାକୁ ହେଲେ ଡାକମାସୁଲ ଦେବାକୁ ହେବ ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ । ଏଷ୍ଟିମେଟ ମାଗିଲେ ମିଳିବ ।

ଏହି ଉତ୍କଳଦୀପିକା ସହର କଟକ ତେଲିଙ୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ଭ
ସଂ ୧୭ ସଂଖ୍ୟା

ତା ୨୮ ଦିନ ମାହେ ଅପ୍ରେଲ ସନ ୧୮୮୮ ମସିହା । ମା । ବୈଶାଖ ତା ୧୮ ଜ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଏ ଜିଲ୍ଲାର ନୂତନ ସିଭିଲସର୍ଜନ ବୋଲିଲ ସାହେବ ଏଠାରେ ପହୁଞ୍ଚି ଚାର୍ଜ ନେଇଅଛନ୍ତି । ଡାକ୍ତର ଷ୍ଟିବାର୍ଟ ସାହେବ ଅଦ୍ୟ ଏଠାରୁ ଯାତ୍ରା କରିବେ । ଡାକ୍ତର ଷ୍ଟିବାର୍ଟ ବହୁକାଳ ଏଠାରେ ରହି କେତେଗୁଡ଼ିଏ କାର୍ଯ୍ୟ ସ୍ଥାପନଦ୍ୱାରା ସର୍ବସାଧାରଣଙ୍କ କୃତଜ୍ଞତାର ଭାଜନ ହୋଇଅଛନ୍ତି । ଭରସା କରୁଁ ଛୁଟି ଉତ୍ତାରୁ ସେ ପୁନର୍ବାର ଏଠାକୁ ଫେରି ଆସିବେ ।

———

ଅନୁଗୁଳର ନୂତନ ବନ୍ଦୋବସ୍ତ ଉପଲକ୍ଷରେ ଯେଉଁ କଷ୍ଟକାର୍ଯ୍ୟ ଲାଗିଅଛି ତାହା ସମସ୍ତ କେବଳ ଦେଶୀୟ ଯୁବକଙ୍କଦ୍ୱାରା ନିର୍ବାହ ହେଉଅଛି । ବିଦେଶୀୟ କାରକାଣ୍ଡିଆଙ୍କ ହାତରୁ ରକ୍ଷାପାଇବା ଓ ଆପଣାର ଆପେ ଆପେ ମାପିବାକୁ ସମର୍ଥ ହେବାରୁ ଲୋକମାନେ ସନ୍ତୁଷ୍ଟ ଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଦେଶୀୟଯୁବାମାନେ ବଡ଼ ଉତ୍ସାହ ସହିତ ଏ କାର୍ଯ୍ୟ କରୁଅଛନ୍ତି ଏବଂ ଏମାନଙ୍କୁ ଠିକା ନିୟମରେ ଶଏ ଏକରକୁ ଟ ୪ କା ଲେଖାଏ ଖର୍ଚ୍ଚ ଦିଆଯିବାର ସ୍ଥିର ହୋଇଅଛି ।

———

ଏଠା ଦାଖଲଖାରିଜ ଅମଲା ଉଣା ହେବାରୁ ଯେଉଁମାନଙ୍କର ରହିବାର ହେଲା ନୂତନ କଲେକ୍ଟର ଟ୍ରୁଏଷ୍ଟ ସାହେବ ସ୍ୱୟଂ ସୁବିଚାରପୂର୍ବକ ସେମାନଙ୍କୁ ବାଛିନେବାରେ ସମସ୍ତଙ୍କର ମନ ସନ୍ତୁଷ୍ଟ ହୋଇଅଛି ଏବଂ କଳକତାର ସମ୍ବାଦପତ୍ରମାନଙ୍କରେ ସାହେବଙ୍କର ଏକାର୍ଯ୍ୟର ପ୍ରଶଂସାସୂଚକ ତାରସମ୍ବାଦ ବାହାରିଅଛି । ଅମ୍ଭେମାନେ ମଧ୍ୟ ସେହିମର୍ମରେ ଖଣ୍ଡିଏ ପ୍ରେରିତପତ୍ର ପାଇଅଛୁଁ । ଜିଲ୍ଲା ହାକିମମାନେ ଆପଣା ଆପଣା ଏଲାକାରେ ଯେବେ ପ୍ରଶଂସନୀୟ ହେବେ ତେବେ ମଙ୍ଗଳ ଭରସା କରୁଁ ଟ୍ରୁଏଷ୍ଟ-ସାହେବଙ୍କର ଏ ଦେଶୀୟଙ୍କପ୍ରତି ଯେପରି ସୁଦୃଷ୍ଟି ଅଛି ତହିଁରେ ଅବଶ୍ୟ ତାହାଙ୍କର ସୁଖ୍ୟାତି ବଢ଼ିବ ।

———

ଭଦ୍ରକସ୍କୁଲର ସମ୍ପାଦକ ଲେଖିଅଛନ୍ତି ଉକ୍ତ ସ୍କୁଲ ସନ ୧୮୮୪ ସାଲରେ ସ୍ଥାପିତ ହୋଇ ସନ୍ ୧୮୮୫ ସାଲରୁ ସରକାରୀ ସାହାଯ୍ୟ ପାଉଅଛି ଏହାଦ୍ୱାରା ସେ ଅଞ୍ଚଳର ଲୋକଙ୍କର ବିଶେଷ ଉପକାର ହୋଇଅଛି । ଏ ବର୍ଷ ଗୃହଜଣ ଛାତ୍ର ଏଠାରୁ ପରୀକ୍ଷା ଦେବା ନିମନ୍ତେ ପ୍ରେରିତ ହୋଇଥିଲେ ତହିଁମଧ୍ୟରୁ ଏକଜଣ ମାଇନର ଏବଂ ଦୁଇଜଣ ଛାତ୍ରବୃତ୍ତିରେ ଉତ୍ତୀର୍ଣ୍ଣ ହେବାର ସମ୍ପୂର୍ଣ୍ଣ ଆଶା ଅଛି । ନୂତନ ସ୍କୁଲ ଏପରି ଫଳ ଦେଖାଇବା ଦୃଷ୍ଟିରେ ଯେବେ ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନେ ଗୋଟିଏ ବା ଯୋଡ଼ିଏ ବୃତ୍ତି ଦାନ କରିବେ ତେବେ ଏ ଅଞ୍ଚଳର ଲୋକଙ୍କର ସ୍କୁଲ ପ୍ରତି ଯଥେଷ୍ଟ ଉତ୍ସାହ ବଢ଼ିବ । ନୂତନ ସ୍କୁଲକୁ ଏପରି ଉତ୍ସାହ ନ ହେଲେ ଲୋକଙ୍କର ଆଗ୍ରହ ବଢ଼ିବ ନାହିଁ । ଅମ୍ଭେମାନେ ଭରସା କରୁଁ କର୍ତ୍ତୃପକ୍ଷମାନେ ଏଥିର ବିଚାର କରିବେ ।

—*—

ବନମାଲର ପ୍ରଜାମାନେ ମୁନସିମହମ୍ମଦଅଲିଙ୍କୁ ସେଠା ତହସିଲଦାରୀପଦରେ ବାହାଲ କରିବା କାରଣ ଶ୍ରୀଯୁକ୍ତ ଗଡ଼ଜାତ ସୁପ୍ରେଣ୍ଡ-ସାହେବଙ୍କ ନିକଟକୁ ଏକ ଆବେଦନପତ୍ର ପଠାଇଅଛନ୍ତି । ଆବେଦନପତ୍ରର ପ୍ରତିଲିପି ଅମ୍ଭେମାନେ ପାଇଅଛୁଁ ମାତ୍ର ସ୍ଥାନାଭାବରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ତହିଁରେ ମୁନସିଙ୍କର ଅନ୍ୟାନ୍ୟ ପ୍ରଶଂସା ମଧ୍ୟରେ ଲେଖାଅଛି କି "ପ୍ରଜାଙ୍କ ସୁଖ ଦୁଃଖ ଦିଗକୁ ସାନୁଗ୍ରହ ଦୃଷ୍ଟିନିକ୍ଷେପ କରିବା ବିଷୟରେ ସେ ସର୍ବଦା ତତ୍ପର । ଅଳ୍ପଦିନ ମଧ୍ୟରେ ମୋଫସଲ ଭ୍ରମଣପୂର୍ବକ ସେଠା ପ୍ରଜାଙ୍କ ଦୁର୍ଦ୍ଦଶା ଦେଖି ବହୁତ ପ୍ରତୀକାର ଅନେକ କରୁଅଛନ୍ତି ଏବଂ ପ୍ରଜାମାନଙ୍କୁ ହିତଗର୍ଭ ଉପଦେଶ ଦେଉଅଛନ୍ତି" ଏଥିମଧ୍ୟରେ ଗବର୍ଣ୍ଣମେଣ୍ଟ ଜଣେ ତହସିଲଦାର ନିଯୁକ୍ତ କରିଥିବାରୁ ଏ ଆବେଦନପତ୍ର ଦ୍ୱାରା ବର୍ତ୍ତମାନ କିଛି ଫଳ ହେବାର ଆଶା ଦିଶୁ ନାହିଁ ।

———

ଏ ଜିଲ୍ଲାର ଜଣେ ପଦଚ୍ୟୁତ ଡକସ୍ପଜ-ବାବୁ ଜଗନ୍ନାଥ ମିଶ୍ର ଏଗାରଇଷ୍ଟାଙ୍କ ଗଡ଼ଜାଗୀ ପତ୍ର ରଖିଥିବା ଅପରାଧରେ ଅବକାରୀ ଆଇନାନୁସାରେ ଚାଲାଣ ହୋଇଥିଲେ । ବେଶ ଗୋଲବ

Digitized by srujanika@gmail.com

Split by PDF Splitter



ଜମାଦାର ଚୋଦରଭୁଲା ଅବକାଶ୍ପ୍ରାପ୍ତ ପରିସି ମଜିଷ୍ଟ୍ରେଟଙ୍କ ଜଳଷ୍ଟବଲ ଏବଂ ଗମଚନ୍ଦ୍ରବର୍ତ୍ତ ଗୋଏନ୍ଦା ଏହି ଗୃଉଜଣ ଅସାମୀବିରୁଦ୍ଧରେ ଚୋବାନବନ୍ଦୀ ଦେଇଥିଲେ ମାତ୍ର ହାକିମ ସରଜମୀନ ତଦନ୍ତ କରି ଅସାମୀଙ୍କୁ ଖଲସ ଦେଲେ । ସେ ଅପଣା ରାୟରେ ଲେଖିଅଛନ୍ତି କି ସୁଜାଙ୍କ ଚୋବାନବନ୍ଦୀ ଏମନ୍ତ ଅମେଲ ଓ ଅସଙ୍ଗତ ଅଟଇ ଯେ ମୋକଦମାର ଅଗ୍ରମୂଠାରୁ ଶେଷପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମିଥ୍ୟା ବନା ଅଛି ବୋଲି କହି ହୋଇ ନ ପାରେ । ହାକିମ ଏଥିର ପ୍ରଚୁର ଉଦାହରଣ ଅପଣା ରାୟରେ ଦେଖାଇ ଦେଇଅଛନ୍ତି । ସରକାରୀ କର୍ମକାରକମାନେ ଜଣେ ଭଦ୍ରଲୋକଙ୍କୁ ଯେବେ ଏପରି ଅପମାନ କରିବେ ତେବେ ପ୍ରଜାଙ୍କର ରକ୍ଷା କେଉଁଠାରେ ? ଅବକାଶପ୍ରାପ୍ତ ଜରମାନେ ପୁରସ୍କାର ପାଇବା ଲୋଭରେ ଭଦ୍ରଲୋକଙ୍କୁ ଯେପରି ଅପମାନ କରନ୍ତି ତହିଁର କଟକଣା କରିବା ଉଚିତ ।

---

ମଇମନ ସିଂହର ଅନ୍ତର୍ଗତ ଟାଙ୍ଗାଇଲରେ କାମିନୀଦାସୀର ନିବାସ । ତାହାର ବୟସ ୧୬ ବର୍ଷ ହେବ ତାହାର ସ୍ୱାମୀ ଭଗ୍ନାନନ୍ଦ ଗଞ୍ଜେଡ଼ି ହବନେ କାମିନୀଦାସୀ ସହିତ ତାହାର ବଡ଼ସ୍ତ ହେବାରୁ ସେଠାରୁ ଗଞ୍ଜେଡ଼ି ସ୍ୱାମୀ ଦା ଘେନି କାମିନୀର ଶରୀର ନାନା ସ୍ଥାନରେ କ୍ଷତ ବିକ୍ଷତ କରେ । କାମିନୀ ଉତ୍କଣ୍ଠାରୁ ଡାକ୍ତରଖାନାକୁ ଅଣାଗଲା । ବଞ୍ଚିବାର ସମ୍ଭାବନା ଅଳ୍ପ ବୋଲି ଜଣେ ଡେପୁଟୀବାବୁ ତାହାର ଇଜହାର ନେବାକୁ ଆରମ୍ଭ କଲେ । କାମିନୀ କହିଲା " ଏଠାକୁ ମୁଁ ସ୍ୱାମିର ନାମରେ ନାଲିଶ କରିବାକୁ ଆସି ନାହିଁ ଆରୋଗ୍ୟ ହେବାକୁ ଆସିଅଛି ମୁଁ ନିଜ ଦୋଷରେ ପ୍ରହାରିତ ହୋଇଅଛି ଅପଣା ମୋ ସ୍ୱାମିଙ୍କୁ କୌଣସି କଷ୍ଟ ଦେବେ ନାହିଁ ତାଙ୍କର କୌଣସି ଦୋଷ ନାହିଁ । ତାଙ୍କୁ ଅରେ ମତେ ଦେଖାନ୍ତୁ " ଯେତେବେଳେ ସ୍ୱାମୀ ତାହା ନିକଟକୁ ଅଣାଗ ହେଲେ ସେ ସମସ୍ତ ଯନ୍ତ୍ରଣା ବିସ୍ମୃତ ହୋଇ ସ୍ୱାମି ମୁଖକୁ ଦୃଷ୍ଟି ନିକ୍ଷେପ କରି ପଚାରିଲା । ତୁମ୍ଭେ କେତେବେଳେ ଅହାର କଲ ? ତୁମ୍ଭର କୌଣସ କଷ୍ଟ ହୋଇ ନାହିଁ ? ଡେପୁଟୀ ବାବୁ ସ୍ୱମିଙ୍କୁ ଦଣ୍ଡର ସୁପର୍ଦ୍ଦ କରିଅଛନ୍ତି ମୋକଦମା ବର୍ତ୍ତମାନ ବିଚାରାଧୀନ ମୋକଦମା ଯାହା ହେଉ ସ୍ତ୍ରୀମାନଙ୍କ ସ୍ୱଭାବ କିପ୍ରକାର କୋମଳ ଉପରୋକ୍ତ ଉକ୍ତି ଏଥିର ପରିଚୟ ଦେଉଅଛି ।

---

କେନ୍ଦ୍ରାପଡ଼ାର ମିଉନିସିପଲ-କମିଶ୍ନରମାନେ ଗତମାସ ତା ୧୬ ଖରେ ଅଧିବେଶନରେ ଶ୍ରୀଯୁକ୍ତ ଏ, ଫ୍ରେଜରସାହେବଙ୍କୁ ଚେଅରମାନ ଏବଂ ବାବୁ ଯୋଗେନ୍ଦ୍ରନାଥ ମୁଖର୍ଯ୍ୟୀଙ୍କୁ ଭାଇସ୍ ଚେଅରମାନ ମନୋନୀତ କରିଅଛନ୍ତି । ଫ୍ରେଜରସାହେବ ସବଡିବିଜନ-ଅଫିସର ଅଟନ୍ତି ତାହାଙ୍କୁ ଛାଡ଼ି ଯେ କମିଶ୍ନରମାନେ ଅନ୍ୟ କୌଣସି ବ୍ୟକ୍ତିକି ଚେଅରମାନ କରିବାକୁ ସାହସପୂର୍ବକ ମତ ଦେବେ ଏରୂପ ଆଶା କରି ଯାଇ ନ ପାରେ ଫଳେ ତାହା ହୋଇଅଛି ସୁତରାଂ ଚେଅରମାନ ନିଯୋଗବିଷୟରେ ଗୁବର୍ଣ୍ଣମେଣ୍ଟ ସେଠା ମିଉନିସିପାଲିଟୀକି ଯେଉଁ ଅଧିକାର ଦେଇଅଛନ୍ତି ତହିଁରେ କିଛି ଫଳ ହେଲା ନାହିଁ । ଫ୍ରେଜରସାହେବ ସ୍ୱୟଂ ଚେଅରମାନ ହେବାକୁ ଅସମ୍ମତ ହୋଇଥିଲେ କମିଶ୍ନରମାନେ ସ୍ୱାଧୀନଭାବରେ ଅନ୍ୟ କାହାରିକି ମନୋନୀତ କରିଥାନ୍ତେ ଏବଂ ଯେସ୍ଥଳେ କେନ୍ଦ୍ରାପଡ଼ା ମିଉନିସିପାଲିଟୀ ସମ୍ପର୍କରେ ଲୋକଙ୍କର ଭାରି ଗୁହାରି ରହିଅଛି ଏବଂ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନପତ୍ର ପଠାଇବା କାରଣ ଲୋକେ ବାହାରୁ ଖର୍ଚ୍ଚା କରି ଉକୀଲ ଇତ୍ୟାଦି କରାଉଅଛନ୍ତି ଓ କମାଗତ ଏ ବିଷୟରେ ସଭା ହେଉଅଛି ସେସ୍ଥଳେ ଫ୍ରେଜରସାହେବଙ୍କର ଅସମ୍ମତ ହେବାର ଉଚିତ ଥିଲା । ଯେବେ ସବଡିବିଜନ ହାକିମମାନେ ଚେଅରମାନ ହେବାକୁ ମନ ବଳାଇବେ ତେବେ ଗବର୍ଣ୍ଣମେଣ୍ଟଙ୍କ ନୂତନ ସରକ୍ୟୁଲର ଫଳପ୍ରଦ ହେବାର ସମ୍ଭାବନା ନାହିଁ ।

---

ଓଡ଼ିଶାପେଟ୍ରିୟଟ ନାମରେ ଖଣ୍ଡିଏ ଇଂରାଜୀ-ସମ୍ବାଦପତ୍ର ଅମ୍ଭେମାନେ ଗତ ସପ୍ତାହରେ ପାଇ ନାମ ଦେଖି ମନେ କରିଥିଲୁଁ କି ସ୍ୱର୍ଗୀୟ ଅଭର୍ଣ୍ଣକରେ କାଳୀବାବୁଙ୍କ ପ୍ରକାଶିତ ପୁରୁଣା ଓଡ଼ିଶାପେଟ୍ରିୟଟ ବା ଉତ୍କଳହିତୈଷିଣୀ ପୁନର୍ଜୀବିତ ହେଲା ପର ମାତ୍ର ତାହା ପାଠ କରି ଅବଗତ ହେଲୁଁ ଯେ ଏ ସମ୍ବାଦପତ୍ର ସ୍ୱାରିକର ରୂପାନ୍ତର ଅଟଇ । ସମ୍ପାଦକ ଲେଖିଅଛନ୍ତି କି ସ୍ୱାରିକ ଗତ ପାଞ୍ଚବର୍ଷ ଚମତ୍କାର କାର୍ଯ୍ୟ କରିବାରୁ ତାହାଙ୍କର ବନ୍ଧୁ ଓ ସ୍ୱଦେଶୀୟମାନେ ସନ୍ତୁଷ୍ଟ ହୋଇ ଉତ୍କଳହିତୈଷୀ ଉପାଧି ପ୍ରଦାନ କରିଅଛନ୍ତି ଅତଏବ ଏଣିକି ସ୍ୱାରିକ ଉକ୍ତ ନାମ ଧାରଣ କଲେ । ଏ ସମ୍ବାଦପତ୍ରର ମୂଲ୍ୟ ପୂର୍ବପ୍ରାୟ ରହିଲା କେବଳ ପ୍ରଭେଦ ଏତିକି ଯେ ସ୍ୱାରିକର ଓଡ଼ିଆ ଏଥିରେ ପ୍ରକାଶିତ ନ ହୋଇ ଖଣ୍ଡିଏ ମାସିକପତ୍ରିକାରେ ସଂଯୁକ୍ତ ହେବ ଏବଂ ତାହା ଶୀଘ୍ର ବାହାରିବାର ବନ୍ଦୋବସ୍ତ ଲାଗିଅଛି । ଏଥିରୁ ପାଠକମାନେ ଦେଖିବେ ଯେ ସ୍ୱାରିକ ଅଧିକ ଦିନ ଅଦୃଶ୍ୟ ନ ହୋଇ ନୂତନ ଉପାଧି ଧାରଣପୂର୍ବକ କେବଳ ଇଂରାଜୀଭାଷାରେ କଟକରେ ବାହାରିଲେ ମାତ୍ର ଯୁଗଳପ୍ରେସର ମାନେଜର ବିଜ୍ଞାପନ ଦେଇଅଛନ୍ତି କି ସ୍ୱାରିକର ବକେୟା ମୂଲ୍ୟ ଗ୍ରାହକମାନେ ଶୀଘ୍ର ପ୍ରଦାନ ନ କଲେ ଓଡ଼ିଶାପେଟ୍ରିୟଟ ଅଧିକଦିନ ରହି ପାରିବ ନାହିଁ । ଅମ୍ଭେମାନେ ଭରସା କରୁଁ ଗ୍ରାହକମାନେ ଏଥର ତତ୍ପର ହୋଇ ମୂଲ୍ୟ ପ୍ରଦାନ କରିବେ ।

---

ଏଠା କଲେକ୍ଟରୀର ଦାଖଲଖାରଜ ଉଇଣ୍ଡୋ ନାର କେତେ ଅମଲ ରଖିବାର ଆବଶ୍ୟକ କି ହେବାରୁ ଅନେକ ବରଖାସ୍ତ ହୋଇଅଛନ୍ତି । ଗୃହ ପାଞ୍ଚଜଣ ଅମଲା ଚିରସ୍ଥାୟୀରୂପେ ନିଯୁକ୍ତ ହୋଇଅଛନ୍ତି ଓ ବାକି ଆଠ ଦଶଜଣ ବର୍ତ୍ତମାନ ନିମନ୍ତେ ନିଯୁକ୍ତ ହୋଇଅଛନ୍ତି କନ୍ତୁ ବରଖାସ୍ତ ହେଲେ ଗରିବ ଅମଲା ନିବୃ ହେଲା ଦାଖଲ-ଖାରଜ ସବଡେପୁଟୀଙ୍କର କାରଣ ପୂର୍ବରେ ଅନେକ ଅମଲଙ୍କର ତତ୍ତ୍ୱାବଧାରଣ ଜଣେ ସବଡେପୁଟୀ ଟ ୧୦୦ ବେତନରେ ଚଳାଉଥିଲେ ବର୍ତ୍ତମାନ ଅମଲସଂଖ୍ୟା କମ୍ ହେଲେ ସୁଦ୍ଧା ସବଡେପୁଟୀ ବାବୁ ପୂର୍ଣ୍ଣଚନ୍ଦ୍ର ନାଗଙ୍କର ବେତନ ଟ ୫୦ ଙ୍କା ବୃଦ୍ଧି ମଞ୍ଜୁର ହେଲା ।

ଅମ୍ଭେମାନେ କହୁଁ ଯେଉଁ ସବଡେପୁଟୀ ଟ ୧୦୦ଙ୍କା ବେତନରେ ବେଶି ପ୍ରକୋଷ୍ଠର କାର୍ଯ୍ୟ ନିର୍ବାହ କରିବାକୁ ସମର୍ଥ ହେଉଥିଲେ ତାଙ୍କ ଦ୍ୱାରା ଏପ୍ରକାର କାର୍ଯ୍ୟ କ ବେଶୀ ହେବ ଯେ ତାଙ୍କୁ ଟ ୫୦ ଙ୍କା ବେଶୀ ଦିଆଗଲା । ବିଶେଷତଃ ବର୍ତ୍ତମାନ ସବଡେପୁଟୀ ପ୍ରାୟ ଛମାସ ହେବ କଟକରେ ପହୁଞ୍ଚିଛନ୍ତି ତାଙ୍କ ପୂର୍ବରୁ ବାବୁ ବଳରାମ ଦାସ ଏଠାରେ ପ୍ରାୟ ଅଠ ଦଶବର୍ଷ ହେଲା କାର୍ଯ୍ୟ କରୁଥିଲେ ବର୍ତ୍ତମାନ ଏଷ୍ଟବାଲ ନିମନ୍ତେ କାନ୍ଦୀକ ବନ୍ଦୋବସ୍ତକାର୍ଯ୍ୟରେ ପ୍ରେରିତ ହୋଇଛନ୍ତି । ତାଙ୍କର ଉପରୋକ୍ତ କାର୍ଯ୍ୟ ସମାପ୍ତ ହେଲେ ସବଡେପୁଟୀ-କାର୍ଯ୍ୟ ଆଉ ନାହିଁ ଯେ ତହିଁରେ ସେ ଫେରିଆସିବେ ଫଳରେ ତାଙ୍କ ପୂର୍ବ କାର୍ଯ୍ୟ ଅର୍ଥାତ୍ ଟ ୮୦ଙ୍କ ବେତନର ଡେପୁଟୀକାର୍ଯ୍ୟରେ ନିଯୁକ୍ତ

Digitized by srujanika@gmail.com

ହେବେ । ତାଙ୍କ ଲାଭ ହେଲା ଏହିକି ଯେ ବର୍ତ୍ତମାନ ୫ ୧୫୦ ଟଙ୍କା ବେତନ ପାଉଛନ୍ତି ଆଉ ଛଅଟେକବଲ ଉପରେ ୫ ୫୦ ଟଙ୍କା ବେତନ ପାଇବେ ଆଉ ମଝିରେ ଜଣେ ଅଳ୍ପଦିନ ସ୍ୱଭାବେ ଆସି ଅଳ୍ପଦିନରେ ସୁବା କେଶୀ ଉତ୍ତମା ପାଇ ପକ୍କା ହୋଇଗଲେ ।

---

ଗୋବଧ-ନିବାରଣ ଉଦ୍ଦେଶ୍ୟରେ ଗତ ଫେବୃଏରୀ ମାସ ତା ୧୮ ରିଖରେ ଏଠା-ଗୋପାଳଜୀଉଙ୍କ ମନ୍ଦିରରେ ଏକ ବୈଠକସଭା ହୋଇ ତହିଁରେ ଧାର୍ଯ୍ୟ ହୋଇଥିବା ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରିବା କାରଣ ଗୋଟିଏ ସଭା ଗଠିତ ହୋଇଥିବା ବିଷୟ ପାଠକଙ୍କୁ ଜଣାଇଅଛୁଁ । ଏହି ସଂଗଠିତସଭାର ଗତ ମାର୍ଚ୍ଚ ମାସ ତା ୧୧ ରିଖ ଏବଂ ଚଳିତମାସ ତା ୮ ରିଖ ଏରୂପ ଦୁଇଥର ଅଧିବେଶନ ହୋଇ ଯାଇଅଛି । ଏହି ସଭାର ନାମ "ଗୋରକ୍ଷିଣୀ ସଭା" ଦିଆଯାଇ ତହିଁରେ ରାୟ ବୈଦ୍ୟନାଥପଣ୍ଡିତ ବାହାଦୂରଙ୍କୁ ସଭାପତି ବାବୁ ମଧୁସୂଦନ ଦାସଙ୍କୁ ସହକାରୀ ସଭାପତି, ବାବୁ ରାମଶଙ୍କର ରାୟଙ୍କୁ ସମ୍ପାଦକ ଏବଂ ବାବୁ ଅଭିମନ୍ୟୁ ମହାପାତ୍ରଙ୍କୁ ସହକାରୀ ସମ୍ପାଦକ ପଦରେ ନିଯୁକ୍ତ କରାଯାଇଅଛି । କର୍ତ୍ତୃସଭାର ପ୍ରସ୍ତାବମତେ ଓଡ଼ିଶାର ହାଟ ବାଟରେ ପ୍ରଚୁରିତ ହେବା ନିମିତ୍ତ ବିଜ୍ଞାପନ ଏବଂ ରାଜା, ଜମିଦାର ପ୍ରଭୃତିଙ୍କ ନାମରେ ପତ୍ର ଧାର୍ଯ୍ୟ ହୋଇଅଛି । ଆଶା କରୁଁ ଶୀଘ୍ର ତାହା ଛପା ହୋଇ ସର୍ବସାଧାରଣରେ ପ୍ରଚୁରିତ ହେବ । ସଭାର ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରିବା କାରଣ ଯେ ବ୍ୟୟ ହେବ ତହିଁ ନିମିତ୍ତ ସାଧାରଣ-ଚାନ୍ଦାର ପ୍ରସ୍ତାବ ହୋଇଅଛି । ଏହା ଯେପରି ଗୁରୁତର ବିଷୟ ଏଥିରେ ଆମ୍ଭମାନଙ୍କର ଧାରଣା ହେଉଅଛି ଯେ ସହାଶୟ ବ୍ୟକ୍ତିମାନେ ଯଥାସାଧ୍ୟ ଅର୍ଥ ସାହାଯ୍ୟ ପ୍ରଦାନ କରିବାକାରଣ କୁଣ୍ଠିତ ହେବେ ନାହିଁ । ସଭାର ଦୃଷ୍ଟି ପ୍ରଧାନତଃ ବର୍ତ୍ତମାନ ଗୋଚର ଇତ୍ୟାଦି ଭୂମିମାନଙ୍କର ସଂରକ୍ଷଣପ୍ରତି ପଡ଼ିଅଛି । ବାକୀ ବନ୍ଦୋବସ୍ତକାଳରେ କେତେକ ଗୋଚରଭୂମି ପ୍ରଜାମାନେ ଅନ୍ୟାୟକ୍ରମେ ଅବାଦ କରିଥିବାରୁ ସେ ସବୁ ହାଲବନ୍ଦୋବସ୍ତରେ ପୂର୍ବପ୍ରାୟ ଗୋଚରରୂପେ ଛାଡ଼ି ଦେବା ଏବଂ ଖୋରଧା ଏବଂ ଅନ୍ୟାନ୍ୟ ସରକାର ଖାସମହାଲର ଗୋଚର ପ୍ରଭୃତି ଭୂମିମାନଙ୍କ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନପତ୍ର ପଠାଇବାର ସ୍ଥିର ହୋଇଅଛି । ସଭାର ଚଳିତ ମାସ ତା ୮ ରିଖର ଅଧିବେଶନରେ ଜଣେକ ସଭ୍ୟ ପଣ୍ଡିତ ନରହରି ଷଡ଼ଙ୍ଗୀ ସାର୍ବଭୌମ ଗୋଚର ଭୂମିମାନ ହାଣି ଶସ୍ୟ କଲେ ତହିଁରେ କି ପାପ ହୁଏ ଓ ତହିଁର ଫଳ କଣ ଏ ସମ୍ବନ୍ଧରେ ବ୍ରହ୍ମବୈବର୍ତ୍ତ-ପୁରାଣର ପ୍ରକୃତିଖଣ୍ଡର ସପ୍ତଦଶ ଅଧ୍ୟାୟରୁ ଗୋଟିଏ ଶ୍ଳୋକ ସଂଗ୍ରହ କରି ଆଣିଥିବାର ତାହା ସଭାରେ ଅର୍ପଣ କଲେ । ଆମ୍ଭେମାନେ ସର୍ବସାଧାରଣଙ୍କ ଗୋଚରାର୍ଥେ ତାହା ନିମ୍ନେ ପ୍ରକାଶ କଲୁଁ ଯଥା ।

ଗୋମାର୍ଗଂ ଖନନଂ କୃତ୍ୱା ଶସ୍ୟମେବ ବପେତ ଯଃ ।
ତଡ଼ାଗେ ବା ତଦୂର୍ଦ୍ଧ୍ୱେ ବା ସ ଗୋହତ୍ୟାଂ ଲଭେଦ୍ଧ୍ରୁବ ।
ଚତୁଷ୍ପୁତ୍ର ପୌତ୍ର ସ୍ୱତ୍ୱ ଭୂମିସ୍ଥାନଃ ସ୍ତ୍ରିୟାହତଃ ।
ସୁକୃଷ୍ଟୋ ଦଗ୍ଧଭ୍ରଷ୍ଟ ଶୋଽପି ଯାସ୍ୟତି ରୌରବ ॥

ଭରସା କରୁଁ ଏ ଶ୍ଳୋକ ପ୍ରତି ଦୃଷ୍ଟି ରଖି ଗୋଚର ଇତ୍ୟାଦି ଭୂମି ହାଣିବା ପ୍ରତି କେହି ଚେଷ୍ଟିତ ହେବେ ନାହିଁ ।

—*—

## ବିବାହୋତ୍ସବ ।

ବାଲେଶ୍ୱରର ବାବୁ ଶ୍ରୀକାନ୍ତକର ଆପଣା-ଜ୍ୟେଷ୍ଠପୁତ୍ରର ବିବାହ ଉପଲକ୍ଷରେ କୃଷ୍ଣନଗରରୁ କାରିଗର ଆଣି ପିତୁଳାନାଚ କରାଇଥିବା-କଥା ଲେଖିଥିଲୁଁ । ସମ୍ବାଦବାହିକା ଏଥର ବିସ୍ତାରିତ ବିବରଣ ଲେଖିଅଛନ୍ତି । ତହିଁରୁ ପ୍ରକାଶ ଯେ କାରିଗରମାନେ ଗୋଟିଏ ଅପୂର୍ବ ରଙ୍ଗଭୂମି ରଚନା କରି ତହିଁରେ ଏହି ପିତୁଳାମାନଙ୍କର ନାନାପ୍ରକାର ଅଭିନୟ ଅର୍ଥାତ ବାଇ ଓ ଖେମଟାବାଲିଙ୍କ ନାଚ ଶିବଙ୍କ ବିବାହ ଅହିରାବଣ ବଧ ଇତ୍ୟାଦି ଦେଖାଇ ଦର୍ଶକଙ୍କୁ ମୋହିତ କରିଥିଲେ ଏକସ୍ଥାନରେ ଏପରି ଅଭିନୟ କେବେ ଦେଖାଯାଇ ନାହିଁ ସୁତରାଂ ଧାରଣା କରିପାରୁ ନାହିଁ ମାତ୍ର ଯାହା ପାଠକଲୁଁ ତହିଁରୁ ପ୍ରକାଶ ଯେ ପିତୁଳାମାନେ କଥା କହିବା ଛଡ଼ା ଜୀବିତ ମନୁଷ୍ୟ ପ୍ରାୟ କାର୍ଯ୍ୟ କରୁଥିଲେ ଏବଂ ଏହା ସାମାନ୍ୟ କୌଶଳର ବିଷୟ ନୁହଇ । କର ବାବୁ ବାଙ୍କୁଡ଼ାରୁ ଏକଦଳ ଖେମଟାବାଲି ଏହି ବିବାହ ଉପଲକ୍ଷରେ ଆଣାଇଅଛନ୍ତି । ଯେତେବେଳେ ମଜଲିସରେ ଏହି ଖେମଟାବାଲିଙ୍କର ନାଚ ହେଉଥିଲା ସେତେବେଳେ ଉକ୍ତକାରିଗରମାନେ ସେହି ମଜଲିସରେ ପିତୁଳା ଖେମଟା ନଚାଇବାରୁ ଦର୍ଶକମାନେ ତାହା ଅଧିକ ଭଲ ମଣିଥିଲେ ।

ଏବିବାହରେ ଗୋଟିଏ ଭାରି ଅପ୍ରୀତିକର କଥା ଘଟିଥିଲା । ଯେଉଁଦିନ ରୋଶନାଇ ବାହାର ହେବ ସେହିଦିନ ମିଉନିସିପାଲିଟୀର ଭାଇସ ଚେଅରମାନ କୁମାର ବୈକୁଣ୍ଠନାଥ ଦେ ଏକ ହୁକୁମ ଜାରିକରି ପଠାଇଲେ କି ଦହେଜ ଓ ଫାନୁସ କେହି ଉଡ଼ାଇ ପାରିବ ନାହିଁ । କର ବାବୁ ହୁକୁମନାମା ରାତ୍ରି ଘ ୭ ଟା ସମୟରେ ପାଇଲେ । ବର ଘ ୯ ଟାରୁ ବାହାରିବାର ଧାର୍ଯ୍ୟ ହୋଇଥିଲା । ଏ ସମୟରେ ଏପରି ହୁକୁମ କେମନ୍ତ ହୋଇଥିବ ପାଠକମାନେ ଅନୁଭବ କରିପାରନ୍ତି । କର ବାବୁ ଚେଅରମାନଙ୍କ ନିକଟକୁ ଦୌଡ଼ିଯାଇ କେ... ମତେ ସେ ହୁକୁମନାମା ରହିତ କରାଇଲେ ମାତ୍ର ଏଥିରେ ଅନେକ ସମୟ ନଷ୍ଟ ହେବାରୁ ରାତ୍ର ଘ ୧୨ ଟା ଉତ୍ତାରୁ ବର ବାହାରିଲା । ଏ ସମ୍ବନ୍ଧରେ ବାହିକା ଲେଖିଅଛନ୍ତି କି "ଶୁଣିଲୁଁ", କରବାବୁମାନେ ପୂର୍ବ ମଙ୍ଗଳବାର ଅର୍ଥାତ୍ ବିବାହ ଦିନର ଏକ ସପ୍ତାହ ପୂର୍ବରୁ ରୋଶନାଇ-ତମାସା ପୋଲିସ ଓ ମ୍ୟୁନିସିପାଲିଟୀ ଉଭୟଙ୍କଠାରେ ଦରଖାସ୍ତ କରିଥିଲେ ଏବଂ ପୋଲିସ ପାଇବାର ପରଦିନ ରୋଶନାଇ କରିବାର ହୁକୁମ ଦେଇଥିଲେ । ମାତ୍ର ମ୍ୟୁନିସିପାଲିଟୀ ପାଇବାଦିନଠାରୁ ଚୁପ ଥାଇ ବର ବାହାରିବାର ୧½ । ୨ ଘଣ୍ଟା ପୂର୍ବେ ଅସଙ୍ଗତ ହୁକୁମ ପ୍ରଚାର କଲେ । ଉକ୍ତ ଅସଙ୍ଗତ ହୁକୁମ ଚେୟାରମେନ ସାହେବଙ୍କ ଜଣା ନ ଥିଲାପରି ବୋଧ ହେଉଅଛି, କାରଣ ହୁକୁମରେ ଭାଇସ୍ ଚେୟାରମେନ କୁମାରଙ୍କ ଦସ୍ତଖତ ଥିଲା । ଏହି ସମସ୍ତ ଘଟଣାରୁ ସମସ୍ତେ ଅନୁମାନ କରୁଅଛନ୍ତି, କୁମାର ବିପକ୍ଷଦଳଙ୍କୁ ହରିହରରେ ଅବାନ୍ତର କାରଣ ଖୁଞ୍ଚି ଖେଳିଥିଲେ । ଏହି ଅନୁମାନ ପ୍ରକୃତ ହେଲେ ଆମ୍ଭେମାନେ ପଚାରୁଁ, ଯେଉଁ ବ୍ୟକ୍ତି କ୍ଷମତାର ଏପରି ଅପବ୍ୟବହାର କରିପାରେ, ତାହା ହସ୍ତରେ କ୍ଷମତା ଦେବାର ଉଚିତ କି ?

---

## ଘରପୋଡ଼ି ନିବାରଣର ବନ୍ଦୋବସ୍ତ ।

ଏ ନଗରରେ ଏ ବର୍ଷ ବିଶେଷ ଘରପୋଡ଼ି ହେଉଥିବାରୁ ଏଠା ମିଉନିସିପାଲିଟୀ ତାହା-ନିବାରଣୋଦ୍ଦେଶରେ ଯେଉଁ ବନ୍ଦୋବସ୍ତମାନ କରିଅଛନ୍ତି ଶାଲନ-ଓଭରସିୟର ବାବୁ କ୍ଷେତ୍ରମୋହନ ରାୟ ଆମ୍ଭମାନଙ୍କ ନିକଟକୁ ଅନୁଗ୍ରହ କରି ଲେଖିଥିବାରୁ ସର୍ବସାଧାରଣଙ୍କ ଜାଣିବା-

Split by PDF Splitter

Digitized by srujanika@gmail.com

Split by PDF Splitter



କାରଣ ଆମ୍ଭେ ପ୍ରକାଶ କଲୁଁ ଯଥା;—

ଯଦ ଘେର ସ * ଘଣ୍ଟାରୁ ସ ୮ ଘଣ୍ଟା ପର୍ଯ୍ୟନ୍ତ ଓ ଅପରାହ୍ନ ସ * ଘଣ୍ଟାରୁ ସ ୬ ଘଣ୍ଟା ପର୍ଯ୍ୟନ୍ତ ସମୟ ମଧ୍ୟରେ କୌଣସି ସ୍ଥାନରେ ଅଗ୍ନି ଲାଗିବ ତେବେ ସଡ଼କରେ ପାଣି ଛିଞ୍ଚୁଥିବା କୁଲିମାନଙ୍କୁ ଓ ସେମାନଙ୍କ ତତ୍ତ୍ୱାବଧାନରେ ଥିବା ଚପରାସିମାନଙ୍କୁ ସମ୍ବାଦ ଦେଲେ ସେମାନେ ତତ୍‌କ୍ଷଣାତ୍ ପାଣି ଛିଞ୍ଚାଇବା କର୍ମ ବନ୍ଦ କରି ସରକାରୀ ଲିଭାଇବାରେ ସାହାଯ୍ୟ କରିବେ ଯେବେ ଉପରୋକ୍ତ ସମୟ ଛଡ଼ା ଅନ୍ୟ କୌଣସି ସମୟରେ ଅର୍ଥାତ୍ ଯଥା ଦୁଇପ୍ରହର ଲମ୍ବା ଘଣ୍ଟ[illegible]ଳରେ ଅଗ୍ନି ଲାଗେ ତେବେ ଟାଉନ ଓଭରସିୟରଙ୍କୁ ତତ୍‌କ୍ଷଣାତ୍ ସମ୍ବାଦ ଦେଲେ ସେ ୧୦ ରୁ ୧୨ ଜଣ କୁଲି ଓ ମାଟିଆ ବଲ୍ତି ଓ ସରଭି ଆଦି ଓ ପମ୍ପ ଛୁଞ୍ଚାଇ ପଠାଇବା ନିମନ୍ତେ ଲୁହାଘେର bill books ଏ ସମ୍ବନ୍ଧୀୟ ଉପକରଣମାନଙ୍କ ସହିତ ଅଗ୍ନି ଲିଭାଇବାରେ ସାହାଯ୍ୟ କରିବା କାରଣ ପଠାଇବେ ଓ ସେଥିରେ ଯେବେ ମାଟିଆ ଓ ଘେର ଲୋଡ଼ା ହେବ ତାହା ମଧ୍ୟ ମିଉନିସିପାଲିଟୀ ଯୋଗାଇବାର ବନ୍ଦୋବସ୍ତ କରିଅଛନ୍ତି ବର୍ତ୍ତମାନ କେବଳ ଏକସ୍ଥାନରେ କୁଲିମାନେ ବରାବର ଜାଗ୍ରତ ହୋଇ ରହିଥିବାର ବନ୍ଦୋବସ୍ତ ହୋଇଅଛି ସଣୀହାଟ ଓ କଟକଚଣ୍ଡୀ ଓ ଘେର ଦୂରସ୍ଥ ସ୍ଥାନମାନଙ୍କରେ ଅନ୍ୟ ଏକ ଦଫା କୁଲି ରଖିବାର ମଧ୍ୟ ବନ୍ଦୋବସ୍ତ ହେଉଅଛି ମାତ୍ର ଅଦ୍ୟାପି ତାହା ଠିକ ହୋଇ ନାହିଁ ଏଥିମଧ୍ୟରେ ଯେତେ ସ୍ଥାନରେ ଅଗ୍ନି ଲାଗିଥିଲା [illegible] ପ୍ରାୟ ସମସ୍ତ ସ୍ଥାନରୁ ମିଉନିସିପଲ କୁଲିମାନେ ଯାଇ ଓ ଦୁଇ ଏକ ସ୍ଥାନରୁ ଟାଉନ ଓଭରସିୟର ନିଜେ କୁଲିମାନଙ୍କୁ ସଙ୍ଗେ ନେଇ ଯାଇ ଅଗ୍ନି ଲିଭାଇବାରେ ସାହାଯ୍ୟ କରିଥିଲେ ଏ ବିଷୟମାନଙ୍କର ଘୋଷଣା ସର୍ବସାଧାରଣଙ୍କ ଜାଣିବା କାରଣ ମିଉନିସିପଲ ସୀମା ମଧ୍ୟରେ ଦିଆଯାଇଅଛି ଓ ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବ ବାହାଦୁରଙ୍କ ନିକଟରୁ ଚିଠି ଲେଖାଯାଇଅଛି ଯେ ସାହେବ ପ୍ରସଂଶିତ ମିଉନିସିପାଲିଟୀ ସୀମା ମଧ୍ୟରେ ଥିବାସମସ୍ତ ପୁଲିସକର୍ମଚାରୀଙ୍କୁ ଏ ବିଷୟର ଆଦେଶ କରିବେ ଯେ ସେମାନେ ପାଣି ଛିଞ୍ଚାଇ କାର୍ଯ୍ୟ ହେଉଥିବା ସମୟ ମଧ୍ୟରେ ଅଗ୍ନି ଲାଗିଲେ କୁଲିମାନଙ୍କୁ ଓ ଅନ୍ୟ ସମୟରେ ହେଲେ ଟାଉନଓଭରସିୟରଙ୍କୁ ସମ୍ବାଦ ଦେବେ ଓ କୁଲି ଓ ଉପକରଣମାନ ନେଇ ସରକାରୀ ଲିଭାଇବାରେ ସାହାଯ୍ୟ କରିବେ ଏ ଉପରୁ ସମସ୍ତ ବ୍ୟକ୍ତିଙ୍କ ଉପକାର ନିମନ୍ତେ ଘୋଷଣା ଦ୍ୱାରା ଜଣାଇ ଦିଆଯାଉଅଛି ଯେ ସମସ୍ତ କ୍ଷମତାପନ୍ନ ବ୍ୟକ୍ତିମାନେ ଆପଣା୨ ଘର ଅଗଣାରେ ଲମ୍ବା ଗୃହଉପରେ ଗୋ * ଟାରୁ କମି ନୁହେ ଏପରି ଜଳପୂର୍ଣ୍ଣ ମାଠିଆମାନ ସଦା ସର୍ବଦା ଯୋଗାଇ ରଖିଥିବେ ଯେ ହଠାତ୍ ଅଗ୍ନି ଲାଗିଲେ କର୍ମରେ ଆସିବ ।

କେହି୨ ମନେ କରନ୍ତି କି ଏ ବନ୍ଦୋବସ୍ତ ଯଥେଷ୍ଟ ନୁହଇ କାରଣ କୁଲି ଓ ଓଭରସିୟରଙ୍କୁ ସମ୍ବାଦ ଦେଇ ସାହାଯ୍ୟ ପାଇବାସରକ ଅନେକ କ୍ଷତି ହୋଇ ଯାଇଥିବ । ଏଥିକୁ ଓଭରସିୟର ଲେଖିଅଛନ୍ତି କି ପ୍ରତି ସଡ଼କ ବା ରାସ୍ତାରେ ମନୁଷ୍ୟ ଜଗାଇ ରଖିବା ମିଉନିସିପାଲିଟିର ସାଧ୍ୟାଧୀନ ନୁହଇ ତାହା ଅନେକ ଖର୍ଚ୍ଚର ବ୍ୟାପାର ତଥାପି ଯେଉଁଠାରେ ଅନେକ କ୍ଷତି ହୁଅନ୍ତା ଏ ବନ୍ଦୋବସ୍ତରେ ତହିଁରୁ ଅନେକ ଊଣା ହେବ । ଆମ୍ଭମାନଙ୍କ ବିବେଚନାରେ ମିଉନିସିପାଲିଟୀ ଯେତେଦୂର ପାରନ୍ତି ତାହା କରୁଅଛନ୍ତି । ବଡ଼୨ ନଗରମାନଙ୍କରେ ଦମକଲର ବନ୍ଦୋବସ୍ତ ଅଛି ଏବଂ ସେ ସାହାଯ୍ୟ ପାଇବା ସରକ ମଧ୍ୟ ଅନେକ କ୍ଷତି ହୋଇଥାଏ ଏଠାରେ ଜଳର ସେପରି ସୁବିଧା ନାହିଁ ଯେ ଦମକଲଦ୍ୱାରା ଅଗ୍ନି ଲିଭାଇବାର ସାହାଯ୍ୟ ହେବ । ଏଠାରେ କେବଳ ପୁଷ୍କରିଣୀ କୂଅ ଓ ମାଟିଆରେ ଭରସା । ଆମ୍ଭମାନଙ୍କ ବିବେଚନାରେ ମିଉନିସିପାଲିଟୀରୁ ଏ ନଗରର ପ୍ରତ୍ୟେକ ଫାଣ୍ଡିରେ ଅନ୍ୟୂନ ଏକଶ ଲେଖାଁଏ ମାଟିଆ ରଖାଇ ଦିଆଗଲେ ଏବଂ ଯେ ସମସ୍ତ ରାସ୍ତା ବା ବସ୍ତିରେ ଜଳର ଅଭାବ ଅଛି ସେଠାରେ ଗୋଟିଏ୨ କୂଅ ବା ପୋଖରୀ ଖୋଳାଇଦେଲେ ଅଧିକ ଅଧିକ ଉପକାର ହେବ । ଅବଶ୍ୟ କୂଅ ଇତ୍ୟାଦି ଖୋଳାଇବା ଏକବର୍ଷର କାର୍ଯ୍ୟ ନୁହଇ ପ୍ରତିବର୍ଷ କ୍ରମାଗତ ଏ କାର୍ଯ୍ୟ ଚଳି୨ ହୋଇ ପାରେ ଓ ତହିଁରେ ଅନେକ ଉପକାର ହେବ ।

---

## ପୁସ୍ତକପ୍ରାପ୍ତି

ସଚିତ୍ରରାମାୟଣ—ଶ୍ରୀ ବାବୁ ଭାଗୀରଥୀ ପାଠିଶୃଙ୍ଗଦ୍ୱାରା ରଚିତ ଏବଂ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ମୂଲ୍ୟ [illegible] ଏ ପୁସ୍ତକର ଆକାର ୬ ପେଜ ପୃଷ୍ଠା ଏଥିରେ ନାନା ସ୍ୱର ଛନ୍ଦରେ ରାମାୟଣର ପ୍ରଧାନ ବିବରଣ ସରଳ ଅଥଚ ସରସଭାଷାରେ ଅତି ସଂକ୍ଷିପ୍ତରୂପେ ବର୍ଣ୍ଣିତ ହୋଇଅଛି । ବାବୁ ଭାଗୀରଥୀ ପାଠିଶୃ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରେସର ଅଟନ୍ତି କବିତାରଚନାରେ ତାହାଙ୍କର ଏହି ପ୍ରଥମ ଚେଷ୍ଟା ସଫଳ ହେବାର ଦେଖି ଆମ୍ଭେମାନେ ଆନନ୍ଦିତ ହେଲୁଁ । ଗ୍ରନ୍ଥକାରଙ୍କ ଅନୁରୋଧମତେ ବାବୁ ରାଧାନାଥ ରାୟ ଜଏଣ୍ଟ ଇନ୍ସପେକ୍ଟରଙ୍କ ଏହି ପୁସ୍ତକ ସମ୍ବନ୍ଧୀୟ ମନ୍ତବ୍ୟ ଏଠାରେ ପ୍ରକାଶ କଲୁଁ ଯଥା—

"ଆପଣଙ୍କ ପ୍ରଣୀତ ସଚିତ୍ରରାମାୟଣର ଉପହାର କୃତଜ୍ଞଚିତ୍ତରେ ଗ୍ରହଣ କଲି । ପୁସ୍ତକର ଭାଷାପ୍ରାଞ୍ଜଳ ଏବଂ ରଚନା ଏକ୨ ସ୍ଥାନରେ ପ୍ରୀତିପ୍ରଦ ହୋଇଅଛି । ଅମ୍ଭେ ଆଶା କରୁଁ ଆପଣଙ୍କର ଏହି ସଦୁଦ୍ୟମ ସାଧାରଣଙ୍କଠାରୁ ଉଚିତ ପୁରସ୍କାର ଲାଭ କରିବ" । ବୋଇବା ବାହୁଲ୍ୟ ଯେ ଏଥିରେ ଅମ୍ଭେମାନେ ସମ୍ପୂର୍ଣ୍ଣ ଐକ୍ୟ ଅଟୁଁ । ଭରସା କରୁଁ ସର୍ବସାଧାରଣ ଗ୍ରନ୍ଥକାରଙ୍କ ଆଶା ସଫଳ କରିବେ ।

ଉତ୍କଳପରିମିତି—କଟକ ସର୍ଭେସ୍କୁଲର ହେଡ଼ମାଷ୍ଟର ବାବୁ ଉମେଶଚନ୍ଦ୍ର ବସୁଙ୍କଦ୍ୱାରା ପ୍ରଣୀତ ଏବଂ କଟକ ଭିକ୍ଟୋରିଆଯନ୍ତ୍ରରେ ମୁଦ୍ରିତ ମୂଲ୍ୟ ଟ ।୵ । ଏ ପୁସ୍ତକର କଳେବର ୬ ପେଜ ୧୩୧ ପୃଷ୍ଠା । ଏ ପୁସ୍ତକର ଲକ୍ଷ୍ୟପତ୍ରରୁ ପ୍ରକାଶ ଯେ ମାଇନର ଓ ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଏବଂ ସର୍ଭେ ଓ ନର୍ମାଲସ୍କୁଲର ଛାତ୍ରମାନଙ୍କର ପାଠୋପଯୋଗୀ ସମସ୍ତ ବିଷୟ ଏଥିରେ ସନ୍ନିବେଶିତ ହୋଇଅଛି ଏବଂ ଏଥିର ପ୍ରଣୟନ ବିଷୟରେ ବାବୁ ଜଗନ୍ନାଥ ବସୁ ବି,ଏ, ଓ ବାବୁ ଗଙ୍ଗାଧର ଆଚାର୍ଯ୍ୟ ସାହାଯ୍ୟ କରିଅଛନ୍ତି ଏବଂ ବାବୁ ରାଧାନାଥ ରାୟ ଜଏଣ୍ଟ ଇନ୍ସପେକ୍ଟର ଏହାକୁ ଅଦ୍ୟୋପାନ୍ତ ପାଠ କରି ଆବଶ୍ୟକମତେ ସଂଶୋଧନ କରି ଦେଇଅଛନ୍ତି । ଏଥିରୁ ବୋଇବା ବାହୁଲ୍ୟ ଯେ ଏ ପୁସ୍ତକଖଣ୍ଡିକ ଉତ୍କୃଷ୍ଟ ହୋଇଅଛି ଏବଂ ଏହାଦ୍ୱାରା ଉତ୍କଳଭାଷାପୁସ୍ତକର ଗୋଟିଏ ଅଭାବ ଦୂର ହୋଇଅଛି । ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ପୁସ୍ତକନିର୍ବାଚନ କମିଟୀ ଏହାକୁ ପାଠ୍ୟପୁସ୍ତକ ବୋଲି ଧାର୍ଯ୍ୟ କରି ଗ୍ରନ୍ଥକାରଙ୍କୁ ସମୁଚିତରୂପେ ଉତ୍ସାହିତ କରିବେ ।

ପାଚନସଙ୍ଗ୍ରହ—ଡାକ୍ତର ରାମକୃଷ୍ଣ ସାହୁଙ୍କଦ୍ୱାରା ପ୍ରଣୀତ ଏବଂ କଟକ ଭିକ୍ଟୋରିଆ ଯନ୍ତ୍ରାଳୟରେ ମୁଦ୍ରିତ ମୂଲ୍ୟ ଟ ୦/୦ । ତାହାପ୍ରକାର

Digitized by srujanika@gmail.com

ଜ୍ୱର ସନ୍ନିପାତ ଇତ୍ୟାଦି ରୋଗର ପାଚନମାନ ଏଥିରେ ଲେଖାଅଛି । ଏବଂ କୁମାର ବୈକୁଣ୍ଠନାଥ ଦେଙ୍କୁ ଏ ପୁସ୍ତକ ଉତ୍ସର୍ଗିତ ହୋଇଅଛି । ଜ୍ୱରଚିକିତ୍ସାର ଏପରି ଅଳ୍ପମୂଲ୍ୟର ପୁସ୍ତକ ଅବଶ୍ୟ ଅନେକଲୋକଙ୍କ ଉପକାରରେ ଆସିବ । ଗ୍ରନ୍ଥକାର ଯେବେ ଏଥି ସଙ୍ଗେ ପ୍ରତ୍ୟେକ ଜ୍ୱରର ଲକ୍ଷଣ ସାମାନ୍ୟ ଲୋକଙ୍କ ବୁଝିବାଭଳି ସରଳରେ ଲେଖି ଦେଇଥାନ୍ତେ ତାହା ହେଲେ ଆହୁରି ଭଲ ହୋଇଥାନ୍ତା । କାରଣ ବୈଦ୍ୟର ବିନା ସାହାଯ୍ୟରେ ଲୋକେ ସାମାନ୍ୟଜ୍ୱରର ଚିକିତ୍ସା କରିପାରନ୍ତେ ।

---

ସନ ୧୮୮୮ । ୮୯ ସାଲର ପାଠ୍ୟପୁସ୍ତକ

ତାଲିକା ।

ହିଚ ପ୍ରାଇମେରି ସ୍କୁଲ ।

ସାହିତ୍ୟ ।

୧ମ ଶ୍ରେଣୀ—ତୃତୀୟ ପାଠ ।

ପଦ୍ୟ ।

ବସୁ ଏବଂ ଅଗ୍ରୱାଲଙ୍କ କୃତ କବିତାକୁସୁମ ।

ସାହିତ୍ୟ ।

୨ୟ ଶ୍ରେଣୀ—ବୋଧୋଦୟ କିମ୍ବା ଦ୍ୱିତୀୟପାଠ କିମ୍ବା ଏର, ସି, ଦେ କୃତ ପାଠମାଳା କିମ୍ବା କଟକ ମିସନ ପ୍ରେସ ବୋଧୋଦୟ କିମ୍ବା ବୋଧ... [illegible]

ପଦ୍ୟ ।

ଛନ୍ଦମାଳା କିମ୍ବା ଗୀତମାଳା ।

୩ୟ ଶ୍ରେଣୀ—କଲିକତା ସ୍କୁଲବୁକ ସୋସାଇଟି ପ୍ରେସ ବର୍ଣ୍ଣବୋଧକ କିମ୍ବା ବର୍ଣ୍ଣଜ୍ଞାନ କିମ୍ବା ଶିକ୍ଷାମଞ୍ଜରୀ କିମ୍ବା ବାଲ୍ୟଶିକ୍ଷା କିମ୍ବା ପ୍ରଥମଶିକ୍ଷା କିମ୍ବା ବାଳବୋଧିନୀ କିମ୍ବା ପ୍ରଥମପାଠ କିମ୍ବା ଗୋବର୍ଦ୍ଧନ କୃତ ବର୍ଣ୍ଣବୋଧକ କିମ୍ବା ମିସନ ପ୍ରେସ ବର୍ଣ୍ଣବୋଧକ ।

ଓଡ଼ିଆ ବ୍ୟାକରଣ ।

୧ମ ଶ୍ରେଣୀ—ବାଳବୋଧ ବ୍ୟାକରଣ କିମ୍ବା ପ୍ରଥମ ବ୍ୟାକରଣ ।

୨ୟ ଶ୍ରେଣୀ—ସରଳ ବ୍ୟାକରଣ କିମ୍ବା ବ୍ୟାକରଣ ମଞ୍ଜରୀ

ଇତିହାସ ।

୧ମ ଶ୍ରେଣୀ—ଓଡ଼ିଶା ସଂକ୍ଷିପ୍ତ ଇତିହାସ କିମ୍ବା ସୀତାନାଥଙ୍କ ଓଡ଼ିଶାର ଇତିବୃତ୍ତ ।

ଭୂଗୋଳ ।

୧ମ ଶ୍ରେଣୀ—ସୀତାନାଥ ରାୟଙ୍କ ସରଳ ଭୂଗୋଳପାଠ କିମ୍ବା ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ ସରଳ ଭୂଗୋଳ ଏବଂ ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ ଦେ ପ୍ରେସ ଓଡ଼ିଶା ଭୂଗୋଳ ।

୨ୟ ଶ୍ରେଣୀ—ସରଳଭୂଗୋଳ ପାଠ କିମ୍ବା ସରଳଭୂଗୋଳ କିମ୍ବା ଦେ କିମ୍ବା ରଥଙ୍କ ଭୂଗୋଳସାର ।

ଅଙ୍କ ।

୧ମ ଶ୍ରେଣୀ—ଉମେଶଚନ୍ଦ୍ର କୃତ ପାଟୀଗଣିତ କିମ୍ବା କଲଶମ କୃତ ଅଙ୍କଶିକ୍ଷା ମଞ୍ଜରୀ କିମ୍ବା ହରିନାଥ କୃତ ଅଙ୍କପ୍ରବନ୍ଧ କିମ୍ବା ରମାନାଥ ପ୍ରଥମାଙ୍କ । ଗୁରୁଗୋଟି ମିଶ୍ର ଓ ଅମିଶ୍ରଧାରା, ସାଙ୍କେତିକ, ଭଗ୍ନଗଣିତ, ବହୁଗଣିତ, ଦେଶୀୟ କଷ ।

୨ୟ ଶ୍ରେଣୀ—ଅଙ୍କବାଲ୍ୟଶିକ୍ଷା କିମ୍ବା ଗୋବର୍ଦ୍ଧନ କିମ୍ବା ଭାରତ କୃତ ପାଟୀଗଣିତ । ଗୁରୁଗୋଟି ମିଶ୍ର ଏବଂ ଅମିଶ୍ର ଧାରା ।

୩ୟ ଶ୍ରେଣୀ—ଗୁରୁଗୋଟି ମିଶ୍ର ଧାରା, ପଣିକିଆ, ଶୋଧ ଇତ୍ୟାଦି ।

କ୍ଷେତ୍ରତତ୍ତ୍ୱ ।

୧ମ ଶ୍ରେଣୀ—ସୀତାନାଥ କ୍ଷେତ୍ରତତ୍ତ୍ୱ କିମ୍ବା ଶିବନାରାୟଣ କ୍ଷେତ୍ରତତ୍ତ୍ୱ କିମ୍ବା ଉମାପ୍ରସାଦ ଦେ କ୍ଷେତ୍ରତତ୍ତ୍ୱ ପ୍ରଥମ ଅଧ୍ୟାୟ ୨୬ ପ୍ରତିଜ୍ଞା ପର୍ଯ୍ୟନ୍ତ ।

୨ୟ ଶ୍ରେଣୀ—ଉପରୋକ୍ତ ତିନଗୋଟି କ୍ଷେତ୍ରତତ୍ତ୍ୱ ମଧ୍ୟରୁ କୌଣସି କ୍ଷେତ୍ରତତ୍ତ୍ୱର ପ୍ରଥମ ଅଧ୍ୟାୟର ପଞ୍ଚମ ପ୍ରତିଜ୍ଞା ପର୍ଯ୍ୟନ୍ତ ।

ବିଜ୍ଞାନ ।

୧ମ ଶ୍ରେଣୀ—ବିଜ୍ଞାନସୂତ୍ର ।

ସ୍ୱାସ୍ଥ୍ୟ ରକ୍ଷା ।

୧ମ ଶ୍ରେଣୀ—ରାମକୃଷ୍ଣ କୃତ ସରଳ ଶରୀରରକ୍ଷା ।

କ୍ଷେତ୍ରପରିମାଣ ।

୧ମ ଶ୍ରେଣୀ—ସରଳ ପରିମିତି କିମ୍ବା ସରଳକ୍ଷେତ୍ରପରିମାଣ ।

Sd. Radha Nath Roy
*Joint Inspector of Schools*
*Orissa Division.*

# ସାପ୍ତାହିକ ସଂବାଦ ।

ଏ ସପ୍ତାହରେ ପ୍ରାୟ ପ୍ରତିଦିନ ଘଡ଼ି ପବନ ହେଉଥିବାରୁ ଗ୍ରୀଷ୍ମର କଷ୍ଟ ବହୁ ଅନୁଭବ ହୋଇ ନାହିଁ ମାତ୍ର ବୃଷ୍ଟି ଆଦୌ ହୋଇ ନାହିଁ ।

ବାବୁ ଗୋପୀବଲ୍ଲଭ ଦାସଙ୍କ ଦଳାଦଳିସଂକ୍ରାନ୍ତ ଏ ନଗରର ଉତ୍ତେଜନା ଅଦ୍ୟାପି ଶେଷ ହୋଇ ନାହିଁ । ପ୍ରାୟ ପ୍ରତିଦିନ ମଜଲିସ ଓ ଭୋଜି ଲାଗିଅଛି । ତହିଁମଧ୍ୟରେ ଗତ ରବିବାର କରଣମାନଙ୍କର ଏବଂ ଗତ ଶୁକ୍ରବାର ଦେଶୀୟଖ୍ରୀଷ୍ଟିୟାନମାନଙ୍କର ଭୋଜି ଅତି ବୃହତ୍ ଥିଲା । ମୃତବାବୁ ଚନ୍ଦ୍ରଧର ମହାପାତ୍ରଙ୍କ ବସାରେ ୫୦ ଶତ କରଣ ମହାପ୍ରସାଦସେବା କରିଥିଲେ । ଖ୍ରୀଷ୍ଟିୟାନମାନଙ୍କର ଭୋଜି ସେମାନଙ୍କ ମାତ୍ରମାନଙ୍କରେ ହୋଇଥିଲା ଓ ସ୍ତ୍ରୀପୁରୁଷ ବାଳକ ସମସ୍ତେ ଯୋଗ ଦେଇଥିଲେ ।

ବାବୁ ନନ୍ଦକିଶୋର ଦାସ ଅଃ ଡେପୁଟି ସୁପ୍ରିଣ୍ଟେ ସତ୍ୟମଙ୍ଗଳବାରଠାରୁ ଆପଣା କାର୍ଯ୍ୟର ଭାର ନେଇଅଛନ୍ତି ।

ପୁରୀ କଲେକ୍ଟର ନାଜରଙ୍କ ନାମରେ କେତେଶେଷ ଟଙ୍କା ଅପହାର କରିବାର ଯେଉଁ ନ ୪ ମୁର ମୋକଦ୍ଦମା ହୋଇଥିଲା ପୁରୀର ମାଜିଷ୍ଟ୍ରେଟ ସ୍ୱୟଂ ତାହା ବିଚାରକରି ଆସାମୀପ୍ରତି ସର୍ବଶୁଦ୍ଧା ନ ୩ ବର୍ଷ କାରାବାସ ଏବଂ ଟ ୨୦୦୦ ଙ୍କା ଅର୍ଥଦଣ୍ଡ ବିଧାନ କରିଅଛନ୍ତି ।

ଆଗାମୀ ମାସ ତା ୭ ରିଖଠାରୁ ବାଲେଶ୍ୱରବୌଦ୍ଧର ମେଳା ଆରମ୍ଭ ହେବ ଏବଂ ତହିଁନିମିତ୍ତ ଜଜସାହେବ ଆଗାମୀ ତା ୫ ରିଖରେ ଏଠାରୁ ଯାତ୍ରାକରିବେ ।

କଲିକତା-ଗେଜେଟ ।

କଟକର ଅଃ ମାଜିଷ୍ଟ୍ରେଟ ଓ କଲେକ୍ଟର ବାଲେଶ୍ୱରକୁ ବଦଳି ହୋଇ ଚଳିତକାଳ ନିମନ୍ତେ ବଦଳି ହୋଇଅଛନ୍ତି ।

କଟକର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଶେ ପାଟଣ ସାହେବ ତିନିମାସ ଫର୍ଲୋ ଛୁଟି ପାଇଲେ ।

ବାଲେଶ୍ୱର ଡିଃ ସୁପରିଣ୍ଟେଣ୍ଡେଣ୍ଟ ମିଃ ପିଃ, ପିଃ, କ୍ଲାଇଭ ସାହେବ ତିନିମାସ ଫର୍ଲୋ ଛୁଟି ପାଇଲେ ।

କଟକବିଭାଗର ନିମ୍ନଲିଖିତ ଥାନାରେ ଦେଶୀଡାକ୍ତର ରହିବା କରିବା ନିମନ୍ତେ ଅଧିକ ପ୍ରଚଳିତ ହେବାର ହୁକୁମ ଲେଃ ଗବର୍ଣ୍ଣର ବାହାଦୂର ପ୍ରଦାନ କରିଅଛନ୍ତି । ଯଥା ।

କଟକ, ତର୍ଦ୍ଦୋଲ,
ଜଗତସିଂହପୁର, ବାଙ୍କୀ,

---

ଗତ ମାସ ତା ୧୩ ରିଖ ବେଳ ପ ୧ ଟା ସମୟରେ କଲିକତା ଖାଞ୍ଜିତଲା ସଡ଼କରେ ବାବୁ ମେହେରନଙ୍କ ପକ୍କାକୋଠି ମରାମତି ହେଉଥିବା ଅବସ୍ଥାରେ ହଠାତ୍ ଭୂମିସାତ୍ ହେଲା । ଭିତ୍ତି ସଙ୍ଗେ ସେସମୟରେ ବଦ ମେହେର ଓ ତାଙ୍କ ଅଗ୍ନି ଏବଂ ମିସ୍ତ୍ରୀ ଓଗେର ପ୍ରାୟ ଜ ୨୦ ଣ ସବୁକ ଥିଲେ ଏବଂ ଏମାନେ ସମସ୍ତେ ଭଙ୍ଗାକୋଠା ତଳେ ପୋତି ହୋଇ ପଡ଼ିଥିଲେ । ଜ ୫ ଣ ପଳାଇଗଲେ, ବେହେସ । ଜ ୩ ଣ ଦେଖି କାରିଗର ଏବଂ ନଳେ ବଦମେହେରଙ୍କୁ ଖୋଳି ଉଠାଇ ଆଣିଲ ବେଳେ ଏମାନଙ୍କ ପ୍ରାଣବାୟୁ ଅବଶେଷ ଥିବାରୁ ବଞ୍ଚି ଅଛନ୍ତି ମାତ୍ର ଅପର ଜ ୪ ଣ କାରିଗର ଏବଂ ଅପାର ପ୍ରାଣବାୟୁ ନିଃଶେଷ ହୋଇଅଛି । ଅନ୍ୟ ଜ ୪ ଣ ଲୋକଙ୍କର ଶରୀର ଏପର୍ଯ୍ୟନ୍ତ ପାଇପାରି ନାହିଁ । ଯେଉଁମାନଙ୍କର କୋଠା ଭୁଶୁଣା ହୋଇଅଛି ସେମାନେ ଏଥିଁ ଶିକ୍ଷାଲାଭ କରିବେ ।

ପି ଏବଂ କୋମ୍ପାନୀଙ୍କ ବୋମ୍ବାଇବଜାରର ଜଣେ ବଙ୍ଗାଳୀ ହଠାତ୍ ଅନ୍ତର୍ଦ୍ଧାନ ହୋଇଅଛି । ହିସାବପତ୍ର ତଦନ୍ତ କରିବାରେ ଏ ମହାଶୟ ଟ ୭୦୦୦୦ ଙ୍କା ଅପହାର କରିଥିବାର ଧରା ପଡ଼ିଅଛି ।

ଗତମାସ ତା ୧୪ ରିଖ ଅପରାହ୍ଣସମୟରେ ଅସ୍ମାନଙ୍କର ବଡ଼ଲାଟ ବାହାଦୂର ସିମଲାଠାରେ ପହଞ୍ଚିଥିବାର ସମ୍ବାଦ ମିଳିଲା ।

ଢାକାଜିଲ୍ଲାର ଗେରାଘାଟର ସବ୍‌ପୋଷ୍ଟମାଷ୍ଟର ଅଧିକାର ତଳେ ଜଣକରେ ସରକାରୀ ଟ ୨୦୦ ଙ୍କା ପାଇ ଛାପାକରି ନିମିତ୍ତ ଉକ୍ତ ଟଙ୍କା ପୁଲିସରେ ରଖିଥିଲା । ମାତ୍ର କେତେକଜଣ ବଦମାସ ମିଳି ଏକଥା ନ ଜାଣିଥିବା ଅବସ୍ଥାରେ ଟଙ୍କା ନେବା ଆଶାରେ ସବ୍‌ପୋଷ୍ଟମାଷ୍ଟରଙ୍କୁ ଘରରେ ହାଣି ପକାଇ ସିନ୍ଦୁକ ଖୋଲି କିଛି ନ ପାଇ ପଳାୟନ କଲେ ହତ୍ୟାକାରୀମାନେ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି ।

ଶ୍ରୀମତୀ ମହାରାଣୀଙ୍କ ଜୁବିଲି ଉପଲକ୍ଷରେ ଲେଡ଼ି ଡଫରିନଙ୍କ ପ୍ରବର୍ତ୍ତିତ ସ୍ତ୍ରୀଚିକିତ୍ସାସମ୍ବନ୍ଧୀୟ ଜାତୀୟସମିତିର ପୁଷ୍ଟିସାଧନ ହୋଇଥିବାରୁ ଲେଡ଼ିଡଫରିନ ଯେଉଁ ଅଭିନନ୍ଦନପତ୍ର ଶ୍ରୀମତୀ ମହାରାଣୀଙ୍କ ନିକଟକୁ ପଠାଇଥିଲେ ତହିଁରେ ଶ୍ରୀମତୀ ମହାରାଣୀ ଅତ୍ୟନ୍ତ ଆନନ୍ଦିତ ହୋଇ ଲେଡ଼ିଡଫରିନା ଧନ୍ୟବାଦ ପ୍ରଦାନ କରିଅଛନ୍ତି ।

ହାଇଦରାବାଦର ନବାବ ଅବଦୁଲ ହକ ସେଠା ... ହାମ ସେକ୍ରେଟରି ପଦରେ ନିଯୁକ୍ତ ଥିଲେ । ତାଙ୍କ ... ଖଣି କମ୍ପାନୀଙ୍କ ସମ୍ବନ୍ଧରେ କେତେକ ଅନ୍ୟାୟ ବ୍ୟବହାର ଥିବା ପଡ଼ିବାରୁ ସେଠା ପ୍ରଧାନମନ୍ତ୍ରୀ ତାହାଙ୍କୁ ... ଦେଶରୁ ବହିଷ୍କୃତ ତଲବ କରିଅଛନ୍ତି । ଏହାଙ୍କ ... ପଦରୁ ପ୍ରଚାପ ହୋଇଥିବାସମ୍ପେଣ ହେବାରୁ କେବେ ... ପରିମାଣରେ ଅନାଦର ଅଛନ୍ତି ।

Split by PDF Splitter

Digitized by srujanika@gmail.com

Split by PDF Splitter



ଏଠା ସର୍ଭେସ୍କୁଲର ପରୀକ୍ଷା ହେବା ପୂର୍ବରେ ପୁରୀ ଉକ୍ତନ ଏକଜିକୁଟିବ ଇଞ୍ଜିନିୟରଙ୍କ ଅଫିସର ଜଣେ ନକ୍ସାନବିସ୍ ( Draftsmen ) ପରୀକ୍ଷାସମ୍ବନ୍ଧୀୟ ନକସା ଗୋଟିଏ ପରୀକ୍ଷାର୍ଥିକୁ ୫ ୩୍ୟ ଅଣା ମୂଲ୍ୟରେ ବିକ୍ରୟ କରିଥିବାରୁ ବର୍ତ୍ତମାନ ତାହାଁର ତଦନ୍ତ ଲାଗିଅଛି । ପ୍ଲାନ ଆଉ ଏଷ୍ଟିମେଟ ସମ୍ବନ୍ଧରେ ଉକ୍ତ ସ୍କୁଲର ଛାତ୍ରମାନଙ୍କର ପୁନର୍ବାର ପରୀକ୍ଷା ହୋଇ ଯାଇଅଛି ।

ଶ୍ରୀମତୀଭାରତେଶ୍ୱରୀ ୟୁରୋପ ପ୍ରଦେଶ ଭ୍ରମଣାର୍ଥ ଯାଇ ବର୍ତ୍ତମାନ ଅଷ୍ଟ୍ରିୟାଠାରେ ଥିବାର ସମ୍ବାଦ ମିଳଇ । ଇତପୂର୍ବେ ଇଟାଲୀରେ ଥିବା ସମୟରେ ସେଠା ରାଜା ଓ ରାଣୀ ଏହାଙ୍କ ସହିତ ସାକ୍ଷାତ କରିଥିଲେ । ଅଷ୍ଟ୍ରିୟାର ସମ୍ରାଟ ମଧ୍ୟ ଗତମାସ ତା ୨୩ ରିଖରେ ଏହାଙ୍କ ସଙ୍ଗେ ସାକ୍ଷାତ କରିଥିଲନ୍ତି ।

ଗାଈଙ୍କି ଫୁଙ୍କ ଦେଇ ଦୁହିବା ଅପରାଧରେ ପୁନର୍ବାର ଜଣେ ଗଉଡ଼ କଲିକତାଠାରେ ଧୃତ ହୋଇ ପ୍ରତ୍ୟେକେ ୫ ୫୦ଙ୍କା ଲେଖାଏ ଅର୍ଥଦଣ୍ଡ ଦେଇଥିବାର ସମ୍ବାଦ ମିଳଇ ।

ଜର୍ମାନର ନୂତନସମ୍ରାଟଙ୍କ ସ୍ୱାସ୍ଥ୍ୟ ପୁନର୍ବାର ମନ୍ଦ ହୋଇ ଉଠିଅଛି ଏମନ୍ତ କି ଏଥର ରୋଗଟି ସାଂଘାତିକ ବୋଲି ଡାକ୍ତରମାନେ ପ୍ରକାଶ କରିଅଛନ୍ତି । ଧର୍ମ ବଳ ଥିଲେ ବଞ୍ଚିଯିବେ ।

## କେନ୍ଦ୍ରାପଡ଼ା–ସମ୍ବାଦ ।

ଲଛମପୁର ମାନକନ୍ଦୀ ଗୋବାନନ୍ଦ କେତେକ ଲୁଗାଓଗେର ପ୍ରାୟ ମରି ଶତଙ୍କାର ଜନସ ସନ୍ନିପାତ ରୋଗ ହୋଇଅଛି ସେଠାରେ ଠାକୁର ପ୍ରଭାବ ଚଳାଉଛ କରୁଅଛନ୍ତି କିଛି ଆଶା ଦେଖା ଯାଉ ନାହିଁ ଅଧିକନ୍ତୁ ଟାଉନମଧ୍ୟରେ ଏକ ଭଦ୍ରବ୍ୟକ୍ତି ସ୍ତ୍ରୀ ଗର୍ଭରେ ଶୋଉଥିବ ତାହାର ୪ ବର୍ଷ ବୟସ୍କ ପୁତ୍ର ଓ ପଡ଼ୋଶିର ୧୩ ବର୍ଷ ବୟସ୍କା ଏକ ଝିଅ ସହିତ ଅଜ ତାର ଘରେ ପୁରୁଷ କି ଅନ୍ୟ କେହି ନାହିଁ ଏଥିମଧ୍ୟରେ ଚୋର ଚୋର ନିର ଚୋରଦ୍ରବ୍ୟ ନେଇଯାଇ ଦ୍ୱାର ଅଗଣାରେ କଥାବାର୍ତ୍ତା ହେଉଥିବା ସମୟରେ ସେ ସ୍ତ୍ରୀ ଜାଗରିତ ହୋଇ ୧୩ ବର୍ଷର କନ୍ୟାକୁ ଡମ୍ବି ଉଠାଇ ଚୋର ବୋଲି ଚୋରମାନେ ଉଭୟ ଚୋରବାସଙ୍କ ବଳାଷ୍ଟି ଧଇଲେ ପଡ଼ୋଶ ଉବ୍ରୀ ପଡ଼ିବାରୁ ଚୋର ଛାଡ଼ି ଅଲଗା ହେଲେ ଶିଶୁବାଳକୁ କାଣ୍ଡି ନେଇ ଯାଇଅଛନ୍ତି ଯାହା ପ୍ରାଣେ ନ ମାରିଲେ ବଡ଼ ଭାଗ୍ୟର ବିଷୟ ।

ପଣାସଂକ୍ରାନ୍ତିଦିନ ଶ୍ରୀ ଶାରଦା ଠାକୁରାଣୀଙ୍କ ଦର୍ଶନ ଉପଲକ୍ଷେ ଯିବାରୁ ଦେଖିଲୁଁ ଯେ ପ୍ରାୟ ୩୦୦୦୦ ହଜାର ଲୋକ ଉପସ୍ଥିତ ଥିଲେ ଯାତ୍ରା ମହା ଗୌରବମହିତ ହୋଇଥିଲା ପୁଣି ତର୍କୀ–ପଣ୍ଡିତ କୁ ବଜେପ୍ରଭମା ଯିବାବେଳେ ବସ୍ତ୍ର ମିଳିଲା ନାହିଁ ଜନସମାଜଙ୍କ ହସ୍ତରେ ଏତେ ଛତା ଥିଲା ଯେ ସୂର୍ଯ୍ୟଦେବଙ୍କୁ ଡାଳ ପରିତ୍ୟାଗ କରିଥିଲେ ଜନମାନଙ୍କ ଧନମାନେ ଅନେକ ସ୍ଥଳରେ ଅବରୋଧୋପଶ ଦେଇ ଖ୍ୟାତିଲାଭ କରାଇଥିଲେ, ସେଠାରେ କେତେ ଲୁଲା ଖାଲିଭାଇ ଯେ ତଣ୍ଡୁଲପ୍ରସାଦ ମହାପ୍ରସାଦତୁଲ୍ୟ ସର୍ବବର୍ଣ୍ଣ ମିଳି ଏକତ୍ରରେ ଭୋଜନ କରୁଥାନ୍ତି ପୁଣି ଯେଉଁ ବ୍ରାହ୍ମଣମାନେ ପ୍ରଥମେ ଜାତ୍ୟ କରିଥିଲେ ସେମାନେ ଦଣ୍ଡ ପାଇଗଲେ ।

ପାଇକା କୂଳରେ ଦଶବାରଣୀକାନନ ଯେ ଦେବୀ ଅଛନ୍ତି ପୂର୍ଣ୍ଣତା ହୋଇଛନ୍ତି ତାଙ୍କଉପରେ ଦଶବର୍ଷ ପୂର୍ବେ ପାଶୁଣ୍ଡ, କାପୁରୁଷ ଶୃଗାଳ ମଳ ପରିତ୍ୟାଗ କରୁଥିଲେ ତାଙ୍କର ବର୍ତ୍ତମାନ ତେଜପ୍ରକାଶ ହୋଇ ମହା ଆଟୋପ ହୋଇଅଛି ମଧ୍ୟ ସେଠାରେ ଅନେକ ସେବା ଅନ୍ୱେଷ୍ୟ ହେଉଛନ୍ତି ତାଙ୍କୁ ଦେଖି ଲୋକ ହର୍ଷ ହେବ ଶ୍ରୀ ମୂର୍ତ୍ତିମଣ୍ଡଳ ତନ୍ତ୍ରଭୂମି ତେଜ ଧ୍ୟାନରେ ବପାଳ କାହାକୁ କଣ ନ କରେ ।

ଉତ୍କୋପୂଲା ନଦୀଧାରରେ ସେସବୁ ଗାଡ ମହାପୁରୁଷ ଓ ମଠମାନ ଅଛି ସେଠାରେ ଲୋକମାନେ ବିଶ୍ୱାସ ମୂଳ କରି ସତ୍ପୁରୁଷତୁଲ୍ୟ ଏକତ୍ରରେ ଆହାର କରନ୍ତି ଯେ କାଉର ଜାତ, ତାକୁ ନ ପାରିବ ଯଦି, ଏପରି ନିଅମ ଅଛି ।

ଡାକରେ ମନିଅର୍ଡ଼ରଦ୍ୱାରା ମାଲଗୁଜାରୀ ଖଜଣା ପଠାଇବା ଜମିଦାରମାନଙ୍କ ପକ୍ଷରେ ସୁବିଧାଜନକ ହେଲେ ମଧ୍ୟ କଲେକ୍ଟର ସାହେବ ଜମିଦାରମାନଙ୍କ ନିକଟକୁ ଅନୁମତିପତ୍ର ପ୍ରେରଣ କରି ନ ଥିବାରୁ ଅନେକଲୋକ ସନ୍ଦେହବଶରେ ଆପତ୍ତି କରୁଅଛନ୍ତି ।

ଜଗତ୍ସିଂହପୁର ଅଞ୍ଚଳରେ ବର୍ଷା ହୋଇ ନ ଥିବାରୁ ବଡ଼ ସ୍ତ୍ରଲେଣି ପଡ଼ିଅଛି । ସେ ଅଞ୍ଚଳରେ କେତେ ସବପୋର୍ଡ଼ି ଓ ଇଲସ୍ଲୋକଅ ରେଷ ରହୁଅଛି । ସେଠାରେ ସବ୍ ଟ୍ରେଜରୀ ଖୋଲିବା ପରିବର୍ତ୍ତେ କେବଳ ବାଇକମାନ୍ତ୍ରର ଇଷ୍ଟକାର ଶରଚନମତ୍ରେ ଜଡ଼ିତ ରହିବାର ଆର୍ଯ୍ୟ ହୋଇଅଛି ।

## ଢେଙ୍କାନାଳ–ସମ୍ବାଦ ।

ଗତମାସ ତା ୧୬ ରଖ ଶୁକ୍ରବାରଦିନ ଏଠା ଗଡ଼ମଧ୍ୟସ୍ଥ ବାଳିକାବିଦ୍ୟାଳୟରେ ଏ ଜିଲ୍ଲାର ପାକ୍ଷମାସିକ ଶିକ୍ଷାସମିତିର ଅଧିବେଶନ ହୋଇଥିଲା । ଏ ଅଧିବେଶନରେ ମଫସଲର ସମସ୍ତ ଶିକ୍ଷକ, ସର୍କଲପଣ୍ଡିତ, ମାଇନର ସ୍କୁଲ ଦ୍ୱିତୀୟ ଶିକ୍ଷକ ଓ ଦୁଇଜଣ ପ୍ରଧାନପଣ୍ଡିତ ଏପର ଦୁଇଜଣ ପ୍ରଧାନ ରାଜକର୍ମଚାରୀ କେବଳ ଉପସ୍ଥିତ ଥିଲେ । ମଫସଲ ଶିକ୍ଷକମାନଙ୍କ ଯେଉଁସବୁ ରଚନା ଲେଖାଯାଇଥିଲା ତାହା ପ୍ରଥମରେ ପାଠହେଲା । ରଚନାଗୁଡ଼ିକର ମହିମା ଅତୀବ ବିଚିତ୍ର ଓ ବର୍ଣ୍ଣନାତୀତ । ରଚନା ପାଠଉତ୍ତାରୁ ସେହିପରି ବକ୍ତୃତା ଏବଂ ନାନା ବିଷୟର ପ୍ରଶ୍ନ ହେଲା । ଅନେକ ଅବଧାନ ଅଦ୍ୟାପି ଏହି ସମିତିର ଅର୍ଥ ଓ ଉଦ୍ଦେଶ୍ୟ ବୁଝି ନ ଥିବାରୁ ସ୍ପଷ୍ଟ ଜଣାଗଲା ଯେ ଏସମିତି ବିଡ଼ମ୍ବନା ମାତ୍ର ଓ ଏଥିରେ କିଛି ଫଳ ନାହିଁ ।

ଏ ଜିଲ୍ଲାର ରେବୁଲା ମୌଜାରେ ଜଣେ ଲୋକ ଅନ୍ୟ ଏକଜଣକୁ ଗାଢ଼ନିଦ୍ରାରେ ଶୋଇଥିବା ସମୟରେ ହାଣିକାଟି ପ୍ରାଣ ନାଶ କରି କେଉଁଆଡ଼କୁ ପଳାଇଅଛି ଏପର୍ଯ୍ୟନ୍ତ ଧରାପଡ଼ି ନାହିଁ । ସେ କି କାରଣରୁ ଯେ ହାଣିଲା ଜଣାଯାଇ ନାହିଁ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-
ସମୀପେଷୁ

ମହାଶୟ ।

ନିମ୍ନଲିଖିତ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କର ନାମ ଆପଣଙ୍କ ଜଗଦ୍ବିଖ୍ୟାତପତ୍ରିକାରେ ସନ୍ନିବେଶିତ କରି ଚିରବାଧିତ କରିବେ ।

## ବାମଣ୍ଡା ।

ଅପରପ୍ରାଇମେରୀ ପରୀକ୍ଷାର ଫଳ ସନ ୧୮୮୮ ମସିହା ପାରଦର୍ଶିତାନୁସାରେ ।

ପ୍ରଥମଶ୍ରେଣୀ ।

| | | |
|---|---|---|
| ୧ | ଶ୍ରୀ କୃଷ୍ଣଚନ୍ଦ୍ର ପଧାନ | ଗୁଗୁଅ ସ୍କୁଲ । |
| ୨ | „ ଶ୍ରୀନିବାସ ପୁରୋହିତ | ନଗସ୍କୁଲ । |
| ୩ | „ ହରିହର ପଧାନ | ଗୁଗୁଅ ସ୍କୁଲ । |

ଦ୍ୱିତୀୟ ଶ୍ରେଣୀ

| | | |
|---|---|---|
| ୪ | „ ଅଇଣ୍ଠି ପଧାନ | ହଲ ସ୍କୁଲ । |
| ୫ | „ ବନବନ୍ଧୁ ପଧାନ | ଆଉଁଳ ସ୍କୁଲ । |
| ୬ | „ ଭାଗୀରଥି ପ୍ରଷ୍ଟି | ଗୁଗୁଅ ସ୍କୁଲ । |
| ୭ | „ ଦୁର୍ବାସା ପଣ୍ଡା | ଦେବଗଡ଼ ସ୍କୁଲ । |
| ୮ | „ ରତ୍ନାକର ଦ୍ୱିବେଦୀ | ଗୁଗୁଅ ସ୍କୁଲ । |
| ୯ | „ ଗୋପୀନାଥ ମିଶ୍ର | „ |

ତୃତୀୟଶ୍ରେଣୀ

| | | |
|---|---|---|
| ୧୦ | „ ଦାମୋଦର ସାହୁ | ନଳେଇସ [illegible] |

ବାମଣ୍ଡା } ଶ୍ରୀ ଗୋପାଳଚନ୍ଦ୍ର ବାଜପେୟୀ
୭।୪।୮୮ } ହେଡ଼ମାଷ୍ଟର ।

---

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-
ସମୀପେଷୁ—

ମହାଶୟ !

କିଛୁଦିନପୂର୍ବେ ଅମ୍ଭେ ଯାହାକାରେ ଶ୍ରୀଯୁକ୍ତ ମେଟକାଫ୍ ସାହେବଙ୍କର ଏକ ଅପୂର୍ବ ପ୍ରସ୍ତାବ ପାଠ କରିଥିଲୁଁ । ପ୍ରସ୍ତାବଟି ଏହି ଯେ ବାଲେଶ୍ୱରରେ ମାଇନରସ୍କୁଲମାନ ଥିବାସ୍ଥଳେ ଜିଲ୍ଲାସ୍କୁଲର ନିମ୍ନଶ୍ରେଣୀଠାରୁ ତୃତୀୟଶ୍ରେଣୀପର୍ଯ୍ୟନ୍ତ ସମସ୍ତ ଶ୍ରେଣୀ ରହିବାର ଅନାବଶ୍ୟକ, ଏ ପ୍ରସ୍ତାବର ଉଦ୍ଦେଶ୍ୟ ଏହି ଯେ ଗବର୍ଣ୍ଣମେଣ୍ଟ ସ୍କୁଲମାନଙ୍କରେ ଆୟ ଅପେକ୍ଷା ଖର୍ଚ୍ଚ ବେଶି ପଡ଼ୁଅଛି ସୁତରାଂ ଯେଉଁସବୁ ଅନାବଶ୍ୟକୀୟ ତାହା ଉଠାଇ ଦେଲେ ଗବର୍ଣ୍ଣମେଣ୍ଟଙ୍କ ଖରଚ କମ ପଡ଼ିବ । ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ସ୍କୁଲମାନ ସାଧାରଣହସ୍ତରେ ନ୍ୟସ୍ତ କରି ଗବର୍ଣ୍ଣମେଣ୍ଟ ସ୍ୱୟଂ ତହିଁର ବ୍ୟୟଭାର ଲାଘବ କରିବାପାଇଁ ଚେଷ୍ଟିତ ଅଛନ୍ତି । ଗବର୍ଣ୍ଣମେଣ୍ଟ କହନ୍ତି ଯେଉଁଠାରେ ସାଧାରଣଲୋକେ ବିଦ୍ୟାଳୟର ଆବଶ୍ୟକତା ବିବେଚନା କରନ୍ତି ଓ ଖରଚପତ୍ର କରିବାକୁ ସମର୍ଥ ସେଠାଲୋକଙ୍କୁ ବିଦ୍ୟାଳୟ ଚଳାଇବାଭାର ଦେବା ଉଚିତ ଏହା ଅତ୍ୟନ୍ତ ଯୁକ୍ତିସିଦ୍ଧ କିନ୍ତୁ ଯେଉଁସ୍ଥାନର ଲୋକମାନେ ବିବେଚନାହୀନ ହେଲେ କିମ୍ବା ବ୍ୟୟଭାର ବହନ କରିବାକୁ ଅସମର୍ଥ ଓ ବିଦ୍ୟାଳୟର ଆୟଠାରୁ ଖର୍ଚ୍ଚ ବେଶିହେବାସ୍ଥଳେ କିନ୍ତୁ ସ୍ଥାନମାନଙ୍କରେ ଗବର୍ଣ୍ଣମେଣ୍ଟଙ୍କର ଏପ୍ରକାରଭାବ

Digitized by srujanika@gmail.com

Split by PDF Splitter



ହେବାର ଅନୁଭବ କାଲେକ୍ଟରପ୍ରତି ଉକ୍ତ ନିୟମ ସମ୍ପୂର୍ଣ୍ଣରୂପେ ଖାଟି ନ ଥିବା ଆମ୍ଭମାନଙ୍କର ଡିଷ୍ଟ୍ରିକ୍ଟ କମିଶନର ସାହେବ ଆଂଶିକରୂପେ ପରିଣତ କରିବାକୁ ବସିଥିଲେ । କାଲେକ୍ଟରରେ ଗୋଟିଏ ହାଇସ୍କୁଲ ଓ ଗୋଟିଏ ମାଇନରସ୍କୁଲ ଥିଲା ବର୍ଷେ ଛମାସ ହେବ ... ଅଳ୍ପ ଗୋଟିଏ ମାଇନରସ୍କୁଲ ସ୍ଥାପିତ ହୋଇଅଛନ୍ତି । ଏତଦ୍ୱାରା ଜଣାଯାଉଅଛି ଯେ ଉକ୍ତ ନଗରରେ ସାଧାରଣ ସ୍କୁଲର ସଂଖ୍ୟା ବେଶି ହୋଇ ନାହିଁ ସୁତରାଂ ଉତ୍ସାହ ବେଶି କମି ନାହିଁ । ବର୍ତ୍ତମାନ ଓଡ଼ିଶାର ଅନ୍ୟ ଦୁଇ ନଗରରେ ଅର୍ଥାତ୍ ପୁରୀ ଓ କଟକର ଅବସ୍ଥା ଅନୁରୂପ ଦେଖାଯାଉ । ପୁରୀ ସଦରରେ ଗୋଟିଏ ଇଂରାଜୀ ଜିଲ୍ଲାସ୍କୁଲ ବ୍ୟତୀତ ଅନ୍ୟ କୌଣସି ଇଂରାଜୀ ସ୍କୁଲ ନାହିଁ କଟକରେ ଗୋଟିଏ ଗବର୍ଣ୍ଣମେଣ୍ଟର କଲେଜିଏଟ ସ୍କୁଲ ଅଛି ଓ ତିନୋଟି ସାଧାରଣ ହାଇସ୍କୁଲ ଅଛି ଓ ଦୁଇଗୋଟି ମାଇନରସ୍କୁଲ ଅଛି ଏତଦ୍ବ୍ୟତୀତ ଅନ୍ୟ ଗୋଟିଏ ମାଇନରସ୍କୁଲ ସମ୍ପ୍ରତି ସୃଷ୍ଟି ଅଛି । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ଏଠାରେ ସ୍କୁଲ ସଂଖ୍ୟା ଅଧିକ ଓ ଲୋକଙ୍କର ବିଦ୍ୟାପ୍ରତି ବିଶେଷ ଆଦର ଅଛି । ଅତଏବ କାଲେକ୍ଟର-ହାଇ-ସ୍କୁଲସମ୍ବନ୍ଧ ଯେଉଁ ପ୍ରସ୍ତାବ ଶ୍ରୀଯୁକ୍ତ ମେଟକାଫ ସାହେବ କରିଯାଇଥିଲେ ଉକ୍ତ ପ୍ରସ୍ତାବ ରହିତ କଲେ ଉତ୍ତମ ହେବ ଓ ଯଦ୍ୟପି ବର୍ତ୍ତମାନ କମିଶନର ଶ୍ରୀଯୁକ୍ତ ଲୁଆର୍ଟଲ ସାହେବ ତାଙ୍କ ପୂର୍ବ କମିଶନରଙ୍କ ପ୍ରସ୍ତାବକୁ ଓଡ଼ିଶାର କୌଣସି ନଗରରେ ଯେବେ କାର୍ଯ୍ୟରେ ପରିଣତ ହେବାକୁ ଚାହାନ୍ତି ତେବେ ଏହି କଟକ କଲେଜିଏଟ ସ୍କୁଲକୁ ଉଠାଇ ଦେବା ପ୍ରସ୍ତାବ କଲେ ବୋଧ ହୁଏ କାହାର ବିଶେଷ ଆପତ୍ତି ହେବ ନାହିଁ ।

କଟକ ୫।୪।୮୮ } ଜଣେ ଓଡ଼ିଶାବାସୀ

## ଭ୍ରମସଂଶୋଧନ ।

୧୪ ସଂଖ୍ୟା ଉତ୍କଳଦୀପିକା ସନ ୧୮୮୮ ବାବୁ ଗଙ୍ଗାଧର ... ଦେବାକ ... ଟ ୩ ୵ ସ୍ଥଳରେ ବକାୟା ଟ ୧୯ ଙ୍କା ଓ ଅଗ୍ରିମ ଟ ୩୯ ଙ୍କା ହେବ

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ନିତ୍ୟାନନ୍ଦ ମହାନ୍ତି | ଦୁଇ | ବକାୟା | ଟ ୧ |
| ,, ଗୋପୀନାଥ ଦାସ | ,, | ଅଗ୍ରିମ | ଟ ୩ |
| ମହନ୍ତ ଶ୍ରୀ ରାମଦାସ ବାବାଜି ଶ୍ରୀଅମଠ | ,, | | ଟ ୩ |
| ବାବୁ ପର୍ଶୁରାମ ପୁଅର ସମ୍ବଲପୁର | ,, | | ଟ ୨ |
| ,, ଶ୍ୟାମ ସାହୁ କଟକ | ,, | | ଟ ୩ |
| ଜବଲପୁର ନେହରଶୋଲ ସମ୍ବଲପୁର | ,, | | ଟ ୩ |

# ବିଜ୍ଞାପନ ।

ସନ ୧୮୮୮ ସିହାର ନ ୫୭ ନମ୍ବର ମୋକଦ୍ଦମା

ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ୨୩୦ ଧାରା ଅନୁଯାୟୀ

କଟକ ମୋକାମ ମୁନସଫି ଅଦାଲତର ବିଜ୍ଞାପନ

ନ୧ ଜଗନ୍ନାଥ ସାନ୍ତରା । ସା । କନ୍ତବାଇ । ଜ । ବାଙ୍କୀ
ନ୨ ବଳଭଦ୍ରନାଏକ । ସା । ଏକନ } ବାଦୀମାନେ
ନ୩ ଶ୍ରୀବନପଣ୍ଡା । ସା । ଏକନ

ବନାମ ।

ନ୧ କମଳଚରଣ ସିଂହ । ସା । ତଡ଼ାଇବନ୍ଧ । ଜ । ବାଙ୍କୀ
ନ୨ କ୍ଷେତ୍ରବାସୀ ସିଂହ ଏକନ } ପ୍ରତିବାଦୀମାନେ

ଯେହେତୁ ଉପରୋକ୍ତ ବାଦୀମାନେ କଟକ ଜିଲ୍ଲା ମଧ୍ୟପ୍ରଦେଶ । ଜ । ବାଙ୍କୀ ପୁଲିସ ଷ୍ଟେସନ ତହସିଲ ଓ ସବରେଜିଷ୍ଟ୍ରୀର ମୌଜାମ କଟକ । ଇ । ଅଭିଗଣିବେହ । ତୌଜୀ । କନ୍ତବାଇ ରକବାରେ ଥିବା ଉଲଲିଖିତ ଚଉହଦ ଓ ଜରିବ ନମ୍ବର । ବା । ମା ୩ । ୧୦ ଗଣ୍ଡା ବୃତ୍ତିରେ ଥିବା ବନ୍ଧକୁ ପ୍ରତିବାଦୀମାନେ ବଳପୂର୍ବକ ଅନ୍ୟାୟମତେ କାଟି ଦେଇଥିବାରୁ ଉକ୍ତ ବନ୍ଧ ସେମାନଙ୍କଦ୍ୱାରା ଅଥବା ସେମାନଙ୍କ ଖର୍ଚ୍ଚରେ ସାବିକମତେ ପ୍ରସ୍ତୁତ କରିବା ହୋଇଯିବା । ବା । ଉକ୍ତ ବନ୍ଧର ଅନୁମାନିକ ମୂଲ୍ୟ ଟ ୧୦୯ ଙ୍କା ଓ ପ୍ରତିବାଦୀମାନେ ଉକ୍ତ ବନ୍ଧ କାଟି ଦେବାରୁ ବାଦୀମାନଙ୍କର ଓ ବାଦୀମାନଙ୍କ ଅପର ଗ୍ରାମବାସୀମାନଙ୍କର ଫସଲ ନଷ୍ଟ ହେବାରେ ତହିଁର ଖେସାରତ ଟ ୧୭୫୵ ଏରୂପ । ମୂ । ଟ ୧୮୮୵ ଦୋଟପିବ ତାବାଦରେ ଉକ୍ତ କନ୍ତବାଇ ମଉଜାର ସମସ୍ତ ଗ୍ରାମବାସୀମାନଙ୍କପକ୍ଷରୁ ଉପରୋକ୍ତ ପ୍ରତିବାଦୀମାନଙ୍କ ନାମରେ କଟକ ମୋକାମ ମୁନସଫି ଅଦାଲତରେ ନାଲିସ କରିଅଛନ୍ତି ଅତଏବ ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ୨୩୦ ଧାରା ଅନୁସାରେ ଏ ବିଷୟ ଉକ୍ତ କନ୍ତବାଇ ମଉଜାର ସମସ୍ତ ଗ୍ରାମବାସୀମାନଙ୍କର ଜାଣିବାକାରଣ ପ୍ରକାଶ କରାଗଲା ।

ଉ: ନ୧୫୪ନମ୍ବର । ବା । ଅବଶିଷ୍ଟ ବନ୍ଧ

| |
|---|
| ନ ୧୫୪ ଓ ୧୫୫ ନମ୍ବର |
| । ବା । ମା ୩।୦୯୦ ଗଣ୍ଡା |

ପ: ... ଉ: ନ୧୫୫ନମ୍ବର ... ଦ: ତଡ଼ାଇବନ୍ଧ ନମ୍ବ

ଦେଶ ଉନ୍ନତ କପର ହୁଏ ଅର୍ଥାତ୍ ହବାର ସମ୍ଭବ, ସମସ୍ତ ବିଦ୍ୟାନୁରାଗି ମହାଶୟମାନଙ୍କୁ ସଚେତ କରାଯାଉଅଛି କ ଉକ୍ତ ବିଷୟରେ ଆପଣା୨ ବୁଦ୍ଧ୍ୟନୁସାରେ ଲେଖି ନିମ୍ନଲିଖିତ ଠିକଣା ଅପ୍ରେଲ ତା ୩୦ ରିଖଠାରୁ ମଇମାସ ମଧ୍ୟରେ ସବୁ ମହାଶୟଙ୍କ ଲେଖାନୁସାରେ ନାମ ପରୀକ୍ଷା କରାଯିବ । ଏଥିମଧ୍ୟରୁ ଯେଉଁ ମହାଶୟଙ୍କର ଉକ୍ତ ବିଷୟରେ ଉତ୍ତମବୁଦ୍ଧି ପ୍ରକାଶ ହେବ ତାହାଙ୍କୁ ଦୁଇଟଙ୍କାର ପୁସ୍ତକ ପାରିତୋଷିକ ଦିଆଯିବ ଏବଂ ଏହାଙ୍କର ନାମ କ୍ରମରେ ପ୍ରକାଶ କରାଯିବ । ପରନ୍ତୁ ଏହା ପ୍ରକାଶଥାଉ କ ଯେଉଁ ମହାଶୟ ପକ୍ଷ ଲେଖି ପଠାଇବେ ଉତ୍ତମ କାଗଜ ଓ ଉତ୍ତମ ଅକ୍ଷର ଉତ୍କଳ ଅକ୍ଷର ଅଥବା ବଙ୍ଗାକ୍ଷର ଅଥବା ନାଗରାକ୍ଷର ହେଉ ଯେଉଁମାନଙ୍କର ଯହିଁରେ ଇଚ୍ଛା ତହିଁରେ ଲେଖି ପୁରୀ ଜଗନ୍ନାଥରେ ଥିବା ପଣ୍ଡିତ ଶ୍ରୀ ଭାଗବତ ରାମାନୁଜଦାସଙ୍କ ନିକଟକୁ ପଠାଇବେ । ଇତି

## NOTICE.

The Hidgilleo Tidal Canal Ranges I & II will be reopened for trffic from 1st May 1888.

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଯେ ହିଜଳି ଟାଇଡେଲ କେନାଲର ପ୍ରଥମ ଓ ଦ୍ୱିତୀୟ ବିଭାଗ ୧୮୮୮ ସାଲ ମେ ମାସ ତା ୧ ରିଖ ଠାରୁ ବେପାର ଆଦି ପାଇଁ ପୁନର୍ବାର ଫିଟିଲା ।

A. HAYES
*Executive Engineer*
*Balasore Division*

ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀଙ୍କ-ପ୍ରଣୀତ "କ୍ଷେତ୍ରପରିମାଣ" ପୁନର୍ମୁଦ୍ରିତ ହେଉଅଛି । ଅତିଶୀଘ୍ର ପ୍ରସ୍ତୁତ ହେବ । ସ୍ବଦେଶନୁରାଗୀ ବ୍ୟକ୍ତିମାନେ ଆମ୍ଭ ନିକଟରେ ତତ୍ତ୍ୱ କଲେ ପାଇପାରିବେ ।

କଟକ ୨୪।୪।୮୮ } ଶ୍ରୀ ଗୌରୀଶଙ୍କର ରାୟ ସମ୍ପାଦକ କଟକ ପ୍ରିଣ୍ଟିଂ କୋମ୍ପାନୀ ।

## ନୂତନ ପୁସ୍ତକ ।

# କଳିକାଳ ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଙ୍ଗ୍ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଚାରିଅଣା । ମୋଫସଲକୁ ପଠାଇବା କାରଣ ଦୁଇପଇସାର ଡାକଟିକଟ ଲାଗିବ ।

Digitized by srujanika@gmail.com

ଷଷ୍ଠୀକ ଡେୋଟିକୃତ୍ସାଣ୍ଡସ୍ୱନସ୍ତ ମୂଦ୍ରିତ ହୋଇ ପ୍ରକାଶିତ ହୋଇଅଛି । ଗ୍ରାହକମାନେ ଉକ୍ତସପ୍ତାହ ମଧ୍ୟରେ ମନିଅର୍ଡର ଦ୍ୱାରା ଇଟ୍କୋରିୟପ୍ରେସର ମ୍ୟାନେଜର ବାବୁ ଶ୍ରୀ ଅଭୁଲ ଜାୟୁଙ୍କ ନିକଟକୁ ପୁସ୍ତକର ମୂଲ୍ୟ ଟ ୧୲ ଓ ପୋଷ୍ଟେଜ ଟ୦/୬ ଏପର ଟ ୧୲/୬ ପଠାଇଲେ ପୁସ୍ତକ ପ୍ରାପ୍ତହେବେ । ଉକ୍ତସପ୍ତାହ ଅତୀତ ହେଲେ ଗ୍ରାହକମାନେ ଏହି ମୂଲ୍ୟରେ ପାଇ ପାରିବେ ନାହିଁ । ଅନ୍ୟାନ୍ୟ ଗ୍ରହଣେଚ୍ଛୁମାନେ ପୁସ୍ତକର ମୂଲ୍ୟ ଟ ୨୲ ଏବଂ ବିଦେଶୀୟମାନେ ଡାକମାସୁଲ ଟ ୦ /୬ ସହିତ ଟ ୨/୬ ପଠାଇଲେ ପୁସ୍ତକ ପ୍ରାପ୍ତହୋଇ ପାରିବେ । ପୁସ୍ତକର ଗୁଣାଗୁଣ ସମ୍ବନ୍ଧରେ ଅଧିକ ଲେଖିବା ବାହୁଲ୍ୟ । ଓଡିଶାର ଯୋଗ୍ୟଲେଖକମାନଙ୍କ ମଧ୍ୟରେ ପୁସ୍ତକର ବହୁଳ ପ୍ରଚାର ଓ ଆଦର ଦେଖିଲେ ପ୍ରକାଶକ ତାଙ୍କ ପରିଶ୍ରମ ସଫଳ ଜ୍ଞାନ କରିବେ ।

୧୬।୪।୮୮
ଇଟ୍କୋରିୟପ୍ରେସ } ଶ୍ରୀଗୋପାଳଚନ୍ଦ୍ର ବସୁ
କଟକ

NOTICE.

TO BE LET OR SOLD

2 Bungalows at Chawleagunj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

TO BE SALED

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office.

Apply to

Hadjee Dadamia Abdool Salam
Managing Agent for Hajee Jackaria
Mohomed &c.

ବିଜ୍ଞାପନ ।

କେହି କେସମୃରେ ନେବାକୁ ଚାହିଁଲେ କିମ୍ବା ଖରିଦ କରିବା ନିମନ୍ତେ ଚାହିଁଲେ ନେଇ ପାରନ୍ତି ।

ଗୋ ୨ ଟି ବଙ୍ଗଳା ଚାଉଳିଆଗଞ୍ଜଠାରେ ଅଛି ।

୧ ଦୋମହଲା ପକ୍କାକୋଠୀ ବାବୁର୍ଚ୍ଚିଘର ଓ ବଗିଚା ଓଗେର ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାକ୍‌ନର ସାହେବଙ୍କର ଦଖଲ ଥିଲା ।

୧ ଏକମହଲା ପକ୍କାକୋଠି ଯାହାର ବାବୁର୍ଚ୍ଚିଘର ଭଙ୍ଗିଯାଇଅଛି ମୁରାଦଖାଁ ପାଟଣା ନିକଟ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ ଥିଲା ।

ବିକ୍ରୀ ହେବ ।

୧ ଏକମହଲା ପକ୍କାକୋଠି ଓ ଯାହାର ବାବୁର୍ଚ୍ଚିଘର ଓଗେର ନ ୧୩ ମ୍ବର ପଲଟଣ ଲାଇନ ମଧ୍ୟରେ ଅଛି । ଯାହାର କେଉଁଥା ପ୍ରତିମାସରୁ ୩୨ ଟା ଆୟ ହେଉଅଛି ।

୧ ଦୋମହଲା ପକ୍କାକୋଠି ଓ ବାବୁର୍ଚ୍ଚିଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରିଣୀ ଓ ବଗିଚା ଓଗେର ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରନ୍ତେ

ଶ୍ରୀ ହାଜି ଦାଦାମିଆଁ ଅବଦୁଲ ସଲମ
କର୍ମ ଚଳାଇବା ନିମନ୍ତେ କାରପରଦାଜ
ତରଫ ହାଜବେ ଶ୍ରୀ ହାଜି ଜକରିଆ
ମହମଦ ଲୁଖ୍ମାନୀ ।

# ମେହରୋଗ ।

ଶ୍ରୀ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍ଦ୍ଧ ଗୀଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଷ୍ପ୍ରୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଥିର ଉପଯୁକ୍ତିରେ ପରୀକ୍ଷିତ ନ ହେଲେ ଅର୍ପିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅନୁଜ୍ଞମରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅହେଇଷ୍ଟୋଲ ନଂ ମ୍ବର ଭବନରେ ସ, କେ, ପାଲ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨ କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚା ପୃଥକ୍

ଯୋଗସିଦ୍ଧ ଅଷ୍ଟଧାତୁ ଅଙ୍ଗୁଷ୍ଠି, ଅନନ୍ତବଳ ଓ ପଦକ ।




ଏ ସବୁ ସୁନା ରୁପା ତମ୍ବା ଲୁହା ରଙ୍ଗା, ସୀସା ଦସ୍ତା ଓ ପାରଦରେ ନିର୍ମିତ । ଜ୍ୱର ଜଣ୍ଡା ଦାଦ, ଶ୍ୱାସ ଅର୍ଶ ,ମୂର୍ଚ୍ଛା ଅନୁପ୍ରମେହ ବାତ ଉନ୍ମାଦ ଓଲଉଠା ପ୍ରଭୃତି ସମସ୍ତ ଉତ୍କଟରୋଗର ଅବ୍ୟର୍ଥ ଔଷଧ । ସୁସ୍ଥଶରୀରରେ ଧାରଣ କଲେ ଶରୀରର ବଳ ସାମର୍ଥ୍ୟ କାନ୍ତି ଓ ସ୍ଫୂର୍ତ୍ତି ଅତ୍ୟନ୍ତ ବୃଦ୍ଧି ହୁଅଇ । ଏହି ଅନନ୍ତବଳ ଇତ୍ୟାଦି ଉତ୍କଳବାସୀ ଜଣେ ଯୋଗିଙ୍କଠାରୁ ପ୍ରାପ୍ତ ଓ ତାହାଙ୍କର ଆଜ୍ଞା ଅଛି ଯେ ରୋଗରୁ ମୁକ୍ତ ହେଲେ କୌଣସି ଦେବାଳୟରେ ଯଥାସାଧ୍ୟ ପୂଜା ଦେବାକୁ ହେବ ।

ପୁରୁଷ ଦକ୍ଷିଣକର ଓ ସ୍ତ୍ରୀ ବାମକରରେ ଏହି ଅନନ୍ତବଳ ଧାରଣ କରିବ ପୂର୍ଣ୍ଣିମା ଓ ଅମାବାସ୍ୟାରେ ଗଙ୍ଗାଜଳ ଅଥବା ଦେବଯାତ୍ରାରେ ବ୍ୟବହାର ହୋଇପାରିବା ଶୁଦ୍ଧଜଳରେ ବୁଡ଼ାଇ ସେ ଜଳ ପିଇବ ।

| | | |
|---|---|---|
| | ମୂଲ୍ୟ | |
| ଅନନ୍ତବଳ | ଗୋ ୧ ଅଛୁ | ଟ ୧ |
| ଉଚ୍ଚ ଅବା ପଦକ | „ | ଟ ୧୲ |
| ଅଙ୍ଗୁଷ୍ଠି | „ | ଟ ୧। |

ଡାକରେ ପଠାଇବାକୁ ହେଲେ ଡାକମାସୁଲ ଦେବାକୁ ହେବ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

# ଓଡିଶା ମିଶନ ପ୍ରେସ

## କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଜିଲା, ବାଣିଜ୍ୟ ଓ ଲକିବାଲିଂ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।

ଏଷ୍ଟିମେଟ୍ ମାଗିଲେ ମିଳଇ ।

ଏହି ପତ୍ର ଉତ୍କଳଦୀପିକା ବହିଲ ମଟର ଉତ୍କଳଭାଷା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ଭା | ସଂ ୧୮ ସଂଖ୍ୟା
ତା ୫ ରିଖ ମାହେ ମଇ ସନ ୧୮୮୮ ମସିହା । ମ । ବୈଶାଖ ର ୨୪ ଦ ସନ ୧୨୯୫ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୵
ପଶ୍ଚାଦେୟ ଟ ୬୵

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ନର୍ମାଲସ୍କୁଲ ପଣ୍ଡିତବିଭାଗର ପ୍ରଥମଶ୍ରେଣୀରେ ପଢୁଥିବା ଛାତ୍ରମାନେ ପରୀକ୍ଷାର ଫଳ ବାହାରିବାଦିନପର୍ଯ୍ୟନ୍ତ ବୃତ୍ତି ପାଉଥିଲେ କିନ୍ତୁ ଚଳିତବର୍ଷରୁ ଉକ୍ତ ନିୟମ ରହିତ ହୋଇ ପରୀକ୍ଷା ହେବାର ଅବ୍ୟବହିତ ପରରୁ ବୃତ୍ତି ରହିତ ହୋଇଅଛି । ଛାତ୍ରମାନେ ଏଥିରେ ଦୁଃଖିତ ହୋଇ ଡେପୁଟି ଇନ୍‌ସ୍ପେକ୍ଟରଙ୍କୁ ଜଣାଇବାରୁ ସେ କହିଲେ ଯେ ସରକାରଙ୍କ ଲିଖିତ ଦୃଷ୍ଟିରେ ଯେ ସ୍ଥଳେ ଶିକ୍ଷକ ଉକ୍ତ କାର୍ଯ୍ୟ କରିଅଛନ୍ତି ସେ ସ୍ଥଳେ ସେ ତାହାର ଅନ୍ୟଥା କରିପାରନ୍ତି । ପତ୍ରପ୍ରେରକଙ୍କର ଏଥିରେ ତୃପ୍ତି ହୋଇ ନାହିଁ । ନିୟମାନୁସାରେ ଛାତ୍ରମାନେ କେତେ ଦିନ ବୃତ୍ତି ପାଇବାର ଉପଯୁକ୍ତ ଶିକ୍ଷାବିଭାଗୀୟ ପ୍ରଧାନକର୍ମଚାରୀ ତାହାର ବିଚାର କରି ଯେବେ ସେମାନଙ୍କର କିଛି ପାଉଣା ହେବ ତେବେ ସେମାନଙ୍କୁ ତାହା ଦିଆଇ ଦେଲେ ଗରିବ ଛାତ୍ରଙ୍କର ଉପକାର ହେବ ପତ୍ରପ୍ରେରକଙ୍କର ଏହି ପ୍ରାର୍ଥନା ଏବଂ ଆମ୍ଭମାନଙ୍କ ବିବେଚନାରେ ତାହା ଅନ୍ୟାୟ ନୁହଇ ।

---

ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ କାଲେଷ୍ଟରରେ କୁମାରୀ ବେଷ୍ଟଫିଲପସ ସ୍ତ୍ରୀ-ଚିକିତ୍ସାର ବିସ୍ତର ବନ୍ଦୋବସ୍ତ କରିଅଛନ୍ତି ଏବଂ ଏଥିନିମନ୍ତେ ଯେଉଁ ଚିକିତ୍ସାଳୟ ନିର୍ମାଣ କରିବାର ଥିଲା ତାହା ପ୍ରସ୍ତୁତ ହୋଇଅଛି । କୁମାରୀ ମହୋଦୟା କେବଳ ଚିକିତ୍ସାଳୟରେ ବସି ସ୍ତ୍ରୀମାନଙ୍କର ଚିକିତ୍ସା କରୁଅଛନ୍ତି ଏମନ୍ତ ନୁହେ ଲୋକଙ୍କ ଘରକୁ ଯାଉଅଛନ୍ତି ବିଶେଷତଃ କୌଣସି ସ୍ତ୍ରୀର ପ୍ରସବବେଦନାର ସମ୍ବାଦ ପାଇବାମାତ୍ରକେ ତାହା—ଘରକୁ ଯାଇ ଖଲାସ କରୁଅଛନ୍ତି । ଏଥିମଧ୍ୟରେ ସେ ଉକ୍ତଦିନ ପରିଶ୍ରମ କରି ବାବୁ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ସ୍ତ୍ରୀଙ୍କି ଅତ୍ୟନ୍ତକଷ୍ଟକର ବେଦନାରୁ ମୁକ୍ତ ଏବଂ ସଜୀବପୂର୍ଣ୍ଣ ସନ୍ତାନ ଜନ୍ମକରାଇ ଚିକିତ୍ସା କୌଶଳ ଏବଂ ଦୟା ଧର୍ମର ସୁନ୍ଦର ପରିଚୟ ଦେଇଅଛନ୍ତି । କଟକରେ ଲେଡ଼ି ଟାମସନ ଚିକିତ୍ସାଳୟ ଦେଶୀୟସ୍ତ୍ରୀଲୋକଙ୍କ ଉପକାରାର୍ଥେ ବର୍ଷକରୁ ଅଧିକ ହେବ ପ୍ରତିଷ୍ଠିତ ହୋଇଅଛି ମାତ୍ର ଅଦ୍ୟାବଧି କୌଣସି ବିଶେଷକାର୍ଯ୍ୟର ପରିଚୟ ମିଳି ନାହିଁ ।

---

ମନିଅର୍ଡରଯୋଗେ ଖଜଣା ପଠାଇବାର ନିୟମ ହେବାରୁ ଲିଟବନ୍ଦର ସମାହେଶ ଅନେକ ଭିଣା ପଡିଥିଲା ଏବଂ ଅଲ୍ପଟଙ୍କା ଦାଖଲ କରିବା ଲୋକମାନେ ଅନେକକଷ୍ଟ ଓ ଖର୍ଚ୍ଚାନ୍ତରୁ ରକ୍ଷା ପାଇଅଛନ୍ତି । କେବଳ ଖଜଣା କାହିଁକି ପଥ ଓ ପ୍ରଦେଶୀୟକର ଡାକଦେହାଇଇତ୍ୟାଦି ସମସ୍ତପ୍ରକାର ସରକାରୀ ପାଉଣା ମନିଅର୍ଡରଦ୍ୱାରା ଖଜଣାଖାନାକୁ ପଠାଇବାର ନିୟମ ହେବାରୁ ଲୋକଙ୍କର ଭାରି ସୁବିଧା ହୋଇଅଛି ଏବଂ ଏଥର ଲିଟବନ୍ଦରେ ଅନେକ ଟଙ୍କା ଏହିପରି ଆସିଅଛିଲେହେଁ. ମୋଫସଲର ଅଶିକ୍ଷିତ ଲୋକେ ଏସୁବିଧା ବିଷୟ ଜାଣିପାରି ନାହାନ୍ତି । କାଙ୍କଡ଼ପୁରରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଅନେକ ଲୋକ ସେଠାରୁ ମନିଅର୍ଡରଯୋଗେ ଖଜଣା ପଠାଇବାକୁ ଇଚ୍ଛା କରିଥିଲେ ମାତ୍ର କେହି ବ୍ୟକ୍ତି ଧୋକା ଦେବାରୁ ସେମାନେ ସ୍ୱୟଂ ଯାଇ ଖଜଣା ଦାଖଲ କଲେ । ମୋଫସଲ ଲୋକଙ୍କୁ ଏପରି ବୁଝାଇବା ମନ୍ଦ ଅଟଇ ବରଂ ଗ୍ରାମର ସ୍କୁଲଶିକ୍ଷକ ପୋଷ୍ଟମାଷ୍ଟର ପୁଲିସପ୍ରଭୃତି ଜାଣିବା ଲୋକଙ୍କର ଉଚିତ ଯେ ଲୋକଙ୍କୁ ଏସବୁ ନିୟମ ଭଲକରି ବୁଝାଇ ଦେବେ ।

---

। ପ୍ର । ଲେମ୍ବାଇ । ମୌ । ଡେଲଙ୍ଗରେ ସୁଶିମଦାଗଡାଙ୍କ କଚେରୀର ତହସିଲଦାର ବାବୁ ଲକ୍ଷ୍ମଣମିଶ୍ରଙ୍କ ଯତ୍ନରେ ଉକ୍ତ କଚେରୀଠାରେ ଗୋଟିଏ ଗୋରକ୍ଷଣୀ ସଭା ହୋଇଥିଲା । ନିକଟବର୍ତ୍ତୀ ଅନେକଗ୍ରାମରୁ ଲୋକ ସେଠାକୁ ଆସିଥିଲେ । ତହସିଲଦାର ମହାଶୟ ସଭାର ଉଦ୍ଦେଶ୍ୟ ଏବଂ ଗୋଜାତିର ଉପକାରିତା ଉତ୍ତମରୂପେ ବୁଝାଇ ଦେଲେ ଏବଂ ଉକ୍ତ କଚେରୀର ମୋହରର ଓ ସ୍କୁଲର ଶିକ୍ଷକମାନେ ଏହି ସପକ୍ଷରେ ବକ୍ତୃତା କଲେ । ସଭାରେ ଧାର୍ଯ୍ୟ ହେଲା ଯେ ଯେ କେହି ଗୋଖାଦକଙ୍କୁ ଗୋରୁ ବିକ୍ରୟ କରିବ ସେ ସମାଜର ଦଣ୍ଡର ଯୋଗ୍ୟ ହେବ ଏବଂ ପ୍ରତ୍ୟେକ ଗ୍ରାମ-

Digitized by srujanika@gmail.com

ଚେଟେବରମାନେ ଏ ବିଷୟରେ ତୀକ୍ଷ୍ଣଦୃଷ୍ଟି ରଖିବେ । ଅନ୍ୟାନ୍ୟ ଗ୍ରାମମାନଙ୍କରେ ଏହିପରି ସଭା କରିବା ସକାଶେ ମଧ୍ୟ ଲୋକଙ୍କୁ ବୁଝାଇ ଦିଆଗଲା । ଅସ୍ମାନଙ୍କ ପତ୍ରପ୍ରେରକ ଲେଖିଅଛନ୍ତି କି ସମସ୍ତ ଆମନ୍ତ୍ରିତ ବ୍ୟକ୍ତି ଉପସ୍ଥିତ ହୋଇ ନ ଥିଲେ ସୁଦ୍ଧା ଯେତେଲୋକ ଆସିଥିଲେ ଓ ସଭାର କାର୍ଯ୍ୟ ଯେପରି ବେଗ ଚଳିଥାଇଁ ତହସିଲଦାର ମହାଶୟ ଧନ୍ୟବାଦର ପାତ୍ର ଅଟନ୍ତି ।

---

ମଧ୍ୟପ୍ରଦେଶରେ ଶିକ୍ଷାକର ନାମରେ ଗୋଟିଏ କର ଧାର୍ଯ୍ୟଅଛି ଏବଂ ତହିଁରୁ ସାଧାରଣଶିକ୍ଷାର ବ୍ୟୟ ନିର୍ବାହିତ ହୁଅଇ । ସମ୍ବଲପୁରଜିଲ୍ଲାର ସାଧାରଣ-ଶିକ୍ଷାସମ୍ବନ୍ଧୀୟ ବଜେଟରୁ ପ୍ରକାଶ ଯେ ସେ ଜିଲ୍ଲାରେ ଶିକ୍ଷାକର ଟ ୪୦୪୦ ଙ୍କା ଆଦାୟ ହୁଅଇ ଏବଂ ପ୍ରଦେଶୀୟସରକାରରୁ ଟ ୨୪୦୦ ଙ୍କା ସାହାଯ୍ୟ ମିଳଇ । ଏହିରୂପ ଟ ୬୪୪୦ ଙ୍କା ଆୟ । ଏଥିରୁ ବିଦ୍ୟାଳୟର ଶିକ୍ଷକାଦି କର୍ମଚାରୀଙ୍କ ବେତନ ଓ ଦାୟେଖର୍ଚ୍ଚା ଟ ୫୩୮୦ ଙ୍କା ଛାତ୍ରବୃତ୍ତି ଟ ୬୪୦ ଙ୍କା ଏବଂ ଗୃହନିର୍ମାଣ ଓ ଆବଶ୍ୟକୀୟ ଦ୍ରବ୍ୟମାନଙ୍କର ଖର୍ଚ୍ଚା ଟ ୪୨୦ ଙ୍କା ମୋଟ ବ୍ୟୟ ଟ ୬୪୪୦ ଙ୍କା ନିରୂପିତ ହୋଇଅଛି । ଏଠାରେ ଦେଖା ଅଥବା ଶିକ୍ଷକବେତନ ହ୍ରାସ କରି ଆୟ ହୁଅଇ ନାହିଁ । ସରକାର ଯେସ୍ଥଳେ ଲୋକଙ୍କୁ ଶିକ୍ଷାକର ଦେବାପାଇଁ ବାଧ କରଅଛନ୍ତି ସେସ୍ଥଳେ ଉହାପ୍ରଜାଙ୍କ ଦିଏ ତାହିଁକି ଦେଖା ଦେବେ ଏବଂ ଶାସନଙ୍କଠାରୁ ଦେଉଛ ଅବା କିରୂପେ ନିୟୁକ୍ତିବ ? ଶିକ୍ଷାକର ନିୟମିତ ଭଲ ନୁହଇ ଏଣିକି ତାହା ଉଠିଯିବାର ଉଚିତ ତାହା ହେଲେ …ଙ୍କର ଶିକ୍ଷାସ୍ତର ଅଗ୍ରଦ ବଢିବ ଓ …ତହିଁର ଅଂଶିକ ବ୍ୟୟଭାର ଗ୍ରହଣ …କୁ ପ୍ରସ୍ତୁତ ହେବେ ।

---

…ରବର୍ତ୍ତର ମାଇନର ବର୍ଣ୍ଣାକ୍ୟୁଲର ଏବଂ …ଲାଇମେରୀପରୀକ୍ଷାର ଫଳ ଏବେ ବେଲବେ …ହି ଅଛି ଏବ ଅମ୍ଭେମାନେ ତହିଁର ଏକ- …ଲିପି ଶ୍ରୀ ଇନସ୍ପେକ୍ଟରଙ୍କଠାରୁ …ପ୍ତିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । …ଏପରୀକ୍ଷାମାନଙ୍କର ଫଳ ହାତଲେଖା- …ରେ ଅମ୍ଭେମାନେ ପାଉଥିଲୁଁ । ମହିଳେ …ବର୍ଷ ସେପରି ଉଠିଯାଇ ଓଡ଼ିଆଙ୍କ- …ର ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶିତ ହେଲ ଓ ସମ୍ବାଦପତ୍ରମାନଙ୍କୁ ପୃଥକ୍ ତାଲିକା ଦିଆଗଲା ନାହିଁ । ଏବର୍ଷ ଉକ୍ତଫଳମାନ ପୃଥକ୍‌ରୂପେ ଛପାହୋଇ ଅମ୍ଭମାନଙ୍କ ନିକଟକୁ ଆସିଅଛି । ଏକ୍ ବର୍ଷ ଏକ୍ ସାର୍ଟିଫିର ଫଳ ବାହାରିଥିବାରୁ ଅନୁମାନ ହେଉଅଛି ଯେ ପ୍ରକୃତିମାନଙ୍କୁ ଇନସ୍ପେକ୍ଟର ନାପସନ୍ଦ କରି ଏହି ନୂତନରୀତିର ଚଳ ମଣିଅଛନ୍ତି ଓ ଯେବେ ପ୍ରତ୍ୟେକଶ୍ରେଣୀର ସ୍କୁଲରୁ ଉତ୍ତର୍ଣ୍ଣୀୟପରୀକ୍ଷାର ଫଳ ପୃଥକ୍‌ରୂପେ ପ୍ରେରିତ ହୋଇଥାଏ ତେବେ ଅମ୍ଭେମାନେ ମଧ୍ୟ ଏଥିରେ ଭଲମଣିବୁଁ । ଯାହା ପ୍ରକୃତରେ ତାହା ହୋଇଅଛି କି ନାହିଁ ନିଶ୍ଚୟ ଜାଣି ନ ପାରବାରୁ ସମସ୍ତପରୀକ୍ଷାରଫଳ ପ୍ରକାଶ କରିବାକୁ ଅମ୍ଭେମାନେ ବାଧ ହେଲୁଁ । ଯେବେ ପ୍ରତ୍ୟେକସ୍କୁଲରୁ ମୋଟଫଳ ପଠା ଯାଇଥିବ ତେବେ ଅମ୍ଭମାନଙ୍କର ଅନୁଅରେ ପ୍ରକାଶ କରିବା ଅନର୍ଥକ ହେବ ଆଉ ପଠାଯାଇ ନ ଥିଲେ ଇନସ୍ପେକ୍ଟରଙ୍କ ଛପା କରାଇବା ଯଥାଲୟବିଶେଷର ସାହାଯ୍ୟ କରିବା ବନା ଅଉ କିଛି ବୋଲାଯାଇ ନ ପାରେ ।

---

କର୍ଣ୍ଣୀୟକଣ୍ଟ୍ରିକ୍ଟର ଗତମାସ ତା ୨୪ ରିଖର ନ ୧୪୪ ମର ହ୍ୟାଣ୍ଡବିଲରେ ଘୋଷଣା ହେଇଅଛନ୍ତି କି ସନ ୧୮୮୪ ସାଲର ଜୋଲାଇ ଆଇନ ଲିଖିତ ଚାଲିଥିଲେ ଚଳିତମାସଆରମ୍ଭଠାରୁ ଜାରି ହେବ । ଯଥା ।

ସୁଗନ୍ଧଘାଟରୁ ଗେଓଁଖାଲିଲକ ପର୍ଯ୍ୟନ୍ତ ଖାଲ ମା ୫ ଇଲ, ଗେଓଁଖାଲିଠାରୁ ଉଲ୍ଟାମୁଣ୍ଡଗଲକ ପର୍ଯ୍ୟନ୍ତ ହିଜଳିଖାଲ ମା ୧୧ ଇଲ, ଉଲ୍ଟାମୁଣ୍ଡଠାରୁ ତେରପଦିଆଲକ ପର୍ଯ୍ୟନ୍ତ ହଳଦିଆନଦୀ ମା ୧ ଇଲ, ତେରପଦିଆଠାରୁ କାଳୀନଗର ପର୍ଯ୍ୟନ୍ତ ହିଜଳିଖାଲ ମା ୧୬ ମାଇଲ କାଳୀନଗରଠାରୁ ମୁରଯାଇ ପର୍ଯ୍ୟନ୍ତ ରସୁଲପୁରନଦୀ ମା ୪ ଇଲ, ବେଟଗଡ଼ାଠାରୁ ଗୋଗରାଇଲକ ପର୍ଯ୍ୟନ୍ତ ଓଡ଼ିଶା କୋଷ୍ଟକେନାଲ ମା ୩୫ ଇଲ ଗୋଗରାଇଠାରୁ ଯାମକୁଣ୍ଡାଲକ ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ମା ୩ ଇଲ, ଯାମକୁଣ୍ଡାଠାରୁ ପାଞ୍ଚପଡ଼ାଲକ ପର୍ଯ୍ୟନ୍ତ ଓଡ଼ିଶାକୋଷ୍ଟକେନାଲ ମା ୧୭ ଇଲ ପାଞ୍ଚପଡ଼ାଠାରୁ ସୁଲପଟ୍ଟାଲକ ପର୍ଯ୍ୟନ୍ତ ପାଞ୍ଚପଡ଼ାନଦୀ ମା ୦୫ ଇଲ, ସୁଲପଟ୍ଟାଠାରୁ ଜଲକୁଲାଲକ ପର୍ଯ୍ୟନ୍ତ ଓଡ଼ିଶାକୋଷ୍ଟକେନାଲ ନ ୪(ମ୍ବ)ମର ମା ୬୫ ଇଲ, ଜଲକୁଲଠାରୁ ସ୍କଟଗଞ୍ଜଲକ ପର୍ଯ୍ୟନ୍ତ ବୁଢ଼ାବଳଙ୍ଗନଦୀ ମା ୧୫ ଇଲ, ସ୍କଟଗଞ୍ଜଠାରୁ ଗୃହବାଟିଆଲକ ପର୍ଯ୍ୟନ୍ତ ଓଡ଼ିଶାକୋଷ୍ଟକେନାଲ ନ ୫ ମର ମା ୩୬ ଇଲ, ଗୃହବାଟିଆଠାରୁ ଧାମରା ପର୍ଯ୍ୟନ୍ତ ମଇଇ ନଦୀ ମା ୨୦ ଇଲ । ଗାଏ ମା ୧୬୫ ଇଲ ଏଥିରୁ ପ୍ରକାଶ ଯେ ଧାମରାଠାରୁ ହୁଗୁଳୀନଦୀ ପର୍ଯ୍ୟନ୍ତ ଡାକ ଓ ନଦୀରେ ଯିବାର ବାଟ ମା ୧୬୫ ଇଲ. ଅଟଇ କଟକଠାରୁ ମଗପର୍ଯ୍ୟନ୍ତ ନାଳ ଓ ନଦୀବାଟ ଏବଂ ଗେଓଁଖାଲି ମୁହାଣ ହୁଗୁଳୀନଦୀରୁ କଲିକତାକୁ ଯିବାର ନଦୀବାଟ ଏଥିସଙ୍ଗେ ମିଶିଲେ କଟକଠାରୁ କଲିକତାପର୍ଯ୍ୟନ୍ତ ଓଡ଼ିଶାକୋଷ୍ଟକେନାଲବାଟେ କେତେମାଇଲ ଯିବାକୁ ପଡ଼ଇ ତାହା ସ୍ଥିର ହେବ ।

---

ଏଥିପୂର୍ବେ ଅମ୍ଭେମାନେ ଏଠା ମୁସଲମାନସମ୍ପର୍କରେ ଦୁଇଖଣ୍ଡପତ୍ର ପ୍ରକାଶ କରିଥିଲୁଁ । ତହିଁରୁ ପାଠକମାନେ ଦେଖିଥିବେ ଯେ ଏନଗରରେ ଯୋଡ଼ିଏ ମୁସଲମାନସଭା ସ୍ଥାପିତ ହୋଇଅଛି ଏବଂ ଏହି ଦୁଇସଭାମଧ୍ୟରେ ସୁହୃଦଭା ନ ଥାଇ ବରଂ ତହିଁର ବିପରୀତଭାବ ପ୍ରକାଶ ପାଉଅଛି । କଟକପରି ଗୋଟିଏ କ୍ଷୁଦ୍ରନଗରରେ ବାସ କରୁଥିବା ଏକଜାତୀୟଲୋକଙ୍କର ଯୋଡ଼ିଏ ସଭା ହେବା ଏବଂ ପରସ୍ପର ମଧ୍ୟରେ ସଦ୍ଭାବ ଓ ସହାନୁଭୂତି ନ ରହିବା ବଡ଼ ଅକ୍ଷେପର ବିଷୟ ସନ୍ଦେହ ନାହିଁ ଏବଂ ଏ ଦୁଇସଭା ମଧ୍ୟରେ ମେଳ କରାଇବା ଉଚିତ ବଢାଇବା ବ୍ୟକ୍ତି ବିଶେଷ ବା ସାଧାରଣ ପତ୍ରିକାର କାର୍ଯ୍ୟ ନୁହଇ । କିନ୍ତୁ ଅମ୍ଭମାନଙ୍କର ଭୟ ହେଉଅଛି କି ପ୍ରେରିତପତ୍ରଦ୍ୱାରା ବିଚ୍ଛେଦ ବୃଦ୍ଧି ହେବାର ଅଧିକ ସମ୍ଭାବନା ଏଥିପାଇଁ ଅମ୍ଭେମାନେ ଏ ବିଷୟରେ ଆଉ ପ୍ରେରିତପତ୍ର ପ୍ରକାଶ କରିବାକୁ ନିତାନ୍ତ ଅନିଚ୍ଛୁକ ହେଲୁଁ । ଏକପକ୍ଷର ପତ୍ର ପ୍ରକାଶ କରି ଅନ୍ୟପକ୍ଷର ପତ୍ର ପ୍ରକାଶ ନ କଲେ ପକ୍ଷପାତିତା ଦୋଷ ଘଟିବ ଏବଂ ସର୍ବସାଧାରଣ ଉଭୟପକ୍ଷର କଥା ଜାଣିପାରିବେ ନାହିଁ ଏହି କାରଣରେ ଅଦ୍ୟ ଖଣ୍ଡିଏ ପ୍ରେରିତପତ୍ର ପ୍ରକାଶ କଲୁଁ କିନ୍ତୁ ଏଥିଉତ୍ତାରୁ ଆଉ କୌଣସି ପତ୍ର ଏ ବିଷୟରେ ପ୍ରକାଶ ହେବ ନାହିଁ । ପତ୍ରପ୍ରେରକମାନେ ଅବଶ୍ୟ ବୁଝିବେ ଯେ ପରସ୍ପରର ଛିଦ୍ର ବାହାର କରୁଥିଲେ କେବଳ ମନୋମାଳିନ୍ୟ ବୃଦ୍ଧି ହେବ ଭଲ କିଛି ହେବ ନାହିଁ । ଯେପରି ଦୁଇସଭା ମଧ୍ୟରେ ସଦ୍ଭାବ ସ୍ଥାପିତ ହେବ ଏବଂ ସମସ୍ତ

ସ୍କୁଲମାନଙ୍କ ପ୍ରିୟପାତ୍ର ହୋଇ ପ୍ରତ୍ୟେକ ସଭା ଆପଣା ନିର୍ଦ୍ଦିଷ୍ଟ କାର୍ଯ୍ୟ କରିପାରିବେ ତାହାଁର ଉପାୟ କରିବା ଉଚିତ । ଅମ୍ଭମାନଙ୍କ ବିବେଚନାରେ ଏକସଭାଦ୍ୱାରା ସକଳ କାର୍ଯ୍ୟ ହୋଇପାରେ ତେବେ ସଭାର ଅଟେବୀ ପ୍ରୟୋଜନ ନାହିଁ । ପୃଥକ୍ ସଭାଦ୍ୱାରା କେବଳ ପାର୍ଥକ୍ୟ ବୃଦ୍ଧି ହେବା ଭିନ୍ନ ଅନ୍ୟ କିଛି ଫଳ ହେବ ନାହିଁ । ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ଉଭୟ ସଭାର ସଭ୍ୟମାନେ ଏକଥା ଭଲରୂପେ ବିବେଚନା କରି ଯହିଁରେ ସେମାନଙ୍କ ପରିଶ୍ରମ ଓ ଯତ୍ନଦ୍ୱାରା ସ୍ୱଜାତୀୟଙ୍କ ମଙ୍ଗଳ ହେବ ତହିଁ ପ୍ରତି ଲକ୍ଷ୍ୟ ରଖି କାର୍ଯ୍ୟ କରିବେ । ପରସ୍ପର ମଧ୍ୟରେ କାମଡ଼ାକାମଡ଼ି ହେଲେ ଉଭୟ ବଳହୀନ ହୋଇ ଶେଷରେ ଆପଣାର ଅନିଷ୍ଟ କରି ତାହାର ଉପକାର କରିପାରିବେ ନାହିଁ ।

---

ଗତକିଷ୍ଟବନ୍ଦିରେ ଏଠାରେ ଖଜଣା ସୁନ୍ଦରରୂପେ ଦାଖଲ ହୋଇଅଛି ଓ କିଛି ଗଣ୍ଡଗୋଲ କିମ୍ବା ଲୋକଙ୍କର କ୍ଷତି ହୋଇ ନାହିଁ । ରେଜେଷ୍ଟ୍ରି-ମନିଅର୍ଡର ପ୍ରଥା ଏଥିର ପ୍ରଧାନ କାରଣ ଅଟଇ । ପୂର୍ବାପେକ୍ଷା ଏଥର ଅନେକ ଖଦନକାଲର ଖଜଣା ମନିଅର୍ଡରଦ୍ୱାରା ଆସିଥିଲା । ଏପ୍ରଥା ସଫଳ ହେବାରୁ ଗବର୍ଣ୍ଣମେଣ୍ଟ ଆଦେଶ କରିଅଛନ୍ତି କି କୌଣସି ପରିମାଣର ଖଜଣା, ପଥ ଓ ପ୍ରଦେଶୀୟକର ଏବଂ ଡାକଦେବାଟ ଏପ୍ରକାର ସରକାରୀ ପାଉଣାମାନ ରେଜେଷ୍ଟ୍ରି-ମନିଅର୍ଡରଦ୍ୱାରା ଦାଖଲ ହୋଇପାରିବ । ଏଥିପୂର୍ବେ ଟ ୬୦୦ ଙ୍କାର ଯେ ଉର୍ଦ୍ଧ ସୀମା ନିର୍ଦ୍ଧାରିତ ଥିଲା ତାହା ରହିତ ହେଲା ଅର୍ଥାତ କିଛି ସୀମା ରହିଲା ନାହିଁ ଯେତେ ଅଧିକ ଟଙ୍କା ହେଉ ନା କାହିଁକି ମନିଅର୍ଡରଦ୍ୱାରା ଦାଖଲ ହୋଇପାରିବ । ଏ ଆଜ୍ଞା ନିକଟରେ ବାହାରିଅଛି ବୋଧହୁଏ ସର୍ବସାଧାରଣ ଏଥିରୁ ଅବଗତ ହୋଇ ନାହାନ୍ତି । ଏ ନିୟମଟି ଅତି ଉତ୍ତମ ହୋଇଅଛି ଓ ଏହା ଅମ୍ଭେମାନେ ଏଥିପୂର୍ବେ ପ୍ରସ୍ତାବ କରିଥିଲୁଁ । ଯାହାର ଯେପରି ସୁବିଧା ହେବ ସେ ସେପରି ଖଜଣା ପଥକରଇତ୍ୟାଦି ସରକାରରେ ପଟାଇପାରିବ ।

ପୁରୁଷ ଦକ୍ଷିଣକର ଓ ସ୍ତ୍ରୀ ବାମକରରେ ଏହି ଅନନ୍ତବ୍ରତ ଧାରଣ କରିବ ପୂର୍ଣ୍ଣିମା ଓ ଅମାବାସ୍ୟାରେ ଗଙ୍ଗାଜଳ ଅଥବା ଦେବପୂଜାରେ ବ୍ୟବହାର ହୋଇପାରିବା ଶୁଦ୍ଧଜଳରେ ବୁଡ଼ାଇ ସେ ଜଳ ପିଇବ ।

| | ମୂଲ୍ୟ | |
|---|---|---|
| ଅନନ୍ତବ୍ରତ | ଗୋ ୧ ଟିକୁ | ଟ ୧ |
| ଜବର ଅବା ପଦକ | „ | ଟ ୧୷ |
| ଅଙ୍ଗୁରୀ | „ | ଟ ୫ |

ଡାକରେ ପଠାଇବାକୁ ହେଲେ ଡାକମାସୁଲ ଦେବାକୁ ହେବ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଇଂରାଜୀ, ଓଡ଼ିଆ, ବାଙ୍ଗାଳୀ ଓ ହିନ୍ଦୁସ୍ଥାନୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।

ଏଣ୍ଡ୍ରୁ ମିଲ୍ଟ ମାଲିକଙ୍କ ନିକଟ ।

---

[illegible]

Digitized by srujanika@gmail.com

Split by PDF Splitter

REGISTERED NO. 1

151

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୩ ର
ସଂ ୧୯ ସଂଖ୍ୟା

ତା ୧୬ ଜୁନ ମାହେ ସନ ୧୮୮୮ ମସିହା । ମ । ଜ୍ୟେଷ୍ଠ ବ ୧୭ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

ଏବର୍ଷ ବ, ଏଲ ପରୀକ୍ଷାରେ ସର୍ବସୁଦ୍ଧା ଜ ୨୬୪ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ମେଟ୍ରୋପଲିଟାନକଲେଜରୁ ଜ ୧୦୬ ଣ ସିଟିକଲେଜରୁ ଜ ୩୭ ଣ ଓ ରିପନକଲେଜରୁ ଜ ୪୯ ଣ କୃତକାର୍ଯ୍ୟ ହୋଇଅଛନ୍ତି । ଉପରକଲେଜର ଉକତଣ ଛାତ୍ର ପ୍ରଥମବର୍ଗର ପ୍ରଥମ ଉଚ୍ଚସ୍ଥାନ ଅଧିକାର କରିଥିବା ସ୍ୱାଧୀନ କଲେଜ ପ୍ରତି ଅତିଶୟ ଗୌରବର ବିଷୟ ଏଠା ରେଭେନସା କଲେଜର ଜଣେ ବାବୁ ଶରଚ୍ଚନ୍ଦ୍ରଦାସଚୌଧୁରୀ ପରୀକ୍ଷା ଦେବାକୁ ଯାଇଥିଲେ । ଅତିଶୟ ଦୁଃଖର ବିଷୟ ବାବୁମହୋଦୟ ଦ୍ୱିତୀୟଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

ଗତଫେବ୍ରୁଅରୀମାସରେ ସଂସ୍କୃତ ଉପାଧିଦାନନିମିତ୍ତ ଯେଉଁ ପରୀକ୍ଷା ହୋଇଥିଲା ତହିଁରେ ସାହିତ୍ୟରେ ଜ ୫୧ ଣ ସ୍ମୃତିରେ ଜ ୯ ଣ ଏବଂ ଦର୍ଶନରେ ଜ ୩ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥିମଧ୍ୟରେ ପୁରୀ ସଂସ୍କୃତସ୍କୁଲର ଜ ୩ ଣ ଛାତ୍ର ଅର୍ଥାତ୍ ରଘୁନାଥପୁର ଷଡ଼ଙ୍ଗୀ ଜଗନ୍ନାଥ ମହାପାତ୍ର ଓ ବୈଦ୍ୟନାଥ ମିଶ୍ର ସାହିତ୍ୟରେ ଉତ୍ତୀର୍ଣ୍ଣ ହୋଇ କାବ୍ୟତୀର୍ଥ ଉପାଧି ଏବଂ ପ୍ରଥମ ବ୍ୟକ୍ତି ଗୌରୀଶ୍ୟାମ ଦେବ ଓ ୨ୟ ବ୍ୟକ୍ତି ରାଜା ଶ୍ୟାମାନନ୍ଦ ଦେ ବୃତ୍ତି ପାଇଅଛନ୍ତି । ଏମାନେ ସମସ୍ତେ ପଣ୍ଡିତ ଗୋପୀନାଥ ମିଶ୍ରଙ୍କର ଛାତ୍ର ଅଟନ୍ତି । କଟକ ଏପରୀକ୍ଷାର ଗୋଟିଏ କେନ୍ଦ୍ର ହେବାରୁ ଅନ୍ୟାନ୍ୟସ୍ଥାନର ଛାତ୍ରମାନେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାର ଯାହା ଆଶା ଥିଲା ତାହା ଏବର୍ଷ କିଛି ଦେଖାଗଲା ନାହିଁ ।

---

ଗତ ଏଲେ ପରୀକ୍ଷାରେ ଓଡ଼ିଶାରୁ ନିମ୍ନଲିଖିତ ଛାତ୍ରଗଣ ଉତ୍ତୀର୍ଣ୍ଣତା ଲାଭ କରିଅଛନ୍ତି ।

୨ୟ ଶ୍ରେଣୀ ।

ବାବୁ ଫଣୀନ୍ଦ୍ରମୋହନ ଚଟ୍ଟୋପାଧ୍ୟାୟ ରେଭେନସା କଲେଜ ।
„ ଲଲମୋହନ ଦାସ „
„ କାଳନିଧିଚନ୍ଦ୍ର ଦେ „
„ ହରେକୃଷ୍ଣ ମହାନ୍ତି „
„ ବୈଦ୍ୟନାଥପ୍ରସାଦ ଶର୍ମ୍ମା „
„ ବରୁଣାଦ୍ରିନାଥ ସିଂହ „

୩ୟ ଶ୍ରେଣୀ ।

„ ବଙ୍କିମଚନ୍ଦ୍ର ଚକ୍ରବର୍ତ୍ତୀ „
„ ଜୟନାରାୟଣ ଚୌଧୁରୀ „
„ ଚକ୍ରଧର ଦାସ „
„ ପଦ୍ମଚନ୍ଦ୍ର ମହାନ୍ତି ନିଜର

କଲିକତା ବିଶ୍ୱବିଦ୍ୟାଳୟରୁ ସର୍ବସୁଦ୍ଧା ଜ ୫୮୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ତନ୍ମଧ୍ୟରୁ ପ୍ରଥମଶ୍ରେଣୀରେ ଜ ୪୧ ଣ ୨ୟ ଶ୍ରେଣୀରେ ଜ ୧୮୦ ଣ ଓ ୩ୟ ଶ୍ରେଣୀରେ ଜ ୩୬୧ ଣ ଛାତ୍ର ଅଛନ୍ତି ।

---

ବାଲେଶ୍ୱର ସୋରୋ ଥାନାନ୍ତର୍ଗତ ରଣବଂଶପୁର ଗ୍ରାମରେ ଗୋଟିଏ ନୂତନପ୍ରକାରର ମୋକଦ୍ଦମା ହୋଇଅଛି । ଏକଜଣ ଲୋକର ଅନ୍ୟ ଲୋକ ଉପରେ କିଛି ପାଉଣା ଥିବାରୁ ତାହା ଉସୁଲ କରିବା ସକାଶେ ଥାନ୍ ଏକଗ୍ରାମର ଜଣେ କଣ୍ଡୁକୁ ଅଦାଲତର ପିଆଦା ସଜାଇ କଥିତ ଦେଣଦାରର କଂସାବାସନ ଗୋରୁ ଇତ୍ୟାଦି କ୍ରୋକ କଲା । ଦେଣଦାର ସେସମୟରେ ଘରେ ନ ଥିଲା । ଅଦାଲତରୁ ପିଆଦା ଆସି ମାଲ କ୍ରୋକ କରିବା କଥା ଗ୍ରାମରେ ଚହଲ ପଡ଼ିଯିବାରୁ ଗ୍ରାମବାସୀ ଅନେକ ଲୋକ ଉପସ୍ଥିତ ହୋଇ ସନ୍ଦେହବଶତଃ ପିଆଦାକୁ ପରୁଆନା ଦେଖାଇବାକୁ କହିଲେ ଓ ସେ ତାହା ନ ଦେଖାଇବାରୁ ଜବରଦସ୍ତି ତାହାଠାରୁ ଛଡ଼ାଇ ନେଇ ଦେଖିଲେ ଯେ ତାହା ପାଠଶାଳା–ହାଜରିବହିରୁ ଖଣ୍ଡିଏ କାଗଜ ଅଟଇ । ତହୁଁ ଗ୍ରାମବାସିମାନେ ପିଆଦା ମୁଦ୍ଦେଇ–ପ୍ରଭୃତିଙ୍କି ଥାନାରେ ଦେଇଗଲେ । ଥାନାର ହେଡ଼କନେଷ୍ଟବଲ ବାବୁ ପୁରୁଷୋତ୍ତମ ଦାସ ସେମାନଙ୍କୁ ଚାଲାଣ ଦେଇଅଛନ୍ତି ଓ ମୋକଦ୍ଦମା ବିଚାରାଧୀନରେ ଅଛି ।

---

ଗତ ମଙ୍ଗଳବାର ଏନଗରବାସି ସମସ୍ତ ମୁସଲମାନମାନଙ୍କର ବାବୁ ମଧୁସୂଦନଦାସ-ଉକିଲଙ୍କ ଘରଠାରେ ଭୋଜ ହୋଇଥିଲା । ମଧୁବାବୁ ଆପଣା ଭାଇର ବିବାହ ଉପଲକ୍ଷରେ ଯେସମସ୍ତ ଭୋଜି ଦେଇଅଛନ୍ତି ତହିଁମଧ୍ୟରୁ ଏ ଗୋଟିଏ ଅଟଇ । ସନ୍ଧ୍ୟା ପ ୭ ଘଣ୍ଟାରୁ ୨ପ୍ରହର ପର୍ଯ୍ୟନ୍ତ ସାନ ବଡ଼ ପ୍ରାୟ ପାଞ୍ଚହଜାର ମୁସଲମାନ ଭୋଜନ କଲେ ଏବଂ ଏମନ୍ତ

Digitized by srujanika@gmail.com

Split by PDF Splitter



ସୁନ୍ଦରରୂପେ ଏଥିର ଲୋକଙ୍କର ଚର୍ଚ୍ଚା ହେଲ ଯେ କେହି ଅସନ୍ତୁଷ୍ଟ ହେବାର ଜାଣିନ ଆଉ ସମସ୍ତେ ଆନନ୍ଦିତ ହୋଇ ଭୋଜର ପ୍ରଶଂସା କରି ଫେରିଯାଉଥିବାର ଦେଖାଗଲା । କାବୁଲ, ପଶ୍ମା, ଦକ୍ଷିଣୀ, ଜାଖୋଦା ଓ ଏପ୍ରଦେଶର ଧନାଢ୍ୟ ଓ ଗରିବ ଏତେଅଧିକ ମୁସଲମାନ ଏକତ୍ରେ ଭୋଜନ କରିବାର ବହୁଦିନ ହେଲା କୌଣସି ମୁସଲମାନର ଘରେ ସ୍ୱଭା ଦେଖା ନ ଥିଲା ଓ ସେମାନଙ୍କ ଭ୍ରାତୃତ୍ୱ କେମନ୍ତ ପ୍ରଶସ୍ତ ତାହା ଆମ୍ଭେମାନେ ପ୍ରତ୍ୟକ୍ଷ କରି ନ ଥିଲୁଁ । ମଧୁବାବୁଙ୍କ ଯୋଗେ ଏହି ପ୍ରୀତିକର ଦୃଶ୍ୟଟି ଦେଖିଲୁଁ । ବର୍ତ୍ତମାନ ଏନଗରର ଘରେ୨ ତାହାଙ୍କର ଯଶ ଘୋଷିତ ହେଉଅଛି । ବୋଲିବା ବାହୁଲ୍ୟ ଯେ ଅନେକ ମୁସଲମାନଯାତ-କହ୍ମାଗ ପଲଉ ଇତ୍ୟାଦି ମୁସଲମାନଭଦ୍ରଲୋକଙ୍କ ଯୋଗ୍ୟ ସାମଗ୍ରୀମାନ ପ୍ରସ୍ତୁତ ହୋଇ ଯଥୋଚିତ ସମାଦରପୂର୍ବକ ସମାଗତଙ୍କରେ ସମସ୍ତଙ୍କୁ ଅର୍ପିତ ହୋଇଥିଲା । ଅତଏବ ଏକାର୍ଯ୍ୟଟି କେମନ୍ତ ଶ୍ରମ ଓ ବ୍ୟୟଶୀଳ ତାହା ପାଠକମାନେ ଅନୁଭବ କରିବେ ।

---

୵ ବାଲେଶ୍ୱର ନୂତନ ମିଉନିସିପାଲ୍ କମିଶନର୍-ମାନେ କାର୍ଯ୍ୟଭାର ଗ୍ରହଣ କରୁଅଛନ୍ତି । ଗତମାସ ତା୨୭ରିଖରେ ସେମାନଙ୍କର ପ୍ରଥମଅଧିବେଶନ ହୋଇଥିଲା ଏବଂ ତହିଁରେ ଶ୍ରୀଯୁକ୍ତ କୋଷ୍ଟବ ସାହେବଙ୍କୁ ଚେଆରମାନ ଏବଂ କୁମାର ବୈକୁଣ୍ଠନାଥ ଦେବଙ୍କୁ ଭାଇସଚେଆରମାନ ନିର୍ବାଚନ କଲେ ଏସମ୍ବନ୍ଧରେ ଆମ୍ଭମାନଙ୍କ ସହଯୋଗୀ ଓଡ଼ିଆ ଲେଖିଅଛନ୍ତି ଯେ ଦୀପିକା କୁମାର ବୈକୁଣ୍ଠନାଥ ଦେବଙ୍କୁ ଭାଇସଚେଆରମାନପଦ ଦେବେ ନାହିଁ ବୋଲି ଇଚ୍ଛା କରିଥିଲେ ମାତ୍ର ପଡ଼ିକାଷ୍ଟ କହୁ ବଳମରେ ପଡ଼ୁଥିବାରୁ 'ଏଡ଼େ ସଥିଷ୍ଠା ପତ୍ରରେ ମରିଗଲ' । ବାଲେଶ୍ୱରରେ ଦୀପିକାର ଏଡ଼େପ୍ରତିପତ୍ତି ବୋଲି ଆମ୍ଭେମାନେ ଜାଣି ନ ଥିଲୁଁ । ଅତଏବ ଏ ଶୁଭସମ୍ବାଦ ସନାଦେଶ ସହଯୋଗୀଙ୍କୁ ଧନ୍ୟବାଦ ଦେଉଅଛୁଁ ଏବଂ ଯେଉଁକାରଣରୁ ଆମ୍ଭେମାନେ କୁମାରଙ୍କୁ ଭାଇସଚେଆରମାନର ଅଯୋଗ୍ୟ ବୋଲି କହୁଥିଲୁଁ ତହିଁର ପ୍ରତିବାଦ କିଛୁ ନ କରି ସେପରି କଥା କହିବାରୁ ଅତିଶୟ ସନ୍ତୁଷ୍ଟ ହେଲୁଁ । ବାସ୍ତବରେ ଯେବେ କୁମାର ଆପଣା ସମୟର ଅପବ୍ୟବହାର କରୁଅଛନ୍ତି ତେବେ ସେ ଉକ୍ତପଦର ଯୋଗ୍ୟ ନୁହନ୍ତି ବୋଲି ବାଲେଶ୍ୱରବାସିମାନେ ତାହା ଜାଣିଶୁଣି ସୁଦ୍ଧା ଯେବେ ତାହାଙ୍କୁ ଉକ୍ତ ପଦ ପାଇଁ ମନୋନୀତ କଲେ ତେବେ ଅବଶ୍ୟ ବୋଲିବାକୁ ହେବ ଯେ ସେମାନେ ଉକ୍ତ ପଦର ଗୁରୁତ୍ୱ ସମ୍ୟକ୍‌ରୂପେ ଅନୁଭବ କରିବାକୁ ଅଦ୍ୟାପି ଯୋଗ୍ୟ ହୋଇ ନାହାନ୍ତି ଅଥବା ସେମାନଙ୍କ ଜାଣିବାରେ ସେଠାରେ ଅନ୍ୟ କେହି ଲୋକ ନାହିଁ ଯେ କି କୁମାରଙ୍କ ଅପେକ୍ଷା ଅଧିକ ଯୋଗ୍ୟତାରେ ଅଥବା ଆପଣାସମୟର ଅଳ୍ପ ଅପବ୍ୟବହାରପୂର୍ବକ ଉକ୍ତ କାର୍ଯ୍ୟ ନିର୍ବାହ କରିବ । କୁମାର ନିର୍ବାଚିତ ହେଲେ ବୋଲି ତାହାଙ୍କର ଯେଉଁ କାର୍ଯ୍ୟକୁ ଲକ୍ଷ କରି ଆମ୍ଭେମାନେ ଆପଣା ମତ ପ୍ରକାଶ କରିଥିଲୁଁ ତାହା ସେ ବ୍ୟର୍ଥ ହେଲ ଏପରି କଥାର କହିବା ସଙ୍ଗତ ନୁହଇ ତେବେ କୁମାରଙ୍କ ଟେକ ଧରିବା ଯାହାଙ୍କର ବ୍ରତ ସେମାନେ ଏଥିବରେ ଆପଣାକୁ ପ୍ରବୋଧ ଦେଉନ୍ତୁ ତହିଁରେ କାହାରି ଆପତ୍ତି ନାହିଁ ।

---

ସବଡିଭିଜନ ହାକିମମାନେ ବର୍ଷମଧ୍ୟରେ ଅନ୍ୟୁନ ୫ ଶୀତମାସ ମୋଫସଲ ଭ୍ରମଣ କରିବେ ବୋଲି ନିୟମ ଥିଲା । କଲେକ୍ଟରମାନଙ୍କ ପକ୍ଷରେ ତିନମାସ ଯଥେଷ୍ଟ ଥିବା ଏବଂ ସବ୍‌ଡିଭିଜନ ହାକିମମାନେ ଶୀତମାସ ମୋଫସଲରେ ରହିବାରୁ ଫଉଜଦାରୀ ଏବଂ ଅନ୍ୟାନ୍ୟ ମୋକଦ୍ଦମାର ବିଚାରରେ ବ୍ୟାଘାତ ହେବାର ଦେଖି ବର୍ତ୍ତମାନର କମିଶନର ଏବଂ କଲେକ୍ଟରମାନେ ଆପତ୍ତି କରିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଅନ୍ୟାନ୍ୟ କମିଶନର ଏବଂ ଛୋଟଲାଟଙ୍କ ମତ ଗ୍ରହଣ ପୂର୍ବକ ନିୟମ କରିଅଛନ୍ତି କି ସବ୍‌ଡିଭିଜନ ହାକିମଙ୍କର ମୋଫସଲଗସ୍ତ ବର୍ଷରେ ଦିନ ୯୦ ରୁ ଊଣା ହେବ ନାହିଁ । ଆବଶ୍ୟକ ହେଲେ ଯେପରି କେହି୨ କଲେକ୍ଟର କରୁଅଛନ୍ତି । ସେପରି କେହି ସବ୍‌ଡିଭିଜନ ହାକିମ ତିନମାସରୁ ଅଧିକ ଗସ୍ତ କରିପାରିବେ ଏବଂ ଯେବେ୨ ସବ୍‌ଡିଭିଜନର ହାକିମଙ୍କ ପକ୍ଷରେ ଏଥିରୁ ଅଳ୍ପଦିନ ମୋଫସଲରେ ରହିବାର ଯଥେଷ୍ଟ ହେଲେ କମିଶନର ସାହେବ ଗବର୍ଣ୍ଣମେଣ୍ଟକୁ ତହିଁର ରିପୋର୍ଟ କରିବେ । ସବ୍‌ଡିଭିଜନ ହାକିମମାନଙ୍କ ଗସ୍ତବିରୁଦ୍ଧରେ ଏହିପରି ଆପତ୍ତି ହୋଇଅଛି କି ସେମାନେ ଏପରି ବନ୍ଦୋବସ୍ତରେ କାର୍ଯ୍ୟ କରନ୍ତି ଯେ ଅନେକ ମନ୍ତ୍ରୀ ଓ ଅମଲା ସେମାନଙ୍କ ସଙ୍ଗରେ ଯିବାର ଆବଶ୍ୟକ ହୁଅଇ । ଏଥିରୁ ଗବର୍ଣ୍ଣମେଣ୍ଟ ସ୍ପଷ୍ଟରୂପେ ବୁଝାଇ ଦେଇ ଅଛନ୍ତି କି ସବ୍‌ଡିଭିଜନ ହାକିମମାନେ ଯେତେଦୂର ସମ୍ଭବ ଆପଣାର ନିଯୁକ୍ତି ମୋକଦ୍ଦମାର କାର୍ଯ୍ୟ ସଦରମୋକାମରେ କରିବେ ଏବଂ ଏପରିଭାବରେ ଗସ୍ତର ବନ୍ଦୋବସ୍ତ କରିବେ ଯେମନ୍ତ ସଦରମୋକାମର କାର୍ଯ୍ୟର ବ୍ୟାଘାତ ବା ସର୍ବସାଧାରଣଙ୍କର କୌଣସି କଷ୍ଟ ହେବ ନାହିଁ । ଆପଣା ଏଲାକାର ଅବସ୍ଥା ବୁଝିବା ଏବଂ ଆବଶ୍ୟକୀୟ ତଦାରଖ କରିବା ଗସ୍ତର ଉଦ୍ଦେଶ୍ୟ ଅଟଇ । ପ୍ରତିବର୍ଷର ଉଭୟଋତୁରେ ଏମନ୍ତ ସାବଧାନ ହୋଇ ଗସ୍ତ କରିବାକୁ ହେବ ଯେମନ୍ତ ମୋଫସଲ ଦେଖା ଶୁଣାର ବ୍ୟାଘାତ ହେବ ନାହିଁ ଅଥଚ ସଦରମୋକାମରୁ କୌଣସି ଏକ ସମୟରେ ଦୀର୍ଘକାଳ ଅନୁପସ୍ଥିତ ହେବେ ନାହିଁ । ଗବର୍ଣ୍ଣମେଣ୍ଟଙ୍କର ଆଦେଶଗୁଡ଼ିକ ଉତ୍ତମ ଅଟଇ କେବଳ ପ୍ରତିପାଳିତ ହେଲେ ଫଳ ହେବ । ନୋହିଲେ ସରକାରୀ-କାର୍ଯ୍ୟ ବାହାନା ଓ ସରକାରଖର୍ଚ୍ଚରେ ଶିକାର ଭୋଜ ଇତ୍ୟାଦି ଆମୋଦପ୍ରମୋଦ ନିମିତ୍ତ ଭ୍ରମଣ କରି ସାମଲତକାରଙ୍କୁ ପାଞ୍ଚଘାଟର ପାଣି ପିଆଇବାର ଏବଂ ଜମିଦାର ପ୍ରଭୃତିଙ୍କୁ ରସଦ ଯୋଗାଇବାରେ ବ୍ୟତିବ୍ୟସ୍ତ କଲେ ଅନିଷ୍ଟ ବିନା କିଛି ଫଳ ନାହିଁ ।

---

## କଟକ ଏକାଡେମୀ ।

ଗତ ସପ୍ତାହ ଶୁକ୍ରବାର ଏ ସ୍କୁଲର ବାର୍ଷିକ-ପୁରସ୍କାର ବିତରଣ ସଭାର ସଂକ୍ଷେପ ବିବରଣ ପାଠକମାନଙ୍କୁ ଜଣାଉଅଛୁଁ । ଶ୍ରୀଯୁକ୍ତ କମିଶନର-ସାହେବ ଯେଉଁ ବକ୍ତୃତା କରିଥିଲେ ତାହା ଅତି ସଂକ୍ଷେପ ହୋଇଥିଲେ ସୁଦ୍ଧା ତହିଁରେ ଭୂରି ଏବଂ ସାରକଥା ଥିଲା ବୋଲି ପାଠକମାନଙ୍କୁ ଜଣାଇବାର ଆବଶ୍ୟକ ହେଉଅଛି । ଏକାଡେମୀର କାର୍ଯ୍ୟ ଓ ପରୀକ୍ଷାର ଫଳ-ପ୍ରତି ସନ୍ତୋଷ ପ୍ରକାଶ କରି ଛାତ୍ରଙ୍କର ନୀତିଶିକ୍ଷା-ବିଷୟରେ କହିଲେ କି ଏ ବିଦ୍ୟାଳୟରେ ନୀତିଶିକ୍ଷା ନିମିତ୍ତ ଛାତ୍ର ଓ ଶିକ୍ଷକମାନେ ପ୍ରତି ସପ୍ତାହରେ ଏକଥର ବୈଠକ କରିବାର ଯାହା ଦୀପିକାରୁ ପ୍ରକାଶ ପାଇଲା ତାହା ପ୍ରଶଂସାର ବିଷୟ ଅଟଇ । ଶିକ୍ଷକଙ୍କ ସହିତ ଛାତ୍ରମାନଙ୍କର ନୀତିଚର୍ଚ୍ଚାଦ୍ୱାରା ଅବଶ୍ୟ ଭଲ ହେବ କେବଳ ଏଥିକି ସାବଧାନ ହେବାର ଉଚିତ ଯେମନ୍ତ ଓ ଛାତ୍ରମାନେ ସ୍ୱଜାତି ବିଷୟରେ ପ୍ରବୃତ୍ତ ନ ହେବେ । ଶିକ୍ଷକ ଛାତ୍ରମାନଙ୍କର କାର୍ଯ୍ୟ

Digitized by srujanika@gmail.com

ନୁହେ ତାହା ଅଳ୍ପ ଏବଂ ସେମାନଙ୍କଠାରୁ ବୟୋବୃଦ୍ଧ ଲୋକଙ୍କର କାର୍ଯ୍ୟ । ବଙ୍ଗଳାର କେତେକ ସ୍କୁଲଗତ ସମୟରେ ରାଜନୈତିକ ଆନ୍ଦୋଳନରେ ଜଡ଼ିତ ହେବାର ଦେଖି ଅନୁମାନ ହୁଏ ଓଡ଼ିଶାସ୍ଥଙ୍କୁ ସାବଧାନ କରାଇବା ସାହେବ ପ୍ରଶଂସିତ ଉକ୍ତ କଥା କହୁଅଛନ୍ତି ନୋହିଲେ ଓଡ଼ିଶା ସ୍କୁଲଛାତ୍ରଙ୍କ ମଧ୍ୟରେ ଉକ୍ତ ଆନ୍ଦୋଳନ ପ୍ରବେଶ କରିବାର ଅବଧି ଦେଖା ଯାଇ ନାହିଁ ଏବଂ ଭରସା ହୁଏଇ ବର୍ତ୍ତମାନ ଉପଦେଶ ଦ୍ୱାରା ସେମାନେ ଆହୁରି ସତର୍କ ହେବେ । ସ୍କୁଲଟି ବର୍ତ୍ତମାନ ଭଡ଼ାଘରେ ହେଉଥିବା ଏବଂ ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ଘର ନିର୍ମାଣ କାରଣ ବହୁଦିନରୁ ଚେଷ୍ଟା ହେଉଥିବା ପ୍ରତ୍ୟକ୍ଷେ, ଅଦ୍ୟାପି ତାହା ହୋଇ ନ ଥିବା ସମ୍ବନ୍ଧରେ ସାହେବ କହିଲେ କି ଏ ଗୃହ ନିର୍ମାଣାର୍ଥେ ପ୍ରାୟ ଟ ୫୦୦୦ ଙ୍କା ଚାନ୍ଦାଦ୍ୱାରା ଅଦାୟ ହୋଇଅଛି ଗବର୍ଣ୍ଣମେଣ୍ଟରୁ ନିୟମିତ ସାହାଯ୍ୟ ପାଇବ ଓ ପ୍ରାୟ ଦୁଇହଜାର ଟଙ୍କା ଚାନ୍ଦାଦ୍ୱାରା ଉଠିବାର ପ୍ରୟୋଜନ । ସ୍କୁଲକମିଟି ଏଥିପାଇଁ ସର୍ବସାଧାରଣଙ୍କୁ ପ୍ରାର୍ଥନା କରୁଅଛନ୍ତି ଓ ସେ ପ୍ରାର୍ଥନା ସଫଳ ହେବା ଉଚିତ । ଏଠା ଲୋକମାନେ ଚାନ୍ଦା ଦେବାକୁ ପଶ୍ଚାତପଦ ନୁହନ୍ତି । ଅଳ୍ପକାଳ ପୂର୍ବର ଲୋକମାନେ ସମୁଚିତ ବଦାନ୍ୟତାପୂର୍ବକ ଅର୍ଥଦାନ କରି ରେଭେନସା କଲେଜ ଓ ମେଡ଼ିକାଲସ୍କୁଲପ୍ରଭୃତି ସ୍ଥାପନ କରିଅଛନ୍ତି । ବର୍ତ୍ତମାନର ଲୋକମାନେ ଯେବେ ଏକାଡେମୀର ସ୍କୁଲଗୃହର ଅଭାବ ମୋଚନ କରିବାକୁ ଅଗ୍ରସର ନ ହେବେ ତେବେ ଲଜ୍ଜା ଓ କ୍ଷୋଭର ବିଷୟ ହେବ । ଆମ୍ଭମାନଙ୍କ ବିବେଚନାରେ ଏ ବିଦ୍ୟାଳୟର ଗୃହନିର୍ମାଣ ନିମିତ୍ତ ସର୍ବସାଧାରଣଙ୍କୁ ଯେତେଦୂର ଅନୁରୋଧ କରିପାରନ୍ତି ତାହା କରିଅଛନ୍ତି ଏବଂ ଆଶା କରୁଁ କି ଏହି ତାହାଙ୍କର ପ୍ରଥମ ଅନୁରୋଧଟା ବ୍ୟର୍ଥ ହେବ ନାହିଁ । ବାସ୍ତବରେ ଜଣେ ସାମାନ୍ୟଅବସ୍ଥାର ଲୋକ ଯେଉଁ ସ୍କୁଲଟିକୁ ସ୍ଥାପନ କରି ଯାଇଅଛନ୍ତି ଏବଂ ଯଦ୍ଦ୍ୱାରା ଅନେକ ଉପକାର ହେଉଅଛି ଯେବେ ଗୋଟିଏ ଉପଯୁକ୍ତ ଘର ଅଭାବରୁ ତାହା ସୁଚାରୁରୂପେ ଚାଲି ନ ପାରିବ ତେବେ ନିନ୍ଦାର ବିଷୟ ବୋଲା ଅଛି କି ବୋଲାଯିବ । ଦୁଇ ତିନିହଜାର ଟଙ୍କା ଚାନ୍ଦାଦ୍ୱାରା ଉଠିବା ଏ କଥା କାହିଁକି ଏ ନଗରପକ୍ଷରେ ବଡ଼କଥା ନୁହଇ । ଇଚ୍ଛା କଲେ ଏକା ଲୋକ ତାହା କରିପାରନ୍ତି କେବଳ ଏ ବିଦ୍ୟାଳୟ ପ୍ରତି ସର୍ବସାଧାରଣଙ୍କର କୃପାଦୃଷ୍ଟି ପଡ଼ିବା ଆବଶ୍ୟକ ।

ପରଶେଷରେ କମିଶ୍ନରସାହେବ କହିଲେ କି ଓଡ଼ିଶା ଓଡ଼ିଆଙ୍କ ସକାଶେ ଅର୍ଥାତ ଓଡ଼ିଶାର ସକଳ ସରକାରୀକାର୍ଯ୍ୟ କେବଳ ଓଡ଼ିଆମାନେ ପାଇବେ ବୋଲି ସମ୍ପ୍ରତି ଯେଉଁ କଥା ଉଠିଅଛି ତାହା ଅତ୍ୟନ୍ତ ଅନ୍ୟାୟ ଓ ଅନିଷ୍ଟଜନକ ଅଟଇ । ଓଡ଼ିଶା ଓଡ଼ିଆଙ୍କ ସକାଶେ ଏ କଥାର ଅର୍ଥ କଲେ ଫଳ ଏହି ହେବ ଯେ ବଙ୍ଗଳା ବଙ୍ଗାଳିଙ୍କ ସକାଶେ ଏବଂ ବିହାର ବିହାରିଙ୍କ ସକାଶେ ଅର୍ଥାତ ଯେଉଁ ସ୍ଥାନର ଲୋକ ସେହିଠାରେ କାର୍ଯ୍ୟ ପାଇବେ ଯେତେ ଯୋଗ୍ୟ ହେଲେ ସୁଦ୍ଧା ଅନ୍ୟସ୍ଥାନକୁ ଯାଇ ପାରିବେ ନାହିଁ । ସରକାରୀ ଚାକରୀକି ଏମନ୍ତ ସଙ୍କୀର୍ଣ୍ଣ ସୀମାମଧ୍ୟରେ ଆବଦ୍ଧ କରିବା ଯୁକ୍ତିସଙ୍ଗତ କି ହିତକର ହୋଇ ନ ପାରେ ବରଂ ସାକ୍ଷାତ ଅନିଷ୍ଟକର ଅଟଇ । ପ୍ରତିଯୋଗିତା-ପ୍ରଣାଳୀ ଅନୁସାରେ ସରକାରୀକାର୍ଯ୍ୟ ଲାଭ କରିବା ଉଚିତମାତ୍ର ହେଉଅଛି ଏବଂ ଯେସ୍ଥଳେ ଓଡ଼ିଶାରେ ଉଚ୍ଚଶିକ୍ଷା ଲାଭ କରିବାର ସମ୍ପୂର୍ଣ୍ଣ ସୁଯୋଗ ରହିଅଛି ସେସ୍ଥଳେ ଏଠା ଲୋକେ ପ୍ରତିଯୋଗିତାକୁ ଡରିବେ ବା ତହିଁରେ ଉତ୍ତୀର୍ଣ୍ଣ ନ ହେବେ ଏପ୍ରକାର ବୋଲାଯାଇ ନ ପାରେ । ଅତଏବ ଏଠା ବିଦ୍ୟାଳୟର ଛାତ୍ର ଓ ଅପରଶିକ୍ଷିତ ଲୋକଙ୍କର ଶିକ୍ଷାଲାଭ ପ୍ରତି ଏମନ୍ତ ମନୋଯୋଗୀ ହେବାର ଉଚିତ ଯେମନ୍ତ କି ପ୍ରତିଯୋଗିତାରେ ଅନ୍ୟ ପ୍ରଦେଶୀୟଲୋକଙ୍କୁ ଜିଣିପାରିବେ କେବଳ ସ୍ଥାନ ବିଶେଷରେ ରହିଅଛନ୍ତି ବୋଲି ସେଠାର ସବୁ ଚାକରୀ ପାଇବାକୁ ଆଶା କଲେ ଚଳିବ ନାହିଁ । ସାହେବ ପ୍ରଶଂସିତ ଓଡ଼ିଆଙ୍କ ସକାଶେ ଓଡ଼ିଶା କଥାଟା କେଉଁଠାରୁ ପାଇଲେ ଏବଂ ସ୍କୁଲର ପୁରସ୍କାରବିତରଣସଭାରେ କାହିଁକି ତହିଁର ବିଚାର କଲେ ଏ ବିଷୟରେ ଏଠାରେ ଅନେକ ତର୍କ ଲାଗିଅଛି ଏବଂ କେତେକଲୋକ ତାହାଙ୍କ ମତକୁ ଅନୁମୋଦନ ଓ କେତେକଲୋକ ତହିଁର ଉପହାସ କରୁଅଛନ୍ତି । ଆମ୍ଭେମାନେ ଅନୁମାନ କରୁଁ କି ବାବୁ ସେମସାକୁଙ୍କ ବକ୍ତୃତା ଉପଲକ୍ଷରେ ଇଂଲିସମାନ କାଗଜରେ ଯେଉଁ ତାରସମ୍ବାଦ ବାହାରିଥିଲା ଓ ତହିଁରେ ଉକ୍ତ ପତ୍ରିକାର ସମ୍ପାଦକ ଯେଉଁ ଦୁମାଥୁକ ଶିରୋନାମା ଯୋଗ କରିଥିଲେ ତହିଁରେ ଅନିଷ୍ଟ ଜାତ ହେବାର ଆଶଙ୍କା କରି ସାହେବମହୋଦୟ ତନ୍ନିବାରଣାର୍ଥେ ଆପଣା-ମନ୍ତବ୍ୟ ବ୍ୟକ୍ତ କରିଅଛନ୍ତି । ବାସ୍ତବରେ ଉକ୍ତ ସମ୍ବାଦ ବାହାରିବା-ଦିନଠାରୁ ଏଠା ଓଡ଼ିଆ ଓ ବଙ୍ଗାଳୀଙ୍କ ମଧ୍ୟରେ କିଛି ମନାନ୍ତର ଘଟିବାର ଦେଖି ଆମ୍ଭେମାନେ ବଡ଼ ଦୁଃଖିତ ହୋଇଥିଲୁଁ ଓ କାଳେ ଏ ବିଷୟରେ କିଛି କହିଲେ ମନାନ୍ତର ବୃଦ୍ଧି ହେବ ଏହି ଭୟରେ ନିରବ ଥିଲୁଁ । ଉପସ୍ଥିତ ତାରସମ୍ବାଦ ଉପଲକ୍ଷରେ କମିଶ୍ନର ସାହେବଙ୍କ ମନ୍ତବ୍ୟ ପଠିତ ହୋଇଥିବାରୁ ତାହା ସକଳ-ଅଂଶରେ ଯଥାର୍ଥ ନ ହେଲେ ସୁଦ୍ଧା ଆମ୍ଭମାନଙ୍କ ବିବେଚନାରେ ତାହା ଉଚିତସମୟରେ ପ୍ରକାଶିତ ହୋଇଅଛି ଏବଂ ତଦ୍ଦ୍ୱାରା ଓଡ଼ିଆ ବଙ୍ଗାଳୀଙ୍କ ମଧ୍ୟରେ ଘଟିଥିବା ସାମାନ୍ୟ ମନାନ୍ତର ବୃଦ୍ଧି ନ ପାଇ ବରଂ ଅଦୃଶ୍ୟ ହେଉଅଛି ବଡ଼ ସୁଖର ବିଷୟ ଅଟଇ । ବାସ୍ତବରେ ଏକପକ୍ଷରେ ଗବର୍ଣ୍ଣମେଣ୍ଟ ଓଡ଼ିଆଙ୍କ ଦୁରବସ୍ଥା-ଦୃଷ୍ଟିରେ ଅନୁଗ୍ରହପୂର୍ବକ ଡେପୁଟୀଆଦି କାର୍ଯ୍ୟ ଦାନ କରୁଥିବା ଏବଂ ଅନ୍ୟପକ୍ଷରେ ସିଭିଲସର୍ଭିସ କମିଶ୍ନରମାନଙ୍କ ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଥିବା ଅବସ୍ଥାରେ ଉକ୍ତବିଷୟରେ କୌଣସି ସାଧାରଣ ଆନ୍ଦୋଳନ କରିବାର ପ୍ରୟୋଜନ ବା ସମୟ ଉପସ୍ଥିତ ହୋଇ ନାହିଁ । ସ୍ଥଳବିଶେଷରେ ଘଟୁଥିବା ଅନ୍ୟାୟକାର୍ଯ୍ୟର ପ୍ରତୀକାର ଲୋଡ଼ିବାର ପୃଥକ୍ ଉପାୟ ଅଛି ଓ ତାହା ଅବଲମ୍ବନ କରିବାକୁ ମନା ନାହିଁ ।

## ସାପ୍ତାହିକ ସଂବାଦ ।

ଗତ ବୁଧବାର ସନ୍ଧ୍ୟା ସମୟରେ ଏଠା ମହମ୍ମଦ ନଗରରେ ଅଗ୍ନି ଲାଗି ପ୍ରାୟ ୧୦।୧୨ ଖଣ୍ଡ ଘର ପୋଡ଼ିଗଲା ସମ୍ମୁଖରେ ଗୋଟିଏ କୋଠା ପଡ଼ିବାରୁ ଅଧିକ ବିସ୍ତାର ହୋଇ ପାରିଲା ନାହିଁ ଏବଂ ବାବୁମାନେ ନିଆଁ ଲିଭାଇବାରେ ବଡ଼ ସାହସ ଦେଖାଇଥିଲେ ।

ଏ ସପ୍ତାହରେ ମଧ୍ୟ ଏ ନଗରରେ ବୃଷ୍ଟି ହୋଇ ନାହିଁ କେବଳ ମେଘ ଉଠାଇଥିଲା । ଗ୍ରୀଷ୍ମ ଓ ପବନର ଅବସ୍ଥା ପୂର୍ବ ପ୍ରାୟ ରହିଅଛି ।

ଆମ୍ଭମାନଙ୍କର କମିଶ୍ନରସାହେବ ଅଦ୍ୟ ଖୋର୍ଦ୍ଧା ବାଟେ ପୁଷ୍ପବସ୍ତ ନିମିତ୍ତ ଯାତ୍ରା କରିବାକୁ ସ୍ଥିର ହୋଇଅଛି ।

ଏଠାର ନୂତନ ସବ୍ ଜଜ ଗତ କାଲି ପହୁଞ୍ଚି ଅଛନ୍ତି, ଆଜ ଚାର୍ଜ ନେବାର କଥା ।

ଏଠା କମିସ୍ନରର ଅଫିସର ବାବୁ ପୂର୍ଣ୍ଣଚନ୍ଦ୍ର ଘୋଷ ପୀଡ଼ିତ ହୋଇ ଏକବର୍ଷର ଛୁଟୀ ପ୍ରାର୍ଥନା କରି ଅଛନ୍ତି ଏବଂ ବାବୁ କାଳୀପଦ ବାନାର୍ଜୀ ତାହାଙ୍କ ପଦରେ ଆସିବେ ବୋଲି କଥିତ ହେଉଅଛି ।

ସମ୍ବଲପୁରର ଡେପୁଟୀ କମିସ୍ନର ଶ୍ରୀ ଗୁଡ଼ ରିଜ ସାହେବ ବଙ୍ଗଳ ଯିବାର ଛୁଟୀ ନେବାରୁ ଉକ୍ତ ଜିଲାର ବନ୍ଦୋବସ୍ତ

Split by PDF Splitter

Digitized by srujanika@gmail.com

Split by PDF Splitter



ବାବୁ ଜଗେନ୍ଦ୍ରନାଥ ବସୁ ଉତ୍ତମରୂପେ ବାବାଲସଙ୍କ ସୃଚରଣେ ଶ୍ରେଣୀ ଦେଇ ସଦ୍‌ବଚ୍ଛାଇ ସାହାଯ୍ୟ ନିମନ୍ତେ ଜମିଦାର ତରଫ ମେନେଜରଙ୍କ ନିକଟକୁ ରପୋର୍ଟ ପଠାଇଅଛନ୍ତି । ଏଥିରେ ଲୋକଙ୍କ ଘୋଷ୍ଟ ୬୦ ଶ ମନୁଷ୍ୟ ଅତ୍ୟନ୍ତ ହୋଇଅଛନ୍ତି ।

କେନ୍ଦ୍ରାପଡ଼ାସ୍କୁଲ ସରକାର ତା ୧୭ ରଖଠାରୁ ବନ୍ଦ ହୋଇଅଛି ଅଗ୍ରେ ଆଗାମୀ ତା ୭ ରଖେ ଫିଟିବ ଏମନ୍ତରେ ସ୍କୁଲ ବନ୍ଦ ହେବାରେ ପିଲ୍ଲମାନେ ଖଟନ୍ତେ ଭୁଲ ଜାନାଜ ଗାଇବୁ ହେଉଅଛନ୍ତି ।

ବର୍ତ୍ତମାନ ଏହି ମାସ ପହିଲ ତାରିଖଠାରୁ କେନାଲ ବନ୍ଦ ହେବାରୁ ଏଠାରେ ପାଣିର ଏତେ ଅଭାବ ହୋଇଅଛି ଯେ ତାହା ବର୍ଣ୍ଣନାତୀତ ।

### ବେଣାହାଇ—ସମ୍ବାଦ ।

କାଇକୁଦା ଅଞ୍ଚଳର ଦୋକାନିମାନେ ଉପଯୁକ୍ତ ମୂଲ୍ୟ ନେଇ ଏକସେର ବୁଲଣାରେ ପଚର ବା ଉରତଙ୍କାଙ୍କ ବଦ୍ଧ ଦଶନ୍ତି । ଜଣେ ଦୋକାନର ସେର ସହିତ ଅନ୍ୟ ଜଣେ ଦୋକାନର ସେର ସମାନ ହେବା କେବେ ଶୁଣା ଯାଏ ନାହିଁ । ସମସ୍ତେ ଉଚ୍ଚାନରେ ଓ ସୁବିଧାମତେ ବଲକଟିଦ୍ଧା ଓ ପଥର ଖଣ୍ଡେ ଦୋକାନରେ ରଖି ସେର ଓ ଅଧସେର କୋଇ ଲୋକମାନଙ୍କୁ ପ୍ରତାରଣା କରନ୍ତି । ଗତ ସୋମବାର ଗ୍ରାମସ୍କୁଲର ଜଣେ ଶିକ୍ଷକ ଜଣେ ପ୍ରଧାନ ବ୍ୟବସାୟିକୁ ଧରି ପୋଲିସରେ ଦେଇଅଛନ୍ତି ।

କାଇକୁଦା ମାଇନର ସ୍କୁଲ ଗତ ପରୀକ୍ଷାରେ ଓଡ଼ିଶାରେ ପ୍ରଥମସ୍ଥାନ ରଖିବାର କଥା ଗତ ସପ୍ତାହରେ ଦେଖିଲୁ । ସ୍କୁଲର ସ୍ଥାପନ ଦର୍ଶନ ଜମିଦାରଙ୍କଦ୍ୱାର ଛପିତ ହେଲା ତାହାର ବଦୋବସ୍ତ ସାହାଯ୍ୟ ଓ ଉଦ୍‌ଯୋଗରେ ତାହା ସମ୍ଭବ । ତଦ୍ ଓ ଅଗ୍ରସର ଗ୍ରାମରେ ସ୍କୁଲ ବସେଇ ଭଦ୍ର ଫଳ ଦେଖାଇବା ନିମନ୍ତେ ସେ ଅବଶ୍ୟ ପ୍ରଶଂସାର ପାତ୍ର ଅଟନ୍ତି । ଦୁଃଖର ବିଷୟ ଯେ ସ୍କୁଲଘର ତାଙ୍କର ଏତେ ସବୁ ଥାଇ ସୁଦ୍ଧା ସେ ସ୍କୁଲଘରକୁ ସଙ୍କୀର୍ଣ୍ଣରେ ଗୋଟିଏ ଦେଉଳକୁ ସ୍ଥାନ ଦେଇଅଛନ୍ତି । ଏ ବିଷୟରେ ସମସ୍ତେ ଅସନ୍ତୁଷ୍ଟ; ଆଶା କରୁଁ ଏ ଜଞ୍ଜାଳ ଶୀଘ୍ର ଦୂର ହେବ ।

---

### ପତ୍ରପ୍ରେରକଙ୍କ ପ୍ରତି ।

ଜଣେ ମଫସଲିଆ—ଆପଣଙ୍କ ଲେଖିବା ଯଥାର୍ଥ ମାତ୍ର କରବାବୁଙ୍କ ବିବାହସମ୍ବନ୍ଧ ବ୍ୟାପାର ଭେଦ ଅଧିକ ଆନ୍ଦୋଳନ କରିବା ଉଚିତ ବିବେଚନା କରୁ ନାହୁଁ ।

ପଣ୍ଡିତ ଭଗବତି ରାମାନୁଜ ଦାସ—ବେଦ ଜପର ଜନ୍ମଦେଲ ସବୁ ବେଦ ଏକ ସଙ୍ଗରେ ବା ଭିନ୍ନ ଭିନ୍ନ ପ୍ରବୃତ୍ତି ହୋଇଅଛି ଇତ୍ୟାଦି ପ୍ରଶ୍ନମାନ ନର ଉତ୍ତର ଉତ୍ତର [illegible] ପ୍ରାର୍ଥନା କରୁଅଛନ୍ତି । ମାତ୍ର ସେ ଉତ୍ତର ଦିପିକାରେ ପ୍ରକାଶ କରିବାର ସ୍ଥାନ ହେବା ଅସମ୍ଭବ ଅତଏବ ପତ୍ର ପ୍ରକାଶ କରିବାର ପ୍ରୟୋଜନ ନାହିଁ ।

ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର—ତାଙ୍କର ସଦୃଶ ପ୍ରସ୍ତୁତି ବାବୁ ବଳରାମ ଦାସଙ୍କର ଗୁଣ କୀର୍ତ୍ତନକରି ପର୍ଯ୍ୟନ୍ତ ଲେଖିଅଛନ୍ତି ସ୍ଥାନାଭାବରୁ ପ୍ରକାଶିତ ନ ହେଲା ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

କୃଷ୍ଣପକ୍ଷେ ତୁ ପଞ୍ଚମ୍ୟାଂ ସଂକ୍ରାନ୍ତିର୍ଯ୍ୟଦି ଭବେତ୍ ରବେଃ । ତଲ୍ଲାସମଧିକଂ ପ୍ରୋକ୍ତମାଗାମିବତ୍ସରେ ଧ୍ରୁବଂ । ୧ । ଶାକେ ବାଣଶଶାଙ୍କକେ ହରହୃତେ ଧର୍ମେନ୍ଦୁଭିର୍ଭାବିତେ ଶେଷେ ବହ୍ନିମଧୂଷ୍ଣ ମାଧବଶିବେ ଜ୍ୟେଷ୍ଠଂ ପରେ ଗୃହ୍ଣତେ । ଆଷାଢେ ନୃପତିର୍ନବଷ୍ଟ ଗରକେ ଭାଦ୍ରନ୍ତୁ ବିଶ୍ୱାସକେ ନେତ୍ରେ ଗୃହ୍ଣିନସଙ୍ଖକେ ମୂନିବରୈର୍ମାସାଧିକା ସାଧିତା । ୨ ।

### ପ୍ରଥମଶ୍ଳୋକର ଅର୍ଥ

ଯେବେ ସମ୍ବତ୍ସରରେ ଯେଉଁ ମାସର କୃଷ୍ଣପକ୍ଷ ପଞ୍ଚମୀରେ ରବିସଂକ୍ରମଣ ପଡ଼ିବ ତେବେ ଆଗାମୀ ବର୍ଷରେ ଏହିମାସ ଅଧିକମାସ ହେବ କେବଳ ପଞ୍ଚମୀରେ ପଡ଼ିଲେ ହିଁ ଏହା ନିଶ୍ଚୟ ହୋଇ ନ ପାରେ କ ପଞ୍ଚମ୍ୟାଂପଦ ଏ ସପ୍ତମୀବିଭକ୍ତି ଆଧାର ସପ୍ତମୀ ସତ୍‌ବିଧ ଅତଏବ ଏସ୍ଥଳରେ ସାମୀପିକ ସପ୍ତମୀ ପ୍ରୟୋଗରୁ ପଞ୍ଚମୀ ବାଦ ଦ୍ୱିତୀୟା ତୃତୀୟା ଓ ଚତୁର୍ଥୀରେ ସଂକ୍ରାନ୍ତି ପଡ଼ିଲେ ଦ୍ୱିତୀୟ ଶ୍ଳୋକରେ ଉକ୍ତ ହେବା ମାସମାନଙ୍କ ମଧ୍ୟରେ ଯେଉଁ ମାସ ଅଧିକ ହେବାର ଅବଶ୍ୟକ ଯେବେ ସଂକ୍ରମଣ ଦୁଇମାସକୁ ପାଏ ଅର୍ଥାତ୍ ଅଧିମାସ ଦୁଇଗୋଟି ସମ୍ଭବେ ପୂର୍ବମାସ ତ୍ୟାଜ୍ୟ ପରମାସ ଅଧିମାସରେ ଗ୍ରହଣ ହୁଏ ପ୍ରମାଣ ଏକସ୍ମିନ୍ନପିବର୍ଷେ ଚେତ୍ ଦ୍ୱୌମାସାବଧିମାସକୌ । ପୂର୍ବୋ ମାସଃ ପ୍ରାକୃତଃସ୍ୟା ଦପରସ୍ତ୍ୱଧିମାସକଃ । ଦ୍ୱିତୀୟଶ୍ଳୋକର ଅର୍ଥ । ଧର୍ମେନ୍ଦୁଭିର୍ଭାବିତେ ବାଣ ଶଶାଙ୍କକେ ହରହୃତେ ସଦ୍ଧ-ଧର୍ମେନ୍ଦୁ ୧୯ ଅଗ୍ନିମରକ୍ଷି ବାଣଶଶାଙ୍କ ୧୫ ହରହୃତ କରନ୍ତେ ଅର୍ଥାତ୍ (୧୫।୧୯) ଶକାଙ୍କକୁ ଅନ୍ତର କଲ୍ୟାଏ ଅବଶିଷ୍ଟ ଶେଷର ରବିପଦଙ୍କ (୧୯) ରେ ଭାଗହେବ ଶେଷରେ ଯେ ବଞ୍ଚିବ ତାହାର ଫଳ-୩-୧୧-୮-୧୬-୪-୧୩-୨ ଚୈତ୍ରାଦି ଅଧିମାସମାନଙ୍କୁ କ୍ରମରେ ଜାଣିବ ସଂକ୍ଷେପରେ ଗୋଟି ଉଦାହରଣ ନିମ୍ନଲିଖିତରୂପେ ଦେଖାଯାଉଅଛି ଦକ୍ଷିଣୀ ସମ୍ବତ୍ସର ପ୍ରମାଣାଦ-ଶକାବ୍ଦାଚ୍ଚ (୧୮୦୧) କୁ ରକ୍ଷି (୧୫।୧୯) ଫେଡ଼ି (୧୯) ରେ ହରିଲେ ୨ ଅଂଶ ରହିବାରୁ ଆଶ୍ୱିନମାସ ଅଧିମାସ ହୋଇଅଛି ଅଛି ଶକାବ୍ଦ ୧୮୦୧ କୁ ରକ୍ଷି (୧୫) ଫେଡ଼ି (୧୯) ରେ ହରିଲେ ଅବଶିଷ୍ଟ ୮ ରହିବାରୁ ଜ୍ୟେଷ୍ଠମାସ ମଳମାସ ହେଉଥିଲା ଏହା ଅଯଥାର୍ଥ ଦକ୍ଷିଣସମ୍ବତ୍ସର ଶକାବ୍ଦ ୧୮୦୪ କୁ ରକ୍ଷି (୧୫।୧୯) ଫେଡ଼ି (୧୯) ରେ ହରନ୍ତେ ୫ ଅଂଶ ରହିବାରୁ ଶ୍ରାବଣମାସ ବୃଦ୍ଧି ହୋଇଅଛି ଆଉ ଏହି ଶକାବ୍ଦକୁ ରକ୍ଷି ୧୫ ଫେଡ଼ି ୧୯ ରେ ହରିଲେ ଅବଶେଷ ୧୧ ରହିବାରୁ ବୈଶାଖମାସ ବୃଦ୍ଧି ହେଉଥିଲା ଅତଏବ ଏହା ଅପ୍ରମାଣ ଦକ୍ଷିଣସମ୍ବତ୍ସର ପାର୍ଥିବଶକାବ୍ଦ ୧୮୦୭ କୁ ରକ୍ଷି (୧୫।୧୯) ଫେଡ଼ି ୧୯ ରେ ଭାଗକରନ୍ତେ ଶେଷ ୮ ରହିବାରୁ ଜ୍ୟେଷ୍ଠମାସ ଅଧିକମାସ ହୋଇଅଛି ଆଉ ଉକ୍ତ ଶକାବ୍ଦକୁ (୧୫) ଫେଡ଼ି (୧୯) ରେ ହରଲେ ଶେଷ କିଛି ନ ରହେ-ଏହା ଅପ୍ରମାଣ । ଅତଏବ ଉକ୍ତ ଶ୍ଳୋକଦ୍ୱୟର ଉପରୋକ୍ତ ଉଦାହରଣ ତିନୋଟି ପ୍ରକୃତାର୍ଥ ଏହି ମାସବୃଦ୍ଧିବିଷୟରେ ବୈଶାଖମାସ ଏକା ଅଧିକମାସ ହେବ ଦେଖ କେବଳ ଚୈତ୍ର ଅମାବାସ୍ୟା ସୋମବାରେ ମୀନସଂକ୍ରାନ୍ତି ବୈଶାଖ ଅମାବାସ୍ୟା [illegible] ବାରେ ମେଷସଂକ୍ରାନ୍ତି ପ୍ରତିପଦାକୁ ମଧ୍ୟ [illegible] ଏବେ ବଙ୍ଗପାଞ୍ଜିରେ ମଧ୍ୟ ଚୈତ୍ର ଅଧିମାସ ଲେଖାଯାଇଅଛି ହେଲେ ହେଁ ଚୈତ୍ର ବୃଦ୍ଧିହେବ ନାହିଁ ସଂକ୍ଷେପରେ ପ୍ରମାଣ । ନାରଦଃ । [illegible]ମାସଦ୍ୱୟମଧ୍ୟ ଯଦା ସଂକ୍ରମତେ ରବିଃ । ମଳମ୍ଲୁଚଃ ସ ବିଜ୍ଞେୟୋ ଗର୍ହିତଃ ସର୍ବକର୍ମସୁ । ଏ ଦୁଇସଂକ୍ରାନ୍ତି ଦର୍ଶଦ୍ୱୟବର୍ଜିତ ହୋଇ ନାହିଁ-ଦର୍ଶଃ ସୂର୍ଯ୍ୟେନ୍ଦୁ ସଙ୍ଗମଃ । ଷଡ଼ଭୂମଣ୍ଡଳମେତ ଯଦା ସ ଶୀତଦନ୍ତୁ ସଂକ୍ରମଣଂ କୁରୁତେ ରବିଃ । ମଳ ମହୋଷ୍ଣବ ନାଶକରସ୍ତଦା ମୁନିବରୈର୍ଗଦିତୋ ଽଧିକମାସକଃ । ଗର୍ଗ ଚାନ୍ଦ୍ରମାସୋ ଽଧିମାସଃ ଓ ଚୈତ୍ରସ୍ୟ-ଇତ୍ୟହୋରାତ୍ର-ସୂର୍ଯ୍ୟୋଦୟରୁ ସୂର୍ଯ୍ୟୋଦୟପର୍ଯ୍ୟନ୍ତେ ଶୃଦ୍ରମାନରେ ୩୦ ଅହୋରାତ୍ରରେ ମାସ ହୁଏ-ମେଷସଂକ୍ରାନ୍ତି ପ୍ରବେଶକୁ ନ ଗୃହ୍ନମାନର ପୂର୍ବମାସ ହେବାକୁ ଚୈତ୍ର-ସଂକ୍ରାନ୍ତିମାସ ହେଲା ଅତଏବ ଚୈତ୍ର ବୃଦ୍ଧି ନୋହିଲା-ବୈଶାଖମାସ ଏକା ଅଧିମାସ ହେବ ଅମ୍ଭେ ଏ ପ୍ରଦେଶରେ ବୈଶାଖ ମାସକୁ ଅଧିମାସ କରୁଅଛୁଁ ।

ଗଣ୍ଡାମକଳ୍ପାନ୍ତର୍ଭୂତ ଢେଙ୍କନାଳ ଉଦ୍ଧୁଲିଥିଆର ।

ଶ୍ରୀ ରାଜଗୁରୁ ପଣ୍ଡିତ ଜଗନ୍ନାଥ ମହାପାତ୍ରଙ୍କ ହସ୍ତାକ୍ଷର ।

ଶ୍ରୀ ଜ୍ୟୋତିଃଶାସ୍ତ୍ରପଣ୍ଡିତ ମଧୁସୂଦନ-ଷାଡ଼ଙ୍ଗୀ ।

Digitized by srujanika@gmail.com

To The Editor of Utkal Dipika

Sir,

Would you, please, publish in your journal the opinion of Babu Sudam Chander Naik on the "Jeeban Champoo" which I was glad to learn from his letter addressed to the author (Babu Damodur Patnaik) "* * * * * It is a beautiful bouquet of pretty little roses which one should always like to string and put round the neck. How fresh they look with the morning dews on and how sanctifying it is, only our temples are filthy and how I wish for a new sanctuary where I would like to put this your bouquet."

Yours truly

4—5—88 X

---

ପିପିଲିକାପ୍ରତି ଉକ୍ତି ।

କର୍ଣ୍ଣରେ ବସିଣ ଏକ ଗ୍ରହକ ।
ବିଗ୍ରହର ମନେ ହେଡ଼ି ବିଯାକ ।
ଏକାଳେ ଉପକ ପ୍ରାପ୍ତ ସକଳ ।
ବହୁଅଛୁ ସର୍ବ କବିମଣ୍ଡଳ ।
ବ୍ୟସ୍ତ ହୋଇ ଲୋକେ ଶୀଘ୍ରଗମନ ।
ଲୋଡ଼ି କରୁଛନ୍ତି ସୁସ୍ଥିର ମନ ।
କେଉଁବା ଅଳସେ ବିହ୍ୱଳ ହୋଇ ।
ଶଯ୍ୟା-ଅଙ୍କେ ଜେଉ ଅଚ୍ଛନ୍ନ ଯାଇ ।
ସୁଖେ କାଳ ଯାଉ ଭୁଲି ଅଛେଣା ।
ଅନ୍ୟସବୁକାର୍ଯ୍ୟେ ହୋଇଣ ବଣା ।
ଏମନ୍ତ ସମୟେ ପିପିଲୀଗଣ ।
ଅସି ଦଂଶିଲେ କର ବହୁପଣ ।
ଶିଖାଇଣ ଦେଲେ ଅଳସଙ୍କରେ ।
କପାଳ ଶୋଇଛ ବିରକ୍ତମନେ ।
ସମୟ ଅମୂଲ୍ୟ ଜାଣିଛ ଭଲ ।
ଏମନ୍ତ ଭାବି ହସ୍ତ କପାଳ ।
ମରଣ ଅନ୍ତେ ସମାଧି ମଧ୍ୟରେ ।
ଶୋଇବାକୁ ବହୁ ବେଳ ଅଛି ରେ ।
ମନୁଷ୍ୟ-ଜୀବକୋଠରି-କରମ ।
କରଣ ଦେଖାଅ ସ୍ୱ ପରାକ୍ରମ ।
ଅନେକ କର୍ତ୍ତବ୍ୟ ପଡ଼ି ରହିଛି ।
ଏ ଅବୋଧ ମନ କି ଭୁଲିଅଛି ।
ନ ଦେବଅ ରେ ମୋତେ ମନବ ।
ମୁହିଁ ପ୍ରକୃତ ଭୃତ୍ୟର ବାନ୍ଧବ ।

କରୁଣାସାଗର ଦୟାଳୁ ହର ।
ପ୍ରେରିଛନ୍ତି ମୋତେ ଦୂତରେ କର ।
ମୋର ହସ୍ତେ ଦେଇ ଏହି ପୁସ୍ତକ ।
ପଠାଇଦେଲେ ସେ ହିତସାଧକ ।
ଅଳସ ତ୍ୟଜିଣ ସୁମତି ଧର ।
ପରଶ୍ରମେ ଧନ ସଞ୍ଚୟ କର ।
ଦଣ୍ଡବତ ମୋର ଶତ ରେ ବାବୁ ।
କେତେବେଳ ଅଉ ମୋତେ ବୁଡ଼ିବୁ ।

୩୦।୪।୮୮ } ଶ୍ରୀ ଭଗବତୀଚରଣ ଦାସ
କଟକ

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ମାଳବଯାଦବ | ଉତ୍ତର | ତହସିଲ | ୪ ୩୧ |
| ମହର୍ଷି ଅବଦୁସମୋହନ୍ | ବାଲେଶ୍ୱର | " | ୪ ୩୧ |
| ବାବୁ ସିଆରମଣ ଦାସ | " | " | ୪ ୩୧ |
| " କଣୋରମୋହନ ଦାସ | " | " | ୪ ୧୧୧ |
| " " | " | ଅଗ୍ରିମ | ୪ ୩୧ |
| " ଜଗନ୍ମୋହନ ଗରଡସ | ଧର୍ମଶାଳା | " | ୪ ୧୭ |
| " କୃଷ୍ଣଚନ୍ଦ୍ର ପଣ୍ଡାପକ କୋଟଇନ୍ସପେକ୍ଟର ଜାଲେଶ୍ୱର | | " | ୪ ୩୧ |
| ରଜା କଟ୍ଟେ ବଳରାମପୁର | | " | ୪ ୩୧ |
| ମୁନସି ଅବଦୁଲ ମଜିଦଖାଁ | | " | ୪ ୧୧ |
| ପଣ୍ଡିତ ନମାଇଚରଣ ବାନାର୍ଜି | ବଦାଗ୍ର | | ୪ ୨୧ |
| " | | ଅଗ୍ରିମ | ୪ ୩୧ |
| ବାବୁ କଳବହାଲ ପାଣ୍ଡବ | କଟକ | " | ୪ ୧୧ |
| " ଚନ୍ଦ୍ରାମଣି କାନୁନ୍‌ଗୋଇ | ପୋହାଳା | " | ୪ ୩୧ |
| " ଦିବାକର ସାହୁ ସବଡେପୁଟିଇନ୍ସପେକ୍ଟର ଟିଟିଲ | | " | ୪ ୧୭ |
| ସେକ୍ରେଟେରି ଲାଇବ୍ରେରି ଅବନାସ ପାଟଣା ମଯୂରଭଞ୍ଜ | | | ୪ ୧୧ |

---

# ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରଯାଉଅଛି ଯେ ଓଡ଼ିଶା ମେଡ଼ିକାଲ ସ୍କୁଲରେ ଚଳିତ ବର୍ଷ ପାଇଁ ମୋ ୧୦ ଟି ବୃତ୍ତି ଖାଲିଅଛି ଯେଉଁମାନେ ଅଧ୍ୟୟନ କରିବାକୁ ଇଚ୍ଛା କରନ୍ତି ସେମାନେ ଆପଣା୨ ପ୍ରଶଂସାପତ୍ର ସହିତ ଆଗାମୀ ଜୁନମାସ ତା ୧ ଦିନରେ ଜେନେରଲ ହସପିଟାଲରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉକ ଯେଉଁମାନେ ଏଣ୍ଟ୍ରେନ୍ସ, ମାଇନର ଓ ଭର୍ଣ୍ଣାକ୍ୟୁଲର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେମାନଙ୍କୁ ଅଗ୍ରସ୍ଥଳରେ ନିଆଯିବ ।

୪।୫।୮୮ } E. BOVILL
ସୁପରିଣ୍ଟେଣ୍ଡେଣ୍ଟ
କଟକ } ଓଡ଼ିଶା ମେଡ଼ିକାଲ ସ୍କୁଲ କଟକ

---

# NOTICE.

Keys to Royal Readers No. II and III (New Series) containing notes will soon be ready.

To be had at the Printing Company Cuttack.

Gowri Sunker Roy
*Secretary.*

---

# NOTICE

Is hereby given that a medal of Rs 10, will be awarded to the student who will head the list of the successful *candidates* for the Middle English Scholarship Examination, *from* the Samyabadi school; provided that he passes in the 1st Division.

18-5-88 } L. Chackravarty
KATAK. } *Secretary*
*Samyu-Badi School.*

---

ବାବୁ ଦ୍ୱାରକାନାଥଚକ୍ରବର୍ତ୍ତୀଙ୍କ-ପ୍ରଣୀତ "କ୍ଷେତ୍ରପରିମାଣ" ପୁନର୍ମୁଦ୍ରିତ ହେଉଅଛି । ଅଚିରାତ୍ ପ୍ରସ୍ତୁତ ହେବ । ଗତକେତେକ ବ୍ୟକ୍ତିମାନଙ୍କ ଅମ୍ଭ ନିକଟରେ ଲେଖିଲେ ପାଇପାରିବେ ।

କଟକ } ଶ୍ରୀ ଗୌରୀଶଙ୍କର ରାୟ
୨୪।୪।୮୮ } ସମ୍ପାଦକ କଟକ ପ୍ରିଣ୍ଟିଂ କୋମ୍ପାନୀ ।

---

ନୂତନ ପୁସ୍ତକ ।

# କଳିକାଳ ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଦୁଇଅଣା । ମୋଫସଲକୁ ପଠାଇବାକାରଣ ଦୁଇପଇସାର ଡାକଟିକଟ ଲାଗିବ

---

# NOTICE.

A key to the important lessons of New Royal Reader No. IV, including the whole Minor course for 1888-89, by the undersigned will be out very shortly. It has been got up with a special eye to the requirements of the candidates appearing in the Minor scholarship examination.

4-5-88 } Baikuntha Nath Dutt
KATAK. } Head Master
Peary Mohan Academy.

Split by PDF Splitter

Digitized by srujanika@gmail.com

# ବିଜ୍ଞାପନ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ସନ ୧୮୮୫ ମସିହା ବଙ୍ଗୀୟ ଅ ୩ ଆଇନର ଦ ୧୩୯ ଧା ମତେ ମହାମାନ୍ୟବର ଲେପ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ପ୍ରତି ଯେ କ୍ଷମତା ଅର୍ପିତ ଅଛି ତହିଁ ବଳରେ ନିମ୍ନଲିଖିତ ଉପବିଧିମାନ ଯାହା ଉକ୍ତ ଆଇନର ଉକ୍ତ ଦଫାର ୧ ପ୍ରକରଣ ମତେ କଟକ ଜିଲ୍ଲାର ଡିଷ୍ଟ୍ରିକ୍ଟ ବୋର୍ଡ ପ୍ରସ୍ତୁତ କରିଅଛନ୍ତି ତାହା ମଞ୍ଜୁର କରାଗଲା । ତା ୧୩।୪।୮୮

(Sd.) COLMAN MACAULAY,
ସେକ୍ରେଟେରୀ ବେଙ୍ଗଲ୍ ଗବର୍ଣ୍ଣମେଣ୍ଟ

## ଉପବିଧି ।

୧ । କୌଣସି ବ୍ୟକ୍ତି ଜାଗାରେ ଥିବା କୌଣସି ବାଡ଼ ବା ଗଛ ଇତ୍ୟାଦି ଯଦି ସାଧାରଣଙ୍କ ଯାତାୟାତ ରାସ୍ତା ଉପରକୁ ମାଡି ତଦ୍ଵାରା ପଥିକମାନଙ୍କ ପକ୍ଷରେ କିଛି ଅସୁବିଧା ଅଥବା କ୍ଷତି ହେବା ସମ୍ଭାବନା ହୁଏ ତେବେ ସେଥି ସକାଶେ ଡିଷ୍ଟ୍ରିକ୍ଟ ବୋର୍ଡର ସଭାପତି କିମ୍ବା ସହକାରୀସଭାପତି ଅଥବା ଅନ୍ୟ କୌଣସି ଶାଖାକମିଟୀ ଉକ୍ତ ବୃକ୍ଷ କିମ୍ବା ବାଡ଼ ଇତ୍ୟାଦିକୁ ଉଠାଇ ଦେବା କିମ୍ବା କଟାଇଦେବା ସକାଶେ ସେ ବ୍ୟକ୍ତି ନାମରେ ନୋଟିସ ଦେବେ ନୋଟିସଲିଖିତ ସମୟ ଅନୁସାରେ ଯଦି ସେ ହୁକୁମ ତାମିଲ ନ କରେ ତେବେ ତାହା ଉପରେ ଟ ୧୦ ଙ୍କାରୁ ଅନଧିକ ଜରିମାନା ହେବ ଓ ଏହି ଜରିମାନା ଧାର୍ଯ୍ୟ ହେଲା ପରେ ଯଦି ସେ ଉକ୍ତ ହୁକୁମ ତାମିଲ ନ କରେ ତାହା ହେଲେ ଜରିମାନା ଧାର୍ଯ୍ୟ ତାରିଖଠାରୁ ନୋଟିସଲିଖିତ କାର୍ଯ୍ୟ ସାଧନ ହେବା ପର୍ଯ୍ୟନ୍ତ ପ୍ରତିଦିନ ଅନୁର୍ଦ୍ଧ ଟ ୧ ଙ୍କାରୁ ଅନଧିକ ଜରିମାନା ଏ ଉପବିଧି-ଅନୁଯାୟୀ ଧାର୍ଯ୍ୟ କରାଯିବ ।

୨ । କେହି ଲୋକ ଇଚ୍ଛାପୂର୍ବକ ଡିଷ୍ଟ୍ରିକ୍ଟବୋର୍ଡଙ୍କ ରାସ୍ତା କିମ୍ବା ଜମି ଉପରେ ଥିବା ବୃକ୍ଷ କିମ୍ବା ଉକ୍ତ ବୃକ୍ଷମାନଙ୍କ ରକ୍ଷାନିମନ୍ତେ ଯେ ମୋଡ଼ା ଇତ୍ୟାଦି ଦିଆ ହୋଇଥାଏ ସେଥିପକ୍ଷରେ କୌଣସି କ୍ଷତି ବା ନଷ୍ଟ କରେ କିମ୍ବା କେହି ରାସ୍ତାଉପରେ ଥିବା ପିଲପାୟାକୁ ଘୁଞ୍ଚାଇ ଦିଏ ଓ ସେ ଅପରାଧୀଯୁକ୍ତସ୍ଥଳେ ଭାରତବର୍ଷ ଦଣ୍ଡବିଧିଆଇନ ଅନୁସାରେ ଗଣ୍ୟ ନ ହୁଏ ତେବେ ସେ ବ୍ୟକ୍ତି ସନ ୧୮୮୫ ମସିହା ବଙ୍ଗୀୟ-ଆଇନର ଦ ୧୪୦ ଧା ଅନୁସାରେ ଜରିମାନା ଦେବାକୁ ଦାୟୀ ହେବ ।

୩ । ସଭାପତି କିମ୍ବା ସହକାରୀସଭାପତିଙ୍କ ବିନା ଅନୁମତିରେ ଯଦି କେହି ରାସ୍ତାର କୌଣସି ଅଂଶ କାଟିଦିଏ କିମ୍ବା କୌଣସି ଅଂଶରେ ବନ୍ଧ ପକାଇ ଅସୁବିଧା ଘଟାଏ ତାହା ହେଲେ ତାହା ଉପରେ ଟ ୧୦ ଙ୍କାରୁ ଅନଧିକ ଜରିମାନା ହେବ ଉକ୍ତ କଷ୍ଟ ବା ଅସୁବିଧା ତାହାଦ୍ଵାରା ଅଥବା ଡିଷ୍ଟ୍ରିକ୍ଟବୋର୍ଡଙ୍କଦ୍ଵାରା ପୂରଣ ବା ନିବାରଣ ହେବା ପର୍ଯ୍ୟନ୍ତ ଏ ଜରିମାନା-ପରଦିନଠାରୁ ପ୍ରତିଦିନ ଅନୁର୍ଦ୍ଧ ଟ ୧ ଙ୍କାରୁ ଅନଧିକ ଜରିମାନା ସେ ବ୍ୟକ୍ତି ଦେବାକୁ ଦାୟୀ ହେବ ।

୪ । ଯଦି କୌଣସି ବ୍ୟକ୍ତିର ପଶୁ ରାସ୍ତା ଉପରେ ଦେଖାଯାଏ କିମ୍ବା ରାସ୍ତାର ଏତେ ନିକଟରେ ବନ୍ଧା ହୋଇଥାଏ କି ତଦ୍ଦ୍ଵାରା ରାସ୍ତା ଉପରକୁ ଆସିପାରିବ ତାହା ହେଲେ ଉକ୍ତ ପଶୁ ଅଧିକାରପ୍ରତି ଟ ୧୦ ଙ୍କା ଜରିମାନା ହେବ ।

୫ । କେହି ଲୋକ ରାସ୍ତାର ପାର୍ଶ୍ଵ ଅଥବା ରାସ୍ତା ଉପରୁ ଘାସ ଉପାଡ଼େ କିମ୍ବା କାଟେ ତାହା ହେଲେ ତାହା ଉପରେ ଟ ୧୦ ଙ୍କାରୁ ଅନଧିକ ଜରିମାନା ହେବ ।

୬ । ଯଦି କେହି ଲୋକ ରାସ୍ତା ଉପରେ କିମ୍ବା ତତ୍ପାର୍ଶ୍ଵରେ ଦୋକାନ କିମ୍ବା ଅନ୍ୟ କୌଣସି କାର୍ଯ୍ୟ ସକାଶେ ଘର କିମ୍ବା ଗୃହାଦି ଇତ୍ୟାଦି ତିଆର କରେ ତାହା ହେଲେ ତାହା ଉପରେ ଟ ୧୦ ଙ୍କାରୁ ଅନଧିକ ଜରିମାନା ହେବ ଓ ଏହି ଜରିମାନା ଧାର୍ଯ୍ୟ ହେଲା ପରେ ଉକ୍ତ ଘର ବା ଗୃହାଦି ଉଠାଇ ନେବା ପର୍ଯ୍ୟନ୍ତ ଏହି ଉପବିଧିବଳରେ ତାହା ଉପରେ ପ୍ରତିଦିନ ଅନୁର୍ଦ୍ଧ ଟ ୧ ଙ୍କା ହିସାବ ଜରିମାନା ହୋଇପାରିବ ।

୭ । କେହି ଲୋକ ରାସ୍ତା ଉପରେ କିମ୍ବା ତତ୍ପାର୍ଶ୍ଵରେ ଯଦି କାନ୍ଥ, ବାଡ଼ କିମ୍ବା କୋଠା ତିଆର କରେ କିମ୍ବା ତହିଁର କୌଣସି ଅଂଶ ରୁଦ୍ଧ କରେ କିମ୍ବା ରୁଦ୍ଧ ଉପଲକ୍ଷରେ କିଛି ଆୟୋଜନ କରେ ତେବେ ତାହା ଉପରେ ଟ ୧୦ ଙ୍କାରୁ ଅନଧିକ ଜରିମାନା ହେବ ଓ ଏହି ଜରିମାନା ଧାର୍ଯ୍ୟ ହେଲା ପରେ ଉକ୍ତ ଅବରୋଧମାନ ଉଠାଇ ନେବା କିମ୍ବା ତହିଁରୁ ସ୍ଥଗିତ ହେବା ପର୍ଯ୍ୟନ୍ତ ତାହା ଉପରେ ପ୍ରତିଦିନ ଅନୁର୍ଦ୍ଧ ଟ ୧ ଙ୍କାରୁ ଅନଧିକ ଜରିମାନା ହେବ ।

୮ । କେହି ଲୋକ ଡିଷ୍ଟ୍ରିକ୍ଟବୋର୍ଡଙ୍କ ରାସ୍ତା ଉପରେ କିମ୍ବା ତହିଁ ନିକଟରେ ମୁର୍ଦ୍ଦାର କିମ୍ବା ଅନ୍ୟ କୌଣସି ମୃତଶବ ଇତ୍ୟାଦି ଅଥବା ଅନ୍ୟ କୌଣସି ଘୃଣିତ ବା ଦୋଷଯୁକ୍ତ ପଦାର୍ଥ ପକାଏ ତେବେ ତାହା ଉପରେ ଟ ୧୦ ଙ୍କାରୁ ଅନଧିକ ଜରିମାନା ହେବ ଏବଂ ଯେ ପର୍ଯ୍ୟନ୍ତ ସେ ଉକ୍ତ ପ୍ରକାର କାର୍ଯ୍ୟ କରିବାରୁ ନିରସ୍ତ ନ ହୁଏ ତାହା ଉପରେ ପ୍ରତିଦିନ ଅନୁର୍ଦ୍ଧ ଟ ୨ ଙ୍କାରୁ ଅନଧିକ ଜରିମାନା ହେବ ।

୯ । କେହି ଲୋକ ରାସ୍ତା ଉପରେ କିମ୍ବା ତତ୍ପାର୍ଶ୍ଵରେ ମଳ ମୂତ୍ର ପରିତ୍ୟାଗ କରେ ତାହାଉପରେ ଟ ୫ ଙ୍କାରୁ ଅନଧିକ ଜରିମାନା ହେବ ।

E, R, HENERY
ସଭାପତି
ଡିଷ୍ଟ୍ରିକ୍ଟ୍ ବୋର୍ଡ
କଟକ

Split by PDF Splitter

Digitized by srujanika@gmail.com

**NOTICE.**

# A key to THE MIDDLE ENGLISH TEXT

"THE NEW ROYAL READER No. IV."

FOR THE YEAR 1888-89.

Containing meanings of words explanations of Phrases difficult passages and sentences, and grammatical refference parsings and derivations: Besides many other informations for the candidates preparing for Minor Scholarship Examination.

By an experienced Teacher will be out no sooner than we get 100 subscribers.

Price with postage for the subscribers before 15th June Rs. 1-10

Abridged ... ... Ans 9 only

Send a post card please desiring the number of copies you want. You shall get the copies per V. P. Post.

Gouree Sanker Rai

Editor.


## ବିଶେଷ ଦ୍ରଷ୍ଟବ୍ୟ !

କଟକଜିଲ୍ଲାର ଅନ୍ତର୍ଗତ କେନ୍ଦ୍ରାପଡ଼ାସ୍ଥ ସୁବିଖ୍ୟାତ କବିରାଜ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ଔଷଧରେ ବାଙ୍କୀରୁ ଶ୍ରୀ ଶିବଚନ୍ଦ୍ର ପଟ୍ଟନାୟକ, ଦଶପଲ୍ଲରୁ ଶ୍ରୀ ବୈଷ୍ଣବଚରଣ କାନୁନଗୋ, କଟକରୁ ଶ୍ରୀ ଦୁର୍ଗାଚରଣ ଦାସ, ଭଦ୍ରକରୁ ଶ୍ରୀ ଗୋପୀନାଥପ୍ରସାଦ ସେନ ବାଲେଶ୍ୱରରୁ ଶ୍ରୀ ଜଗନ୍ମୋହନ ପାଢ଼ୀ ଏପରି ବୈଦ୍ୟ, ଢେଙ୍କାନାଳ, ଗଞ୍ଜାମ, ଅନୁଗୁଳ, ପୁରୀ, ସମ୍ବଲପୁର, ମାଣିକପାଟଣା, କେନ୍ଦ୍ରାପଡ଼ା ଓ ମେଦିନୀପୁର ପ୍ରଭୃତି ନାନାସ୍ଥାନର ବହୁକାଳବ୍ୟାପି ନାନାପ୍ରକାର ଉତ୍କଟ ଓ ଅସାଧ୍ୟ ରୋଗଗ୍ରସ୍ତ ରୋଗିମାନେ ରୋଗମୁକ୍ତ ହୋଇ ସୁସ୍ଥ ଓ ସବଳକାୟ ହୋଇଅଛନ୍ତି । ତାହାଙ୍କର ଔଷଧରେ କୌଣସି ଅନିଷ୍ଟର ଆଶଙ୍କା ନାହିଁ । ଔଷଧସେବନେଚ୍ଛୁମାନେ ରୋଗର ବିବରଣ ତାହାଙ୍କୁ ଲେଖିଲେ ଈଶ୍ୱରଙ୍କ ରୋଗରୁ ମୁକ୍ତ ହେବେ ।

# ଓଡ଼ିଶା ମିଶନ ପ୍ରେସ

## କଟକ ।

୧୮୩୮ ସାଲରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ଛାପିବା ଯଥା ହୁଏ ।

**ଏଷ୍ଟିମେଟ ମାଗିଲେ ମିଳଇ ।**

# ବାଲିକାଗଜ ।

ଉଲଲିଖିତ ଷଷ୍ଟ୍ର ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ସମ୍ମୁଖ ବସା ନିକଟେ ବାବୁ ଅର୍ଜ୍ଜୁନ ଙ୍କର ଜମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | | |
|---|---|---|---|---|---|
| ୧୬ ପଣି | ବାଇ | ଦ ୧୬ ଟ ୵୲୰ | | ବ ୧୬ ଟ ୦ ୵୫ | |
| ୧୭ ପଣି | ,, | ,, ଟ ୵୫ | | ,, ଟ ୦ ୵୰ | |
| ୧୨ ପଣି | ,, | ,, ଟ ୵୲ | | ,, ଟ ୦ ୵ | |
| ୩୦ ପଣି | ,, | ,, ଟ ୵୲ | | ,, ଟ ୦ ୷୫ | |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକତରେ ୫ ୬ମ ବା ଅଧିକ କ୍ରୟ କରିବେ ଅଦ୍ଭୁତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୋପାଳଙ୍କର ସମ୍ମୁଖର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚଦରକୋଣା ଓ ବଲାତ ଓ ରେଷମୀଓ ଗେର ଲୁଗା ଓ ରେଶମ ଓ ନାନାଜାତି ସମସ୍ତ ସଜପାତର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଣ୍ଡା କେତେକ ପେଷ୍ଟ ଭଳି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏହାଛଡ଼ା ଅମ୍ଭେମାନେ ବିଲାତି ଖାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ସବୁ ଉକ୍ତ ଖାଡ଼ିମାନ ବିକ୍ରୟ ହେବା ପର୍ଯ୍ୟନ୍ତ ଅପଣା ମଫସଲ ସକାଶେ ଯେଉଁମାନେ ନେବେ ଏକ ସପ୍ତାହରୁ ପ ବର୍ଷ ଟ୦୵୫ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର କ୍ଷତି ଖରାପକର ଭାର ତାଙ୍କ ଉପରେ ଥିବ । କ୍ଷତି ହେଲେ ଖାଡ଼ିର ପୁରା ମୂଲ୍ୟ ତାଙ୍କୁ ଦେବାକୁ ହେବ ।

## ଫର୍ଦ୍ଦ ।

ବଉଦ ଲେମ୍ବ ଓ ଚାଉଳରେ ଗୁଣ ଦେଲେ ସ୍ୱାଦ।

ବଲେଫଶାଦ

ବିଲେଇଁନ ତେଲ ଜଳବା ସେଣ୍ଟ ସ୍ନାନ ଓ ହୋମ ସବୁଦ ।

କୁଇ° ଅର୍ଥାତ ନଦିଆ କହିବା ବାଇଜ ପେନ୍ସିଲ ଓ କଲମ ।

ପେନ୍ସିଲ କାଟିବା ଛୁରି ।

କାଚ ପ୍ରକାରର ଚିଠି କାଗଜ ଓ ଲଫାଫା

କାଚ ଗିଲାସ ଓ ଜଳ ରଖିବା ଓ ସ୍ୱାଦ

ଦସ୍ତାନା ରୁମାଲ

ଉଲନ ଗୁଲବନ୍ଦ

ଏକପଦ ହୁକା

ନେଲକଟର ଦରୋଇ ସମ କେତେକ

ମାର୍ବଲ କାଚି ରୁମାଲ ଯାହା ଦେଲେ ଖୋଜ ଅବଶ୍ୟ ଦେଖ ଜାହା ।

ସୁ. ବୋତଲ ସହିତ କାମିଜ ଓ କୁର୍ତ୍ତା ।

ହିଙ୍ଗୁ ଲୁଣ ।

ପିତଳ ଛତା ।

ଚମଡ଼ା ଖାପ ।

ଚାବାଜି ଖାବାର ଗାଛିରେ ଲୁଗା ପଡ଼ିବାର କୁଲା ।

ଅକ୍ଷୋଭ ରେଲ—ଅର୍ଥାତ ସୁଲଭ ଜୁତା ।

ଅଖଲ ଲୁଖ ।

ଓଁାଜିଲ ପୁଷ୍ପ ଛତା ।

କର୍ପୂର ଅଳି ।

ଲୋଗୋଗାଇନ୍ ।

ଘୋଇସୁକଳ ଦେଖିଲେ ଓ ଚନ୍ଦନ ତେଲ ଭଲେ ଘରେ

ଚୁମ୍ବକ ବାଡ ଅର୍ଥାତ ଲେଖିବାବେଳେ ଯାଇ ଓ ଅଣିଲେ କଥା ହେବ ।

ଅଭଳ ଚନ୍ଦ୍ରା

୧୨ × ୧୫ ଇଞ୍ଚ

୧୪ × ୧୭ ଇଞ୍ଚ

ପକେଟବୁକ ଓ ଉଉଷ ଗାଡି ସହିତ ଟ ୦ ୵୫

ମୋଜା ଓ ମୋଜାବନ୍ଧ

ଛତ୍ରମ ଶୁଷ ବନସ୍ପତି

ଚଟଗା ସାଟିନ ବଳା

ବକ୍ସ ଓ ପାଇପର ଶୌଚ ପେଟା

ଚଷମା ଅସ୍ତ୍ରଖୋଷ

ଏକଚ କାଲପା ।

ବୃଷଭ ସେନ ।

ଅଜିମେଣ୍ଟ ପେନ୍ସିଲ ଅର୍ଥାତ ଏ ପେନ୍ସିଲରେ ଲେଖି କପଡ଼ ପେଷ ଉପରେ ଛାପି ସେଲ୍ଫ ପେନସିଲ ଲେଖା ଘରେ ଲେଖ ଉପରେ ଦେଖିଲେ ଅଳ ଲିଭେ ।

କପିଙ୍ଗ ପେପର ।

କପ୍ସିନ ଲେନ୍ସରେ କଡ଼ାଇବା ଖାଦ ।

ଉଦ୍ଭିଜ ଶ୍ରୀଘର ପଥର ଦଠାର କଣ୍ଠଲ ଖାଦ୍ୟବାର ଭଳକ ।

ମନଗିରା ।

ରେଲ ବୁ. ପେନ୍ସିଲ ।

ଚଳ ଦେଖିବା

କଳାଇଗୀ ପାଣ୍ଡି ଓ ଗୋଭ ଓ ଚୁଡ଼

ମଦସ୍ତାବାସ ଓ ଔଷଧ ଗାଇଲୋଭ ଓ ଗାଡ଼ି ।

ଟିଙ୍ଗ ଗୀତ

# ପିଚଢ଼ାର ।

ଏ ତାରକୁ ତେଣ୍ଡଶି ପାଟରେ ରଖି ନଥିଁ ରେ ଭିଜାଇ କୋଠାଘରର ଫାଟିଲେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଝିଅରେ ଲେପିଦେଲେ ମଶାରୁ ଓ ଉଇ ଧରିବ ନାହିଁ ।

ବଡ଼ିଆ ଟମଡ଼ା ଓ ସାଜରେ ଲଗାଇବାର ଜାଲ ମଧ୍ୟ ଅଛି ।

ଅଭଳନହଲ ଜନ କମ୍ପାନି

ଉତ୍କଳଦୀପିକାର ନିୟମ ଇତ୍ୟାଦିର ଏହି ଲେଖା

ଦୀପ ... ଅଗ୍ରିମ ...

ପ୍ରତିମାସର ସକାଶେ

ଅଣ୍ଡ ଏକ ଟ ୦ ୵

ଅର୍ଦ୍ଧ ପୁସ୍ତକ ଟ ୨ ୧

ପୂର୍ଣ୍ଣ ଏକ ବର୍ଷର ଟ ୩

ମାତ୍ର କୌଣସି ବିଜ୍ଞାପନ କେତେ ଥର ହେଲେହେଁ ଛଅଁ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟ ସକାଶେ ଏକ ପ୍ରଥମ ଥରର ଅର୍ଦ୍ଧେକ ଦେବ ।

ଅଧିକ ଦିନ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ଏକମାତ୍ର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା,

Split by PDF Splitter
Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୩ ? / ସଂ ୨୦ ସଂଖ୍ୟା — ତା ୧୯ ରଖ ମାହେ ମଇ ସନ ୧୮୮୮ ମସିହା । ମୁ । ଜ୍ୟେଷ୍ଠ ଦି ୮ ସନ ୧୨୯୫ ସାଲ ଶନିବାର — ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩॥ / ପଶ୍ଚାଦେୟ ଟ ୪॥

ସ୍ଥାନାନ୍ତରେ ପ୍ରକାଶିତ ଅର୍ଥନୀତିପ୍ରଦୀପ-ସମାଜର ପତ୍ରରୁ ପାଠକମାନେ ଦେଖିବେ ଯେ କେବଳ ବ୍ରାହ୍ମଣମାନେ ଅର୍ଥ ଓ ବାହୁବଳ ବଳରେ ଦଣ୍ଡ ପାଇବେ ତାହାଁ ନାହିଁ ଇତରଜାତି-ମାନେ ସ୍ୱୟଂ ବଳଦ ବଳରେ ନାହିଁ ବନ୍ଧୁ ଭାବରେ ଥାଇଲେ । ଏ ବିଷୟଟା ଦେଖିବାର ସଙ୍ଗେ ସୌଭାଗ୍ୟ ହୋଇଅଛୁ ପୃଥକ ବଳଦ କରାଇବା ସାଧ ଯେପର ପ୍ରଶଂସନୀୟ ସେପର କରିବାରେ ଦୋଷ ନାହିଁ ଏବଂ ଯାହା ଛଡ଼ା ଅଛିଧାନ ଶ୍ରେଷ୍ଠଜାତିମାନେ ବଳଦ ଚଳା-ଥାଇଲି ।

ଏବର୍ଷର ବି, ଏ, ପରୀକ୍ଷାର ଫଳ ବାହାର ଅଛି ଏବଂ ତହିଁରେ ଏଠାରୁ ରେଭେନସା କଲେ-ଜର ତଳଲିଖିତ ଛାତ୍ର [illegible] ଥିରେ ଉତ୍ତୀର୍ଣ୍ଣ ପାସ କରିଅଛନ୍ତି । ଯଥା,

ଶ୍ରୀ ଗୋପାଳ [illegible] ସଂସ୍କୃତ, ଗଣିତ ଏବଂ ନୀତି ଓ [illegible] ଏ ସମସ୍ତରେ ୨ ୟ ଶ୍ରେଣୀ ।

ଶ୍ରୀ ନାରାୟଣପ୍ରସାଦ ମହାନ୍ତି ସଂସ୍କୃତ ଓ ମନୋବିଜ୍ଞାନ ଏ ଦୁଇବିଷୟରେ ୨ ୟ ଶ୍ରେଣୀ ।

ଶ୍ରୀ ହରିଶ୍ଚନ୍ଦ୍ର ଦତ୍ତ ମନୋବିଜ୍ଞାନରେ ୧ ମ ଶ୍ରେଣୀ ଓ ସଂସ୍କୃତରେ ୨ ୟ ଶ୍ରେଣୀ ।

ଏମାନଙ୍କଛଡ଼ା ଜଣେ ଶିକ୍ଷକ ବାବୁ ଶର-ତଚନ୍ଦ୍ର ମୁଖାର୍ଜ୍ଜୀ ଓଡ଼ିଶାରୁ କେବଳ ବି ଏ ପାସ କରିଅଛନ୍ତି ।

ବାଲେଶ୍ୱର-ଗୋରକ୍ଷଣୀସଭାର ଆୟ ବ୍ୟୟ ସମ୍ବାଦବାହିକାରେ ପ୍ରକାଶିତ ହୋଇଅଛି । ଗତ ପୌଷମାସ ତା ୧୬ ଠାରୁ ବୈଶାଖ ତା ୨୩ ଲା-ପର୍ଯ୍ୟନ୍ତ ମାସିକ ଓ ଏକକାଳୀନ ଚାନ୍ଦାଦ୍ୱାରା ଟ ୨୧୩୷ ଅଦାୟ ଏବଂ ଟ ୧୭୨୷୬ ଖର୍ଚ୍ଚ ପଡ଼ିଅଛି । ଭିକ୍ତ ଖର୍ଚ୍ଚମଧ୍ୟରେ ଗୋ ୨୫ ଟା ଗୋରୁ ଖରଦ କରିବାରେ ଟ ୧୩୦ ଏବଂ ଗୋଶାଳା ନିର୍ମାଣ ଓ ଗୋରୁଙ୍କର ଦରମାରେ ଟ ୪୬୷୩ ଗୋରୁଙ୍କ ଖାଇବା ଖରଚ ବାବଦରେ ପଡ଼ିଅଛି ତାହା ଲେଖା ନାହିଁ । ଗୋରୁ ଖରଦ କରିବା ଉଦ୍ଦେଶ୍ୟ ଖର୍ଚ୍ଚର ବିଷୟ ନୁହଇ କାରଣ ଗୋରୁପ୍ରତି ମୂଲ୍ୟ ହାରହାରି ଟ ୬୷ ପଡ଼ିଅଛି ମାତ୍ର ଏମାନଙ୍କୁ ପାଳିବା ଖର୍ଚ୍ଚ ଯେତେ ପଡ଼ିବ ଏବଂ କେତେ କାଳ ପାଳିବାକୁ ହେବ ଏବଂ ଯେଉଁମାନେ ଅକର୍ମଣ୍ୟ ହେବେ ସେମାନଙ୍କୁ କି କରିବାକୁ ହେବ ଏଥିର ବ୍ୟବସ୍ଥା ବୁଝିବାକୁ ବାକି ଅଛି । ଭରସା କରୁଁ ଯଥାସମୟରେ ସଭା କାର୍ଯ୍ୟଦ୍ୱାରା ସର୍ବସାଧାରଣଙ୍କୁ ଜଣା-ଇବେ ।

ବ୍ରହ୍ମଦେଶର ଗୋଳଯୋଗ ଅଦ୍ୟାବଧି ଶେଷ ହୋଇ ନାହିଁ । ମିନମଙ୍ଗିଲର ଦୁଇତିନଗଣ ମଗ ଫ୍ଲୋଟିଲାକମ୍ପାନୀଙ୍କ ଜାହାଜ ଲୁଟି ନେଇ-ଅଛନ୍ତି ଏବଂ ଜାହାଜରେ ଥିବା ଲୋକମାନଙ୍କୁ ମାର ପକାଇଅଛନ୍ତି ଓ ବହୁ ଗୋଟି ଦେଇ-ଅଛନ୍ତି । ଏଥିବେଳେ ଅନେକ ସରକାରୀ ଘର ପୋଡ଼ି ଯାଇଅଛି ତହିଁ ମଧ୍ୟରେ ଜେଲ ପୋଡ଼ି ଯିବାରୁ କେତେ କଏଦୀ ଦଗ୍ଧ ହୋଇଅଛନ୍ତି ଏବଂ କେତେକ ପଳାଇଯାଇ ଡକାଏତଙ୍କ ସଙ୍ଗେ ମିଶିଅଛନ୍ତି । ଏ ସବୁ ଅନିଷ୍ଟ କର ମଗମାନେ କେଉଁ ଆଡ଼େ ପଳାଇଲେ ଇଂରାଜ ଠିକଣା କରିପାରିଲେ ନାହିଁ । ପୁଣି କ୍ୟାନ୍‌ଟିନ-ଜଙ୍ଗଲରେ ମଗମାନଙ୍କ ହାତରେ ଅନେକ ଲୋକ ମରା ପଡ଼ିଅଛନ୍ତି । ଚନ୍ଦବନ ପ୍ରଦେଶରେ ରାଜ-କୁମାର ଆଲେମ୍ପା ୩।୪ ହଜାର ସୈନ୍ୟ ସେନା ଉପସ୍ଥିତ ହୋଇଅଛନ୍ତି ଏବଂ ଯୁଦ୍ଧର ଆୟୋଜନ ହେଉଅଛି । ଅନୁମାନ ହୁଏଇ ଗୋଟିଏ ଭାରି ଯୁଦ୍ଧ ହେବ । ବଙ୍ଗବାସି ଏ ସମ୍ବାଦମାନ ଲେଖି ଯଥାର୍ଥ କହୁଅଛନ୍ତି କି ଏଥିର ନାମ ବ୍ରହ୍ମଶାନ୍ତି ଅଟଇ ।

ବାବୁ ଅଚ୍ୟୁତାନନ୍ଦ ଚାଟୁର୍ଯ୍ୟା କନକାଗଡ଼ଙ୍କ ମହାଫିଜକର୍ମରେ ଇସ୍ତଫା ଦେଇଅଛନ୍ତି । ପ୍ରାୟ ଏକମାସରୁ ଅଧିକ ହେବ କନକାଗଡ଼ଣୀ ତାହାଙ୍କ ନାମରେ କେତେକ ଗୁହାରି କଲେ-କ୍ଟରସାହେବଙ୍କ ନିକଟରେ କରିଥିଲେ ମାଷ୍ଟ ସାହେବ ପ୍ରଶଂସିତ ଅନୁସନ୍ଧାନରେ ସମସ୍ତ ଅନର୍ଥକ ଅବା ଭୂଲ ଥିବାର ସିଦ୍ଧାନ୍ତ କର ବାବୁ-ଙ୍କୁ ଅବ୍ୟାହତି ଦେଇଥିଲେ । କଥିତ ହୁଏଇ ଯେ ରାଣୀ କଲେକ୍ଟର ସାହେବଙ୍କ ନିଷ୍ପ-ତ୍ତିରେ ତୁଷ୍ଟ ନ ହୋଇ ଅନ୍ୟ ପ୍ରକାରେ ଲେଉଟିବାର ଉଦ୍‌ଯୋଗ ଲଗାଇଥିଲେ । ଏଥି-

Digitized by srujanika@gmail.com

ମଧ୍ୟରେ ବାବୁ ଇସ୍ତଫା ଦେବାରୁ ବୋଧ ହୁଏଇ ରାଣୀ ହିଲ୍ସ ଉଦ୍‌ଯୋଗରୁ ଷାନ୍ତ ହେବେ । ଫଳତଃ ପ୍ରକୃତରେ ବାବୁଙ୍କର କୌଣସି ଦୋଷ ଥାଉ ବା ନ ଥାଉ ଯେତେବେଳେ ରାଣୀଙ୍କ ସହିତ ତାହାଙ୍କର ମନାନ୍ତର ଘଟିଲା ସେତେବେଳେ ରାଜସରକାରରେ ତାଙ୍କର କାର୍ଯ୍ୟ କରିବା ସୁଖକର ବା ନିରାପଦ ହେବ ନାହିଁ । ସୁତରାଂ ବାବୁ ମହାଶୟ ଇସ୍ତଫା ଦେଇ ସୁବିଜ୍ଞର କାର୍ଯ୍ୟ କରିଅଛନ୍ତି ।

---

ଷ୍ଟେଟ୍ସମ୍ୟାନରେ ଏ ନଗରର ଓକିଲମାସ ତା ୪ ରିଖର ଖଣ୍ଡିଏ ପତ୍ର ପ୍ରକାଶିତ ହୋଇଅଛି କି ଗତ ମାସ ତା ୨୯ ରିଖରେ ମୁନସି ସୁବ-ଘାଳ ମହମ୍ମଦଙ୍କ ଘରଠାରେ ଓଡ଼ିଶା-ଇସଲାମ ସଭାର ଏକ ଅଧିବେଶନ ହୋଇ ମହାମାନ୍ୟ ଲର୍ଡ଼ ଏଲଗିନ ଏବଂ ମହାମାନ୍ୟ ଲେଡ଼ି ଏଲଗିନ ଏ ଦେଶ ତ୍ୟାଗ କରି ଯାଉ-ଥିବାରୁ ତହିଁରେ ଦୁଃଖ ପ୍ରକାଶ କରିବା ଏବଂ ଲର୍ଡ଼ ଏଲଗିନଙ୍କୁ ଖଣ୍ଡିଏ ଅଭିନନ୍ଦନପତ୍ର ଦେବାର ଧାର୍ଯ୍ୟ ହେଲା ଏବଂ ଅଭିନନ୍ଦନପତ୍ର ରଚନା ମଧ୍ୟ ଏହି ସଭାରେ ପଠିତ ଓ ଧାର୍ଯ୍ୟ ହେଲା । ଜଣେ ବଙ୍ଗୀ ଅଭିନନ୍ଦନପତ୍ର ଦେବା-ବିଷୟରେ ଆପତ୍ତି କରି ଲର୍ଡ଼ ଏଲଗିନଙ୍କ ଶାସନନୀତିରେ ବ୍ୟକ୍ତ କରି ହେଲେ ତଥା ଏହି ସଭାରେ ପ୍ରକାଶ କରିଥିଲେ ମାତ୍ର ବୋଧ ହୁଏ କି ସଭାର ମତ ଫେରାଇ ପାରିଲେ ନାହିଁ । ଏ ପତ୍ରରେ ଅଦ୍ଭୁତ ଦେଖାଯାଏ କି ଓଡ଼ିଶା-ଇସଲାମସଭା କଲିକତା-ମହାମେଡାନ-ଇସଲାମିଆ-ସଭା ସଙ୍ଗେ ମିଶିଯିବାର ଏକ ଅଧିବେଶନରେ ଧାର୍ଯ୍ୟ ହେଲା । ମିଶିଯିବାର ଅର୍ଥ ଠିକ ଅର୍ଥାତ ଇସଲାମସଭା ଏଠାରୁ ଏକାବେଳକେ ଅଦୃଶ୍ୟ ହେଲା ବା କଲିକତାସଭାର ଶାଖା ହୋଇ ରହିଲା ଠିକ ବୁଝା ଯାଉ ନାହିଁ ।

---

ବାବୁ ଭୋଳାନାଥ ସାମନ୍ତରାୟ ଉତ୍କଳ-ସମ୍ବାଦପତ୍ରମାନଙ୍କର ସମ୍ପାଦକସମୂହରେ ଉଦ୍ଧତରୂପେ ଦୃଷ୍ଟ ହୋଇ କହିଁଠାରୁ ଏଥିମଧ୍ୟରେ ଓଡ଼ିଆ-ସମ୍ବାଦପତ୍ରକୁ ଏକଖଣ୍ଡ ଏବଂ ବାଲେଶ୍ୱରସମ୍ବାଦବାହିକାକୁ ଏକଖଣ୍ଡ ପତ୍ର ଲେଖି ପଠାଇଅଛନ୍ତି ଓ ସେ ସବୁ ପ୍ରକାଶ ହୋଇଅଛି । ଓଡ଼ିଆରେ ପ୍ରକାଶିତ ପତ୍ରର ଶେଷରେ ଲେଖାଅଛି କି "ଯେତେ ଉତ୍କଳୀୟ-ସମ୍ପାଦକମାନେ କର୍ତ୍ତବ୍ୟ ଭ୍ରଷ୍ଟ ହୋଇ ବ୍ୟକ୍ତିଗତ କୁତ୍ସାପୂର୍ଣ୍ଣ ଓ ସ୍ୱାର୍ଥଜଡ଼ିତ ପ୍ରବନ୍ଧ ଲେଖନ୍ତି ଏବଂ ଉତ୍ସଙ୍ଗେ ଉତ୍କଳୀୟମାନଙ୍କର ମନ ଓ ରୁଚିର ସ୍ଥାନକାଳ ଯଥେଷ୍ଟ ଦଅନ୍ତି ମୁଁ ଅତ୍ୟନ୍ତ ନମ୍ରଭାବରେ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛି ଯେ ଏପରି ସମ୍ବାଦପତ୍ର ଯେମନ୍ତ ନ ପଢ଼ନ୍ତି ।" ବାହାକାରେ ପ୍ରକାଶିତପତ୍ରରେ ବିରୂପ ସମାଲୋଚନା ଏବଂ ଯୋଗ୍ୟଲୋକ ସମ୍ବାଦପତ୍ରର ସମ୍ପାଦକ ହେବାର ହେଲେ ତହିଁର ବାହୁଲ୍ୟ ବ୍ୟାଖ୍ୟା ଉତ୍ତାରୁ ଉତ୍କଳୀୟ-ସମ୍ପାଦକମାନଙ୍କୁ ବିନୀତଭାବରେ ଅନୁରୋଧ କରିଅଛନ୍ତି କି "ସେମାନେ ସମ୍ବାଦପତ୍ର ଲେ-ଖିବାବେଳେ ନିଜଦାୟିତ୍ୱ ସ୍ମରଣ କରିବେ । ସମ୍ପାଦକର ଦାୟିତ୍ୱ-ଜ୍ଞାନ ନ ଥିଲେ ସେ ସମ୍ବାଦପତ୍ର ପାଠଯୋଗ୍ୟ ନୁହଇ ଏହା ନିଶ୍ଚୟ" ଲେଖକଙ୍କ ଯାହା ଇଚ୍ଛା ସକାଶେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ମାତ୍ର ଭଲ ଉପଦେଶ ନ ଦେଇ ଯେତେ ସମୟରେ ଆଦର୍ଶପ୍ରବନ୍ଧ ଓ ଉତ୍କଳସମ୍ବାଦପତ୍ରରେ ପ୍ରକାଶ ହେଉଥିବା ପ୍ରବନ୍ଧଲେଖକର ସମାଲୋଚନା ପ୍ରକାଶ କରନ୍ତି ତେବେ ସମ୍ପାଦକମାନଙ୍କର ପ୍ରକୃତ ଶିକ୍ଷା ଏବଂ ତାହାଙ୍କର ବାଞ୍ଛିତ ଫଳ ଲାଭ ହୁଅନ୍ତା ।

---

କଟକର କଲେକ୍ଟର ଶ୍ରୀଯୁକ୍ତ ଟ୍ୟୁଟ ସାହେବ ଏଠାର ଆସେସର ଇନ୍‌ସପେକ୍ଟର କାର୍ଯ୍ୟ ଖାଲି ଥିବାର ବିଜ୍ଞାପନ ପ୍ରକାଶିତ କରିଅଛନ୍ତି ଅମ୍ଭେ-ମାନେ ଶୁଣିଲୁଁ ଯେ ବର୍ତ୍ତମାନ ଆସେସର ବାବୁ ଦୁର୍ଗାଚରଣ ଦାସ ପ୍ରୋକ୍ତ କାର୍ଯ୍ୟ ସୁଚାରୁରୂପେ ଚଳାଇ ପାରିଲେ ନାହିଁ ସୁତରାଂ ଅନୁପଯୁକ୍ତ ହେବାରୁ ଅନ୍ୟ ଜଣେ ସୁଦକ୍ଷ କର୍ମଚାରୀର ଆବଶ୍ୟକ ଅମ୍ଭେମାନେ ଆଶା କରୁଁ ଶ୍ରୀଯୁକ୍ତ ଟ୍ୟୁଟ ସାହେବ ଉପଯୁକ୍ତ ଶିକ୍ଷିତ ବହୁଦର୍ଶୀ କର୍ମଚାରୀଙ୍କୁ ଉକ୍ତ କର୍ମରେ ନିଯୁକ୍ତ କରିବେ । ଗତ ମାସରେ ଏଠାର ମାନନୀୟ କମିଶନର ଶ୍ରୀଯୁକ୍ତ ଉଥର୍ଣ୍ଣଲ ସାହେବ କେତେକ ଇନ୍‌କମ ଟିକସ ଅପିଲ ଦର୍ଖାସ୍ତରେ ମନ୍ତବ୍ୟ ପ୍ରଦାନ କରିଅଛନ୍ତି ଯହିଁରୁ ସ୍ପଷ୍ଟ ଅନୁଭୂତ ହେଉଅଛି ଯେ ଓଡ଼ିଶାର ଆସେସରମାନେ ଉଚିତ ଅନୁସନ୍ଧାନ ନ କରି ଲୋକମାନଙ୍କ ଉପରେ ଟିକସ ଧାର୍ଯ୍ୟ କରନ୍ତି । ଅମ୍ଭେମାନେ କମିଶନର ସାହେବଙ୍କ ଏପ୍ରକାର ମନ୍ତବ୍ୟ ପାଠ କରି ପ୍ରୀତ ହେଲୁଁ ଓ ଭରସା କରୁଁ କଲେକ୍ଟର ସାହେବ-ମାନେ ଉପଯୁକ୍ତ କର୍ମଚାରୀମାନଙ୍କୁ ଏତେ ବଡ଼ ଦାୟୀ ଓ ବିଶ୍ୱସ୍ତ କାର୍ଯ୍ୟରେ ମନୋନୀତ କରିବେ ଲୋକମାନଙ୍କୁ ଉତ୍ପୀଡ଼ନରେ ପଡ଼ିବାକୁ ହେବ ନାହିଁ । ଲୋକେ ଯେପରି ସୁବିଚାର ପାଇବେ ତାହା ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛା ଓ ଉକ୍ତ ଇଚ୍ଛା ପୂର୍ଣ୍ଣ ହେବା ଅଧୀନସ୍ଥ କର୍ମଚାରୀମାନଙ୍କ ଦକ୍ଷତା ଉପରେ ନିର୍ଭର କରେ କର୍ମଚାରୀମାନଙ୍କ ଦକ୍ଷତା କେବଳ ବହୁବୟସ ଗୁଣରୁ ପ୍ରମାଣିତ ହୁଏ ନା ଅମ୍ଭେମାନେ କହୁ ଯେଉଁ କର୍ମଚାରୀ ଯୁବକ ହେଉ ଅବା ପ୍ରୌଢ଼ ହେଉ ଶିକ୍ଷିତ, ବିଶ୍ୱସ୍ତ, ବହୁଦର୍ଶୀ ହେଲେ ସେ ଏପ୍ରକାର କାର୍ଯ୍ୟର ଗ୍ରାହକ ହୋଇପାରେ ଅତଏବ ଅମ୍ଭେମାନେ ନିବେଦନ କରୁଁ ଯେ କଲେକ୍ଟର ସାହେବ ବାବୁ ଦୁର୍ଗାଚରଣ ଦାସଙ୍କ ଅନୁପଯୁକ୍ତ ବିଚାର କରି ତାଙ୍କୁ ଆସେସର କାର୍ଯ୍ୟରୁ ବହିଷ୍କୃତ କରି ଅନ୍ୟ ଜଣେ ତଦନୁରୂପ କର୍ମଚାରୀଙ୍କୁ ନିଯୁକ୍ତ ନ କରି ଜଣେ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତ କଲେ ଅମ୍ଭେମାନେ ସୁଖୀ ହେବୁଁ । ଅମ୍ଭମାନଙ୍କ ଧାରଣା ଯେ ବର୍ତ୍ତମାନ ଶିକ୍ଷିତ ଯୁବକମାନେ ବହୁଦର୍ଶୀ ନ ହେଲେ ସୁଦ୍ଧା ଅଳ୍ପ କାଳରେ ବହୁଦର୍ଶୀ ସ୍ୱରୂପ କାର୍ଯ୍ୟ କରି ପାରିବେ କାରଣ ଏମାନେ ତତ୍ପର ଓ କାର୍ଯ୍ୟ ଦକ୍ଷ ।

---

ପ୍ରେସିଡେନ୍‌ସିରେ ବାବୁ ମଧୁସୂଦନ ଦାସଙ୍କର ଖଣ୍ଡିଏ ପତ୍ର ପ୍ରକାଶିତ ହେଲା । ସେଥିରେ ଲେଖାଅଛି କି ଓଡ଼ିଶାପେଟ୍ରିଅଟ ନାମରେ ଗତ କେତେକ ବର୍ଷରୁ ଯେଉଁ ଇଂରାଜୀ-ସମ୍ବାଦପତ୍ର ପ୍ରକାଶିତ ହେଉଅଛି ତହିଁରେ ବାବୁ ମହାଶୟଙ୍କର କାୟିକ ବା ଆର୍ଥିକ ବା ଉଭୟ ସାହାଯ୍ୟ ଅଛି ବୋଲି ସାଧାରଣ ମନରେ ଲାଗି ଯାଇଥିବାର ଜଣାଯାଏ । ଏହି ବିଶ୍ୱାସ ଜନ୍ମାଇବାର କେତେକ କାରଣ ହୁଏ ଏବଂ କେହି ଉପଯୁକ୍ତ ଶିକ୍ଷିତ ବ୍ୟକ୍ତି ଏ କଥା କହିଅଛନ୍ତି ବାବୁ ମହାଶୟଙ୍କୁ ଅଗୋଚର ମାତ୍ର ଏଥିର ପ୍ରତିବାଦ କରିବା ଆବଶ୍ୟକ ହେବାରୁ ସର୍ବସାଧାରଣଙ୍କୁ ଜଣାଉ ଦେଉ-ଅଛନ୍ତି କି ଉକ୍ତ ସମ୍ବାଦପତ୍ର ସହିତ ତାହାଙ୍କର କୌଣସି ପ୍ରକାର ଯୋଗ ନ ଥିଲା କି ନାହିଁ ବରଂ ତହିଁରେ ପ୍ରକାଶିତ ହେଉଥିବା ଲେଖା ଏବଂ ପ୍ରବନ୍ଧ କି ତହିଁର ନାନ ସମ୍ପାଦକ ଅସନ୍ତୋଷଜନକ ହେଉଅଛନ୍ତି ତହିଁରେ ପ୍ରକାଶିତ ଅଭିପ୍ରାୟମାନ ପାଠ କରି ବୁଝିଅଛନ୍ତି ଯେ କୌଣସି ବୁଦ୍ଧିମାନ୍ ବ୍ୟକ୍ତିର ତହିଁ ପ୍ରତି ସହାନୁଭୂତି ହେବ ନାହିଁ ଓ ସେ ସବୁ ନିତାନ୍ତ ସ୍ୱାର୍ଥ-ପର ବୋଲି ଜଣା ଯାଉଅଛି ।

Digitized by srujanika@gmail.com